


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୧ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 01 March 2026

Vol.No. 36 ■ No.57 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


# ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ

## ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଭୟଙ୍କର ଆକ୍ରମଣ

## ଶାନ୍ତିଦୂତଙ୍କ ଅସଲ ଚେହେରା ଧରାପଡ଼ିଛି: ରୁଷିଆ

## ଦୋହଲିବ ବିଶ୍ୱ ଅର୍ଥନୀତି

## ଆକ୍ରମଣରେ ଦକ୍ଷିଣ ଇରାନ ସ୍କୁଲରେ ୮୦ ଛାତ୍ରୀ ମୃତ

## ଇରାନର ପାଲଟା ଜବାବ, ଆମେରିକାର ଏକାଧିକ ବେସ ଉପରେ ମିସାଇଲ ମାଡ଼



ନୂଆଦିଲ୍ଲୀ, ୨୮/୨ : ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ । ବାରମ୍ବାର ଚେତାବନୀ ସତ୍ତ୍ୱେ ପରମାଣୁ କାର୍ଯ୍ୟକ୍ରମ ବନ୍ଦ ନକରିବାରୁ ଇରାନ ଉପରେ ଭୟଙ୍କର ଆକ୍ରମଣ କରିଛି ଇସ୍ରାଏଲ । ଆମେରିକା ସହ ମିଶି ଆଜି ସକାଳୁ ଇରାନର ୩୦ରୁ ଅଧିକ ସ୍ଥାନରେ ଏୟାରଷ୍ଟ୍ରାଇକ୍ କରିଛି ଇସ୍ରାଏଲ ସେନା । ଜବାବରେ ଇରାନ ମଧ୍ୟ ପାଲଟା ଆକ୍ରମଣ କରିଛି । ଇସ୍ରାଏଲର ହଇଫା ପୋର୍ଟ ସମେତ ଇରାକ, କୁଏତ, କତାର, ଆବୁଧାବି, ୟୁଏଇ, ବାହାରିନ, ଜୋର୍ଡାନରେ ଥିବା ଆମେରିକା ସୈନ ଠିକଣା ଉପରେ ମିସାଇଲ ବର୍ଷା କରିଛି ଇରାନ । ଜେନେଭା ଆଲୋଚନା ବୈଠକ ବିଫଳ ହେବା ପରେ ମଧ୍ୟପ୍ରାଚ୍ୟରେ କିଛି ଏଭଳି ସ୍ଥିତି ଦେଖିବାକୁ ମିଳିଛି । ଇରାନ ବଡ଼ଧରଣର ଆକ୍ରମଣ ଯୋଜନା କରୁଥିବା ଗୁଇନ୍ଦା ରିପୋର୍ଟ ପାଇବା ପରେ ଶନିବାର ସକାଳୁ ଇରାନ ଉପରେ ଅତର୍କିତ ଆକ୍ରମଣ କରିଛି ଇସ୍ରାଏଲ ସେନା । ଇରାନର ତେହେରାନ ସମେତ ଏକାଧିକ ସହର ଉପରକୁ ଘନ ଘନ ମିସାଇଲ୍ ମାଡ କରିଛି । ଏଥିରେ ଇସ୍ରାଏଲକୁ ସହଯୋଗ କରିଛି ଆମେରିକା । ଆକ୍ରମଣରେ ଇରାନ ସେନା ମୁଖ୍ୟ ଆମିର ହାତମିଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସେପଟେ ଦେଶର ସର୍ବୋଚ୍ଚ ନେତା ଅୟତୁଲ୍ଲା ଖାମେନେଇଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଇସ୍ରାଏଲ ସେନା ଆକ୍ରମଣର କଡ଼ା ଜବାବ ଦେଇଛି ଇରାନ । ଲଗାତାର ୪୦୦ ମିସାଇଲ୍ ବର୍ଷା କରିଛି । ଇସ୍ରାଏଲର ବିଭିନ୍ନ ପୋର୍ଟକୁ ଟାର୍ଗେଟ୍ କରିଛି ଇରାନ ମିସାଇଲ୍। ଏଥିସହ ଇରାକ, ଜୋର୍ଡାନ, କତାର, କୁଏତ, ଆବୁଧାବି, ୟୁଏଇ ଓ ବାହାରିନରେ ଥିବା ଆମେରିକୀୟ ବେସ୍ କ୍ୟାମ୍ପ ଉପରେ ମିସାଇଲ ମାଡ଼ କରିଛି ଇରାନ । କେବଳ ସେତିକି ନୁହେଁ ଆମେରିକାର ସହଯୋଗୀ ଦେଶକୁ ମଧ୍ୟ ସେ ଆଗକୁ ଟାର୍ଗେଟ୍ କରିବ ବୋଲି ଚେତାଇ ଦେଇଛି । ଇରାନ ଓ ଇସ୍ରାଏଲ ମଧ୍ୟରେ ଦୀର୍ଘ ଦିନରୁ ତିକ୍ତତା ଲାଗି ରହିଛି । ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଆମେରିକା ଓ ଇସ୍ରାଏଲ ବିରୋଧ କରୁଛନ୍ତି । ଏହାକୁ ତୁରନ୍ତ ବନ୍ଦ କରିବାକୁ ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ଚେତାବନୀ ଦେଇଛନ୍ତି । ଇରାନର ଏଭଳି କାର୍ଯ୍ୟକଳାପ ସାରା ବିଶ୍ୱ ପାଇଁ ବିପଦ ବୋଲି ଟ୍ରମ୍ପ କହିଛନ୍ତି। ହେଲେ ନିଜ ଜିଦ୍‌ରେ ଅଟଳ ଇରାନର ଖାମେନେଇ ସରକାର । ପରିଣାମ ସ୍ୱରୂପ ଏବେ ମଧ୍ୟପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି।

## ରାଜନଗର ଚାଷୀ ମୃତ୍ୟୁ ଘଟଣା ନ୍ୟାୟ ପାଇବାକୁ ତହସିଲଦାରଙ୍କ ଗୋଡତଳେ ପଡି ମୃତକଙ୍କ ପତ୍ନୀଙ୍କ ନେହୁରା



ଭୁବନେଶ୍ୱର, ୨୮/୨ (ନି.ପ୍ର): ରାଜନଗର ଚାଷୀ ମୃତ୍ୟୁ ଘଟଣାକୁ ଏହା ଭିତରେ ତିନି ଦିନ ପୂରିଲାଣି । ତଥାପି ରହସ୍ୟ ଉପରୁ ପରଦା ଉଠାଇ ପାରୁନି ପୁଲିସ୍ । ଅନ୍ୟପଟେ ଚାରିଆଡୁ ଚାପ ପଡିବା ପରେ ଖୋଳତାଡ଼ ଆରମ୍ଭ କରିଛି ପ୍ରଶାସନ । ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଛି ମଣ୍ଡି ଅବ୍ୟବସ୍ଥାର ଚିତ୍ର । ବ୍ୟବସ୍ଥା ଉପରୁ ଯେତେବେଳେ ଭରସା ତୁଟି ଯାଏ, ମୃତ୍ୟୁ ପରେ ବି କାରଣକୁ ନେଇ ଛକାପଞ୍ଝା ଲାଗି ରହେ । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ମୃତ ଚାଷୀ ତ୍ରିଲୋଚନଙ୍କ ପତ୍ନୀ ତହସିଲଦାରଙ୍କ ଗୋଡ଼ତଳେ ପଡି ନ୍ୟାୟ ମାଗୁଛନ୍ତି । ଏହାକୁ ନେଇ ଚାରିଆଡେ ଚର୍ଚ୍ଚା ଭିତରେ ରାଜନଗରରେ ପହଁଚିଛି ଜିଲ୍ଲା ପ୍ରଶାସନ । ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଚାରିଜଣିଆ ଟିମ ଡାଙ୍ଗମାଳ ସମବାୟ ସମିତି ଯାଇ ଯାଞ୍ଚ କରିଛନ୍ତି । ମୃତ ଚାଷୀ ତ୍ରିଲୋଚନଙ୍କ ପରିବାରକୁ ଭେଟି ବିଭିନ୍ନ ବିଷୟରେ ପଚାରି ବୁଝିଛନ୍ତି । ରାଜନଗର ଚାଷୀ ମୃତ୍ୟୁ ଅଭିଯୋଗ ପରେ ଜୋର ଧରିଛି ରାଜନୀତି । ବିରୋଧୀ ସରକାରକୁ ଦୋଷ ଦେଉଥିବାବେଳେ ଶାସକ ଦଳ ମାନିବାକୁ ନାରାଜ । ◆◆ପୃଷ୍ଠା ୭

## ସମଲେଶ୍ୱରୀଙ୍କ ଦର୍ଶନ କରି ସମଲେଇ ପ୍ରକଳ୍ପ ବୁଲିଲେ ମହାନଦୀ ଟ୍ରିବ୍ୟୁନାଲ ଟିମ୍: ବିରୋଧ କରି ସମ୍ବଲପୁରରେ ଗର୍ଜିଲେ ଚାଷୀ

ଭୁବନେଶ୍ୱର, ୨୮/୨ (ନି.ପ୍ର): ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଗସ୍ତରେ ଅଛନ୍ତି ଟ୍ରିବ୍ୟୁନାଲର ସଦସ୍ୟ । ଗତକାଲି ହୀରାକୁଦ, ଚିପିଲିମାରେ ଅନୁଧ୍ୟାନ କରିବା ପରେ ଆଜି ସମ୍ବଲପୁରରେ ମା' ସମଲେଇ ଦର୍ଶନ କରିବା ପରେ ସମଲେଇ ପ୍ରକଳ୍ପ ବୁଲି ଦେଖିଛନ୍ତି । ଅନ୍ୟପଟେ ଟ୍ରିବ୍ୟୁନାଲକୁ ବିରୋଧ କରି କଟକରେ ପ୍ରତିବାଦ କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ । ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ବିବାଦ ସମାଧାନ ପାଇଁ ଚାଲିଛି ବାଟ ଖୋଜା । ଉଭୟ ରାଜ୍ୟର ସ୍ୱାର୍ଥ ଯେମିତି ସୁରକ୍ଷିତ ରହିବ, ତାକୁ ନଜରରେ ରଖି ପାଦ ପକାଉଛନ୍ତି ଟ୍ରିବ୍ୟୁନାଲ ଟିମ୍ । ଟ୍ରିବ୍ୟୁନାଲ ଅଧ୍ୟକ୍ଷା ଜଷ୍ଟିସ୍ ଏମ. ବେର୍ଲାଙ୍କ ନେତୃତ୍ୱରେ ଆସିଥିବା ଟିମ୍ ଗତକାଲି ମହାନଦୀର ବିଭିନ୍ନ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଆଜି ସମ୍ବଲପୁରରେ ମା' ସମଲେଶ୍ୱରୀ ଦର୍ଶନ କରିବା ପରେ ସମଲେଇ ପ୍ରକଳ୍ପ ବୁଲି ଦେଖିଛନ୍ତି । ଉଭୟ ରାଜ୍ୟର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ମୌସୁମୀ ସମୟରେ ମହାନଦୀର ଜଳ ପ୍ରବାହ ଓ ଅନ୍ୟାନ୍ୟ ସ୍ଥିତି ସମ୍ପର୍କରେ ବୁଝିଥିଲେ । ହୀରାକୁଦ ନଦୀବନ୍ଧର ଜଳ ଧାରଣ କ୍ଷମତା ଓ ଜଳ ବିଦ୍ୟୁତ୍ ଉତ୍ପାଦନର ସ୍ଥିତି ନେଇ ଆଲୋଚନା କରିଥିଲେ ।

## ରାଜ୍ୟସଭା ନିର୍ବାଚନ ପାଇଁ ୨ ଜଣଙ୍କ ନାଁ ଘୋଷଣା କଲା ବିଜେଡି



ଭୁବନେଶ୍ୱର, ୨୮/୨ (ନି.ପ୍ର): ସବୁ କଳ୍ପନାଜଳ୍ପନାର ଘଟିଲା ଅନ୍ତ। ୨ ଜଣଙ୍କ ନାଁ ଘୋଷଣା କଲା ବିଜେଡି । ଡାକ୍ତର ଦତ୍ତେଶ୍ୱର ହୋତା ଏବଂ ସଂତୃପ୍ତ ମିଶ୍ରଙ୍କୁ ମିଳିଲା ଟିକେଟ୍ । ଏହି ଦୁଇ ଜଣଙ୍କ ନାଁରେ ଲାଗିଲା ମୋହର । ଦତ୍ତେଶ୍ୱରଙ୍କୁ କମନ କ୍ୟାଣ୍ଡିଡେଟ୍ କହିଲେ ନବୀନ । ସଂତୃପ୍ତ ଆମ ଦଳର ପ୍ରାର୍ଥୀ କହିଲେ ନବୀନ । ତେବେ ସମସ୍ତ ଦଳର ସମର୍ଥନ ଲୋଡିଲେ ନବୀନ ପଟ୍ଟନାୟକ । ସମସ୍ତେ ତାଙ୍କୁ ସମର୍ଥନ କରନ୍ତୁ ବୋଲି କହିଲେ ନବୀନ । ନବୀନଙ୍କୁ କୃତଜ୍ଞତା ଜଣାଇଲେ ସଂତୃପ୍ତ ମିଶ୍ର । କହିଲେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ନମ୍ରତାର ସହ ଗ୍ରହଣ କରୁଛି । ସମସ୍ତଙ୍କ ସହଯୋଗ କାମନା କରୁଛି । ତେବେ କାହାକୁ କେଉଁ ଦଳ କରିବ ପ୍ରାର୍ଥୀ, କିଏ ସଂସଦର ଉଚ୍ଚସଦନକୁ ଯିବାକୁ ପାଇବ ଟିକେଟ, ତାକୁ ନେଇ ରାଜ୍ୟବାସୀ ଓ ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିବିଶେଷଙ୍କ ଠାରେ ଥିଲା ଉତ୍କଣ୍ଠା । ଏସବୁ ଭିତରେ ନବୀନ ନିବାସରେ ପ୍ରାର୍ଥୀ ନେଇ ଚାଲି ଥିଲା ଅଙ୍କକଷା । ନବୀନ ନିବାସରେ ଡାକ୍ତର ଦତ୍ତେଶ୍ୱର ହୋତା ପହଞ୍ଚିବା ପରେ ବଢ଼ିଥିଲା ଚର୍ଚ୍ଚା । ସଂତୃପ୍ତ ମିଶ୍ର ବି ନବୀନ ନିବାସରେ ଥିଲେ । କାହାକୁ ରାଜ୍ୟସଭା ପାଇଁ ଟିକେଟ୍ ? ମିଳିବ ତାକୁ ନେଇ ଥିଲା ଅପେକ୍ଷା । ଶାସକ ଦଳ ବିଜେପି ଓ ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ପକ୍ଷରୁ ଚାଲିଥିଲା ଜୋରଦାର କସରତ, ତିନି ଦଳରେ ଘନଘନ ଚାଲିଥିଲା ମାନସମନ୍ଥନ । ଏସବୁ ଭିତରେ ଆଜି ବିଜୁ ଜନତା ଦଳ ନିଜର ପ୍ରାର୍ଥୀ ଘୋଷଣା କରିଛି ।

### ରାଜ୍ୟସଭା ପ୍ରାର୍ଥୀ, ନବୀନ-ଭକ୍ତ ଏକାଠି: ନବୀନ ନିବାସରେ ହୋଇଥିଲା ଗୁପ୍ତ ରଣନୀତି !



ଭୁବନେଶ୍ୱର, ୨୮/୨ (ନି.ପ୍ର): ରାଜନୀତିରେ କେହି କାହାର ଚିରଶତ୍ରୁ କି ଚିର ମିତ୍ର ନୁହନ୍ତି। କ୍ଷମତା ଓ ସତ୍ତା ଆଗରେ ସବୁ ମାଫ୍ । ଏଭଳି ଏକ ଝଲକ ରାଜ୍ୟ ରାଜନୀତିରେ ଆଜି ଦେଖିବାକୁ ମିଳିଛି । ଚତୁର୍ଥ ଆସନ ପାଇଁ ନବୀନ ଓ ଭକ୍ତ ହାତ ମିଳାଇଛନ୍ତି । ପ୍ରତିଦ୍ୱନ୍ଦ୍ୱୀ ପାଲଟଛନ୍ତି ସହଯୋଗୀ । ସନ୍ତୃପ୍ତଙ୍କ ପ୍ରାର୍ଥୀତ୍ୱକୁ ନେଇ ଯେତିକି ଚର୍ଚ୍ଚା ହୋଇନି ଚତୁର୍ଥ ପ୍ରାର୍ଥୀ ଦତ୍ତେଶ୍ୱରଙ୍କୁ ନେଇ ରାଜ୍ୟ ରାଜନୀତି ◆◆ପୃଷ୍ଠା ୭

## ବିଜେଡିରୁ ବହିଷ୍କୃତ ହେଲେ ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର, ୨୮/୨ (ନି.ପ୍ର): ରାଜ୍ୟସଭା ପ୍ରାର୍ଥୀ ଘୋଷଣା ପରେ ବିଜେଡିରେ ବଡ଼ ହଲଚଲ । ପ୍ରାର୍ଥୀ ଘୋଷଣାକୁ ନେଇ ଅସନ୍ତୋଷ ଜାହିର କରିବା ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନେଇଛନ୍ତି ବଡ଼ କାର୍ଯ୍ୟାନୁଷ୍ଠାନ । ବିଜେଡିରୁ ବହିଷ୍କୃତ ହେଲେ ପ୍ରଭାତ ବିଶ୍ୱାଳ । ଆଜି ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରିବା ପରେ ପ୍ରଭାତ ବିଶ୍ୱାଳ ଏହାକୁ ବିରୋଧ କରିଥିଲେ । ସ୍ଥିତି ଜଟିଳ ହେବା ପରେ ଗଣମାଧ୍ୟମରେ ମଧ୍ୟ ପ୍ରତିକ୍ରିୟା ରଖି ଦଳରୁ ଦୂରେଇ ଯିବି ବୋଲି କହିଥିଲେ । ଆଉ ଏବେ ପ୍ରଭାତଙ୍କ ଉପରେ ବିଜେଡି ଆକ୍ସନ ନେଇଛି । ରାଜ୍ୟସଭା ନିର୍ବାଚନ ବିଜେଡି ସନ୍ତୃପ୍ତ ମିଶ୍ରଙ୍କୁ ପ୍ରାର୍ଥୀ ଓ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କମନ କ୍ୟାଣ୍ଡିଡେଟ ଭାବେ ଘୋଷଣା କରିଛି । ସନ୍ତୃପ୍ତଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ ବିଜେଡି ନେତା ପ୍ରଭାତ ବିଶ୍ୱାଳ । ହାରିଥିବା ନେତା କାହିଁକି ରାଜ୍ୟସଭା ଯିବେ ବୋଲି ପ୍ରଶ୍ନ କରିଥିଲେ ପ୍ରଭାତ । ଯେଉଁମାନେ କାମ କରୁଛନ୍ତି ତାକୁ ଦିଆଯାଉ । ଦଳର କର୍ତ୍ତବ୍ୟ କରିଥିବା ନେତାଙ୍କୁ ଗୁରୁତ୍ୱ ଦିଆଯାଉ। ◆◆ପୃଷ୍ଠା ୭

## ବାଣ କାରଖାନାରେ ବିସ୍ଫୋରଣ: ୨୦ ମୃତ, ୮ ଗୁରୁତର



ଆନ୍ଧ୍ର ପ୍ରଦେଶ, ୨୮/୨: ଆନ୍ଧ୍ର ପ୍ରଦେଶର କାକିନାଡା ଜିଲ୍ଲାର ବେଟଲାପଲେମ ଗାଁରେ 'ସୂର୍ଯ୍ୟ ଶ୍ରୀ ବାଣ କାରଖାନା'ରେ ଶନିବାର ବିସ୍ଫୋରଣ ଘଟି ୨୦ ଜଣ କର୍ମଚାରୀଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ମହିଳା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ କିଛି ମୃତଦେହ ନିକଟସ୍ଥ ଚାଷ ଜମିରେ ଯାଇ ପଡ଼ିଥିଲା। କିଛି ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଛି। ଗୁରୁତର ଆହତମାନଙ୍କୁ କାକିନାଡା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଶରୀରର ୯୦ରୁ ୧୦୦ ପ୍ରତିଶତ ପୋଡ଼ିଯାଇଛି ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ସେମାନଙ୍କୁ ଚିକିତ୍ସା କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିସ୍ଫୋରଣ ପରେ ପୂରା ଅଞ୍ଚଳ କଳା ଧୂଆଁରେ ଭରି ଯାଇଥିଲା। କାରଖାନାଟି ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ପୁଲିସ୍, ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଯାଇଥିଲା। ଘଟଣାସ୍ଥଳ ପାଖରେ ଥିବା ଧାନ କ୍ଷେତଗୁଡ଼ିକରେ କିଛି ମୃତଶରୀର ପଡ଼ିଥିଲା। କିଛି ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଛି। ମୃତକଙ୍କ ଶରୀରରୁ ଅଲଗା ହୋଇ ଧାନକ୍ଷେତରେ ପଡ଼ିଥିବା ଅଙ୍ଗଗୁଡ଼ିକୁ ଠାବ କରିବାକୁ ପୁଲିସ୍ ଡ୍ରୋନ୍‌ର ସହାୟତା ନେଇଥିଲା। କାହିଁକି ଏତେ ବଡ଼ ଅଘଟଣ ଘଟିଲା, ତାହା ସ୍ପଷ୍ଟ ହୋଇପାରିନାହିଁ। ◆◆ପୃଷ୍ଠା ୭

## ପାରାଦୀପରେ ପୁଣି ଲଜ୍ଜା: ୭ ବର୍ଷୀୟ ଶିଶୁକନ୍ୟାକୁ ଦୁଷ୍କର୍ମ

ଜଗତସିଂହପୁର , ୨୮/୨ (ନି.ପ୍ର): ପାରାଦୀପର ତାରିଣିଗଡ଼ାରେ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା ଘଟଣା ମନରୁ ଲିଭି ନଥିବା ବେଳେ ଏହି ଅଞ୍ଚଳରେ ପୁଣି ଏକ ଅଭାବନୀୟ ଘଟଣା ଘଟିଛି। ପାରାଦୀପରେ ଆଜି ଘଟିଥିବା ଘଟଣା ନେଇ ପୁଣି ଚର୍ଚ୍ଚା ହେଉଛି। ଜଣେ ୭ ବର୍ଷ ବୟସର ଶିଶୁକନ୍ୟାକୁ ଥଣ୍ଡା ପାନୀୟରେ ମଦ ମିଶାଇ ଚିକେନ ଦୋକାନ ଭିତରେ ଦୁଷ୍କର୍ମ ନେଇ ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଅଭିଯୁକ୍ତକୁ ବାନ୍ଧି ନିସ୍ତୁକ ମାଡ ମାରିବା ସହ ପୁଲିସରେ ଜିମା ଦେଇଛନ୍ତି। ଅଭିଯୁକ୍ତ ଚିକେନ ଦୋକାନୀ କର୍ମଚାରୀ ବୋଲି ଜଣାପଡ଼ିଛି। ଅଭିଯୁକ୍ତକୁ ପୁଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଚଳିତ ସପ୍ତାହରେ ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ତାରିଣୀଗଡ଼ାରେ ଏକ ଚାରି ମହଲା କୋଠା ନିକଟରୁ ଜଣେ ଅଜ୍ଞାତ ମହିଳାଙ୍କ କ୍ଷତାକ୍ତ ଶବ ଆଜି ସକାଳେ ପୁଲିସ ଜବତ କରିଥିଲା। ମହିଳାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହରେ ପୁଲିସ ତନାଘନା ଚଳାଇଛି। ମହିଳାଙ୍କ ଡାହାଣପଟ କାନମୁଣ୍ଡାରେ ଆଘାତ ଲାଗି ପ୍ରଚୁର ◆◆ପୃଷ୍ଠା ୭

## ୨୦ ମାସରେ ୧୦୯ଟି ପ୍ରକଳ୍ପରେ ୧.୭୬ ଲକ୍ଷ ନିଯୁକ୍ତି ସୃଷ୍ଟି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮/୨ (ନି.ପ୍ର): ଗତ ୨୦ ମାସ ଧରି ରାଜ୍ୟ ସରକାର 'ବିକଶିତ ଓଡ଼ିଶା- ବିକଶିତ ଭାରତ' ଦୃଷ୍ଟିକୋଣକୁ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପରିବର୍ତ୍ତନ, ଭିତ୍ତିଭୂମି ସଂପ୍ରସାରଣ ଓ ସାଂସ୍କୃତିକ ପୁନରୁତ୍ଥାନ ମାଧ୍ୟମରେ ରୂପାୟନ କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନ୍ ?ଭେନସନ ସେଣ୍ଟର ଠାରେ ଆୟୋଜିତ 'ବିକାଶ ମନ୍ଥନ ୧.୦ : ଗଭର୍ଣ୍ଣାନ୍‌ସ ଇନ୍ ଆକ୍ସନ୍' କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଦୃଢ଼ ନେତୃତ୍ୱ, ସ୍ପଷ୍ଟ ନୀତି ଓ ସାମୂହିକ ସଙ୍କଳ୍ପ ଦ୍ୱାରା ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଦୟ ହୋଇପାରିଛି। ସେ କହିଥିଲେ ଯେ, ସମୃଦ୍ଧ ଓଡ଼ିଶା ଗଠନରେ ସ୍ପଷ୍ଟ ମାର୍ଗଦର୍ଶନ ପାଇଁ ଏଭଳି ବିଚାରବିମର୍ଷ ଅତ୍ୟନ୍ତ ଜରୁରୀ। ଚଳିତ ବର୍ଷ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ଜାତୀୟ ହାରଠାରୁ ଅଧିକ। ଗତ ୨୦ ମାସରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକର୍ଷଣ କରାଯାଇଛି। ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ ହୋଇଥିବା ବେଳେ ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ଓଡ଼ିଶାକୁ ଏକ ଡିଜିଟାଲ ଓ ଶିଳ୍ପ ଶକ୍ତିକେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ସେ କହିଥିଲେ ଯେ, ରାଜ୍ୟର ବଜେଟ ପ୍ରଥମଥର ପାଇଁ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାକୁ ଯାଉଛି। ଭିତ୍ତିଭୂମି ଉନ୍ନତି ପାଇଁ ଚଳିତ ବଜେଟରେ ୭୨ ହଜାର ୧୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ଏଝଉଚ ର ୬.୫ ପ୍ରତିଶତ। ବଡ଼ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଋଣ ହାର ସବୁଠାରୁ କମ୍ ରହିଥିବା ବେଳେ ଏହା ୧୩.୬ ପ୍ରତିଶତ ରହିଛି, ଯାହା ଋଜଈଗ ସୀମାଠାରୁ ଯଥେଷ୍ଟ କମ୍। ◆◆ପୃଷ୍ଠା ୭

# ମହିଳାଙ୍କୁ ଜେଏସଡବ୍ଲ୍ୟୁ ସ୍ୱତନ୍ତ୍ର ପରିଚୟ ଦେଇଛି



ପାରାଦୀପ, ୨୮/୨ (ନି.ପ୍ର): ପାରାଦୀପରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ବିକାଶ ମୂଳକ ପଦକ୍ଷେପ ପ୍ରକଳ୍ପ ସ୍ଥାପନ ପୂର୍ବରୁ ବିଭିନ୍ନ ଯୋଜନାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ମହିଳାଙ୍କୁ ଆତ୍ମ ନିର୍ଭରଶିଳତା ଠାରୁ ଆରମ୍ଭ କରି କୃଷି,ଶିକ୍ଷା,ସ୍ୱାସ୍ଥ୍ୟ ଓ ଆଲୋକିକରଣ କ୍ଷେତ୍ରରେ ସାର୍ବଜନୀନ ସ୍ଥାନରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପହଞ୍ଚି ପାରିଛି। ସ୍ଥାନୀୟ ଅଞ୍ଚଳରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ପରିଚୟ ସ୍ୱତନ୍ତ୍ର। ମହିଳା ମାନଙ୍କୁ ଜେଏସଡବ୍ଲ୍ୟୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୨୪୬ ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ମାନେ ଛତୁ ଚାଷରେ ୯୮,୪୦୦ ବେଡ ତିଆରି କରିଛନ୍ତି। ସେମାନେ ମାସକୁ ୫ ହଜାର ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି। ଜୀବିକା ନିର୍ବାହ ପାଇଁ ୧,୯୦୯ ଜଣ ଚାଷୀଙ୍କୁ ଦକ୍ଷତା ପ୍ରଦାନ କରାଯାଇଛି। ଯାହାଦ୍ୱାରା କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ଆଗକୁ ବଢିଛନ୍ତି। ଧୂପକାଠି,କୁକୁଡ଼ା ପାଳନ,ଛତୁ ଚାଷ ରେ ନିୟୋଜିତ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ବିଶେଷ ଭାବେ ଲାଭବାନ ହୋଇପାରି ଛନ୍ତି।ସେହିପରି ୬୧୨ ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା କୁକୁଡ଼ା ଚାଷ କରୁଛନ୍ତି। ସେମାନଙ୍କର ଆଭେରେଜ ମାସିକ ଆୟ ୩,୫୦୦ ଟଙ୍କାରେ ପହଞ୍ଚିଛି। ବିରି ବଢି ତିଆରି ପାଇଁ ୪୩ ଟି ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ମାନେ ପ୍ରତି ମାସରେ ୩ ଶହ କିଗ୍ରା ବଢି ତିଆରି କରୁଛନ୍ତି। ପ୍ରତି ମାସରେ ୧୫ ଶହ ଟଙ୍କା ଆୟ କରୁଛନ୍ତି। ମାଆ ଶାରଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ୮ ଜଣ ସଦସ୍ୟା ବ୍ୟାଗ ତିଆରି କରି ପ୍ରତି ମାସରେ ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି।ସମ୍ଭାବନା ପିଜି ର ୧୦ ଜଣ ସଦସ୍ୟା ପ୍ରତି ମାସରେ ୨୫୦ କିଗ୍ରା ମସଲା ତିଆରି କରୁଛନ୍ତି। ପ୍ରତି ମାସରେ ପ୍ରତ୍ୟେକ ସଦସ୍ୟା ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି। ସେହିପରି ମାଆ ଅନ୍ନପୂର୍ଣ୍ଣା ପିଜି ର ୧୪ ଜଣ ସଦସ୍ୟା ଝୋଟ ବ୍ୟାଗ ତିଆରି କରି ପ୍ରତି ମାସରେ ୨,୫୦୦ ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି। ଧୂପକାଠି ଟିଆରି କରି ୪୫ ଟି ର ସ୍ୱଂୟ ସହାୟିକା ଗୋଷ୍ଠୀ ର ମହିଳା ମାନେ ମାସକୁ ସର୍ବନିମ୍ନ ୧,୭୫୦ ଟଙ୍କା ଲେଖାଏଁ ରୋଜଗାର କରୁଛନ୍ତି। ସେହିପରି ନୋଳିଆ ସାହି ରେ ଶୁଖୁଆ ଶୁଖାଇବା ପାଇଁ ମା ' ଚର୍ଚ୍ଚିକା ପିଜି ର ୨୦ ଜଣ ମହିଳା ମାନଙ୍କୁ ୨ ଟି ଉଚ୍ଚ କ୍ଷମତା ସମ୍ପନ୍ନ ଶୌର ଶକ୍ତି ଚାଳିତ ମାଛ ଶୁଖାଇବା ଯନ୍ତ୍ର ପ୍ରଦାନ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା। ଏହି ମାଛ ଶୁଖାଇବା ଯନ୍ତ୍ର ସାହାଯ୍ୟରେ ୩ ଘଣ୍ଟାକୁ ୨୦ କିଗ୍ରା ଶୁଖୁଆ ଉତ୍ପାଦନ ହୋଇପାରୁଛି। ଯାହାଦ୍ୱାରା ବିଶେଷ କରି ବର୍ଷା ଦିନ ମାନଙ୍କରେ ଏମାନଙ୍କ ପାଇଁ ଏହି ମେସିନ ବରଦାନ ପାଲଟିଛି। ଯାହାଦ୍ୱାରା ଉନ୍ନତ ମାନର ଶୁଖୁଆ ଉତ୍ପାଦନ ହୋଇ ପାରୁଛି। ମୋଟାମୋଟି ଭାବରେ ୩,୦୪୩ ଟି ଘର ପରିବାର ଙ୍କ ଅତିରିକ୍ତ ଆୟ ବୃଦ୍ଧି ପାଇଛି। ଏ ନେଇ ନୂଆଗାଁ ର ସୁବାସିତ ପ୍ରଡ୍ୟୁସର ଗ୍ରୁପ ର ସଭ୍ୟା ଶର୍ମିଷ୍ଠା ଜେନା କହିଛନ୍ତି ପୂର୍ବରୁ ଧୂପକାଠି ତିଆରି କରୁଥିଲୁ। କିନ୍ତୁ ଆଗକୁ ଯାଇ ପାରୁ ନ ଥିଲୁ। ଜେଏସବ୍ଲ୍ୟୁ ପକ୍ଷରୁ ସାହାଯ୍ୟ ସହଯୋଗ ମିଳିବା ପରେ ଏବେ ଆମ ଗ୍ରୁପ ର ୩୦ ଜଣ ସଦସ୍ୟା ଧୂପକାଠି ତିଆରି କରି ପରିବାର ପ୍ରତିପୋଷଣ କରିପାରୁଛୁ। ସେହିପରି ମିନାକ୍ଷୀ ଦାସ କହିଛନ୍ତି କମ୍ପାନୀ ନିର୍ମାଣ ରେ ଆମର ୨ ଟି ପାନ ବରଜ ପଳେଇ ଯାଇଛି। ପାନ ଚାଲିଯିବା ପରେ ଆମେ ଜୀବିକା ହରାଇ ବସିଥିଲୁ। ସେହି ସମୟରେ ଜେଏସଡବ୍ଲ୍ୟୁ ଉତ୍କଳ ପକ୍ଷରୁ ସହଯୋଗ ର ହାତ ବଢାଇଲେ। ଆମେ ଏକଥି ହୋଇ ଛତୁ ଚାଷ କରିବା ପାଇଁ ନିଷ୍ପତ୍ତି କଲୁ। ଜେଏସଡବ୍ଲ୍ୟୁ ପକ୍ଷରୁ ମ୍ୟାଟେରିଆଲ ଯୋଗାଇ ଦିଆଗଲା।୨ ଶହ ବେଡ ତିଆରି କରି ଛତୁଚାଷ କରି ପରିବାର ପ୍ରତିପୋଷଣ କରିପାରୁଛୁ। ଆଗକୁ ଆହୁରି ଅଧିକ ପରିମାଣ ରେ ଛତୁ ଚାଷ କରିବୁ ବୋଲି ଶର୍ମିଷ୍ଠା ଦାସ କହିଛନ୍ତି। ଗୋବିନ୍ଦପୁର ଅନ୍ନପୂର୍ଣ୍ଣା ପିଜି ର ସଭ୍ୟା ସନ୍ଧ୍ୟାରାଣୀ ଦଳାଇ କହିଛନ୍ତି ଝୋଟ ରୁ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରି ପ୍ରତି ମାସରେ ମୁଣ୍ଡପିଛା ହାରାହାରି ୧,୫୦୦ ଟଙ୍କା ଆୟ କରୁଛୁ। ଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀ ର ଅନିତା ନାୟକ ଙ୍କ ନେତୃତ୍ୱ ରେ ଛତୁ ଚାଷ କୁ ଏକ ସ୍ଥାୟୀ ଆୟ ଭାବରେ ଗ୍ରହଣ କରି ୨ ଶହ ଶଯ୍ୟା ବିଶିଷ୍ଟ ଛତୁ ଚାଷ କୁ ଏକ କ୍ଷୁଦ୍ର ଉଦ୍ୟୋଗ ରେ ପରିଣତ କରି ସ୍ୱାବଲମ୍ବୀ ହୋଇଥିବା କହିଛନ୍ତି। ପୋଲାଙ୍ଗ ରେ କୃଷ୍ଣ ସ୍ୱୟଂ ସହାୟିକା ଗୋଷ୍ଠୀ ଏକ ବୃହତ ସ୍ତର ରେ କୁକୁଡ଼ା ଚାଷ କରି ଯଥେଷ୍ଟ ଲାଭ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ବୃଦ୍ଧି କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିବା କହିଛନ୍ତି।

# ମାର୍ଚ୍ଚ ୨ରୁ ନୂଆଦିଲ୍ଲୀରେ ଜନଜାତି କଳା ମହୋତ୍ସବ

ଭୁବନେଶ୍ୱର, ୨୮/୨ (ନି.ପ୍ର): ନୂଆଦିଲ୍ଲୀରେ ଆହୋଜିତ ହେବ ଜନଜାତି କଳା ମହୋତ୍ସବ-୨୦୨୬ । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମାର୍ଚ୍ଚ ୨ରୁ ୧୩ ମାର୍ଚ୍ଚ ପର୍ଯ୍ୟନ୍ତ ଜାତୀୟ ରାଜଧାନୀରେ 'ଜନଜାତି କଳା ମହୋତ୍ସବ' ୨୦୨୬ ଆୟୋଜନ କରାଯିବ। ଯେଉଁଥିରେ ୭୦ ରୁ ଅଧିକ ପ୍ରଖ୍ୟାତ ଜନଜାତି କଳାକାର ଏବଂ ଦେଶ ସାରା ପ୍ରାୟ ୩୦ ଆଦିବାସୀ କଳା ପରମ୍ପରାର ପ୍ରତିନିଧିତ୍ୱ କରୁଥିବା ୧,୦୦୦ ରୁ ଅଧିକ କଳାକୃତି ଏକତ୍ରିତ ହେବ। ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଆଲ୍ ଓରାମଙ୍କ ଉପସ୍ଥିତରେ ମନ୍ତ୍ରଣାଳୟ ପକ୍ଷରୁ ଭାରତ ଟ୍ରାଇବ ଫେଷ୍ଟ ୨୦୨୬ ଲୋଗୋ ଉନ୍ମୋଚନ କରାଯାଇଛି। ନୂଆ ଦିଲ୍ଲୀର ଟ୍ରାଭାଙ୍କୋର ହାଉସରେ ହେବାକୁ ଥିବା ଏହି ମହୋତ୍ସବ 'ଜନଜାତି ସମ୍ପ୍ରଦାୟ ପାଇଁ ପରିଚୟ, ମର୍ଯ୍ୟାଦା ଏବଂ ଆର୍ଥିକ ସଶକ୍ତିକରଣ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି କରିବା ସହିତ ଜନଜାତି କଳା ଏବଂ ସଂସ୍କୃତିର ସ୍ୱୀକୃତିକୁ ମଜବୁତ କରିବ। ମାର୍ଚ୍ଚ ୩ ରୁ ୧୩ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଏହା ଫେଡେରେସନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟର ସହଯୋଗରେ ଅନୁଷ୍ଠିତ ହେବ। ଯାହା ପ୍ରଦର୍ଶନୀ, ବଜାର ସୁବିଧା, କ୍ଷମତା-ନିର୍ମାଣ ପଦକ୍ଷେପ ଏବଂ ସଂସ୍ଥାଗତ ସହଯୋଗ ମାଧ୍ୟମରେ ଆଦିବାସୀ କଳାକାରମାନଙ୍କୁ ଜାତୀୟ ଏବଂ ବିଶ୍ୱ ପ୍ଲାଟଫର୍ମ ସହିତ ସଂଯୋଗ କରିବ।'ଜନଜାତି କଳା ମହୋତ୍ସବ ୨୦୨୬ ଜନଜାତି କଳାକୁ ସଂରକ୍ଷିତ, ପ୍ରୋତ୍ସାହିତ ଏବଂ ଭାରତର ସାଂସ୍କୃତିକ ଏବଂ ସୃଜନଶୀଳ ଅର୍ଥନୀତିରେ ମୁଖ୍ୟଧାରାରେ ସାମିଲ କରିବା ସହ ଏହି ମହୋତ୍ସବ ବଜାର ସୁଯୋଗକୁ ବିସ୍ତାର କରିବ, ଜାତୀୟ ଦୃଶ୍ୟମାନତାକୁ ବୃଦ୍ଧି କରିବ ଏବଂ ଆମର କଳାକାରମାନଙ୍କ ପାଇଁ ମର୍ଯ୍ୟାଦା ଏବଂ ଆର୍ଥିକ ସ୍ଥିରତାକୁ ସୁଦୃଢ଼ କରିବ,' କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଆଲ୍ ଓରାମ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପ୍ରଦର୍ଶନୀରେ ଜାପାନୀ ଶ୍ୟାମ, ରାଜେଶ ଚୈତ୍ୟ ଭାଙ୍ଗଡ, ସୁଧା କୁମାରୀ, ଲାଡୋ ବାଇ, କିଙ୍ଗସନ ସ୍ୱର୍ଗିଆରୀ ଏବଂ ଥୋରେମ୍ ଭେନୁମାଧାବାରାଓଙ୍କ ସମେତ ପ୍ରସିଦ୍ଧ ଆଦିବାସୀ କଳାକାରଙ୍କ ଅଂଶଗ୍ରହଣ ସହିତ ୱାର୍ଲି, ଡୋକ୍ରା, ଭିଲ୍, ବୋଡୋ, କୋୟା, ପିଥୋରା ଏବଂ ଅନ୍ୟାନ୍ୟ ପ୍ରମୁଖ ଆଦିବାସୀ କଳା ପ୍ରଦର୍ଶିତ ହେବ।

# ଚଉଦକୁଲାଟ ପ୍ୟାକ୍ସରେ ସମ୍ପାଦକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୨୮/୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ କୃଷି ସମବାୟ ସମିତିରେ ଶୁକ୍ରବାର ସଭାପତିଙ୍କ ନୂତନ ଗୃହ ଉଦ୍ଘାଟନ, ପରିଚାଳନା ପରିଷଦ ବୈଠକ ଓ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା ସମ୍ପାଦକ ହେମନ୍ତ କୁମାର ପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏ ନେଇ ପ୍ୟାକ୍ସର ସଭାପତି ଦୁର୍ଗାଶୀଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ସରପଂଚ ରମାକାନ୍ତ ମଲ୍ଲିକ, ପୂର୍ବତନ ସଭାପତି ରଞ୍ଜନ କୁମାର ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ୟାକ୍ସରେ ଚାଷୀମାନେ ସୁରୁଖୁରୁରେ ଧାନ ଦେଉଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ଓ ଏଥିସହିତ ପ୍ୟାକ୍ସର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ବିଧାୟକ ଆଲୋଚନା କରିଥିଲେ।

ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ୟାକ୍ସର ସମସ୍ତ ନିର୍ଦ୍ଦେଶକ, ସ୍ଥାନୀୟ ବୁଦ୍ଧିଜିବୀ, ସମିତିର କର୍ମଚାରୀ ନାରାୟଣ ସାହୁ, ସଂଜୀବ କୁମାର ସାହୁ, ଗୋପାଳ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ନିଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ଉ

ଜୟପୁର, ୨୮/୨ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଆଜି ଅବକାରି ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୨୫ ଶହ ଲିଟର ପୋଚ ଓ ୨୭୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା

# ଜୟପୁର ପଂଚାୟତ ସମିତିର ସପ୍ତମ ଅଧିବେଶନ ଅନୁଷ୍ଠିତ

ଜୟପୁର, ୨୮/୨ (ନି.ପ୍ର): ଜୟପୁର ପଂଚାୟତ ସମିତିର ସପ୍ତମ ଅଧିବେଶନ ଆଜି ଅନୁଷ୍ଠିତ ହୋଇଛି । ସମିତର ବୈଠକ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିଲେ । ଏଠାରେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି କୃଷ୍ଣ ନେପାକ, ଅଧକ୍ଷା ତିଳୋତ୍ତମା ମୁଦୁଲି, ଉପାଧକ୍ଷ ଗଣେଷ ପ୍ରସାଦ ପାଢୀ, ବିଡିଓ ଶକ୍ତି ମହାପାତ୍ର, ସହକାରି ନିବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସିଡିପିଓ କାଂଚନ ପଣ୍ଡା, ବ୍ଲକ ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ଆସ୍ତା ନାୟକ, ରଶ୍ମି ରଥ ଙ୍କ ସହ ଲାଇନ ଡିପାର୍ଟମେଂଟ ର ଅଧିକାରି ମାନେ ଉପସ୍ଥିତ ଥିଲେ । ଏଠାରେ ସ୍ୱାସ୍ଥ୍ୟ, କୃଷି ଓ ଉଦ୍ୟାନ କୃଷି, ବିଦ୍ୟୁତ, ପାନୀୟ ଜଳ ଯୋଗାଣ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଶିକ୍ଷା, ଜଳ ଓ ପରିମଳ ବିଭାଗ ଉପରେ ଆଲୋଚନା ହୋଇଥିଲା । ଜୟପୁର ବ୍ଲକରେ ୧୫ ଏକର ଜମି ଚିହ୍ନଟ କରିବାକୁ ବିଧାୟକ ବାହିନିପତି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜମିରେ ଇଡକୋ କୁ କହି ଉଚ୍ଚ ମାନର ଷ୍ଟାଡିୟମ କରିବାକୁ ବିଧାୟକ ଉଦ୍ୟମ କରିବେ ବୋଲି କହିଥିଲେ । ଇକୋ ଟୁରିଜିମ କରିବା ପାଇଁ ପ୍ରସ୍ତାବ ଦେବା ପାଇଁ ବ୍ଲକ ପ୍ରଶାସନକୁ ଅନୁରୋଧ କରିଥିଲେ। ପ୍ରସ୍ତାବ ଦେଲେ ନିଷ୍ଚୟ କରାଯିବ । ସୁନ୍ଦର ପାର୍କ ନିର୍ମାଣ କରିବା ସହ ନୂତନ ଅଙ୍ଗନବାଡୀ ଗୃହ ବିଦ୍ୟାଳୟରେ ଅବ୍ୟବସ୍ଥା ଦୂର କରିବାକୁ କହିଥିଲେ । ଗୋଟିଏ ଶ୍ରେଣି ଗୃହରେ ୨୩ଟି ଶ୍ରେଣିର ପିଲା ବସୁଛନ୍ତି । ସେଥିପାଇଁ ପ୍ରତ୍ୟେକ ବିଦ୍ୟାଳୟକୁ ୫ ଲକ୍ଷ ଟଙ୍କା ଲେଖାଏଁ ବିଧାୟକ ପାଣ୍ଠିରୁ ଦିଆଯିବ । ହେଲେ ଗୋଟିଏ ବିଦ୍ୟାଳୟର ଗୋଟିଏ ଲେଖାଏଁ ଅତିରିକ୍ତ ଶ୍ରେଣି ଗୃହ ହୋଇପାରିବ । ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ମାନର ପୋଷାକ ଦେବା, ମଧ୍ୟାହ୍ନ ଭୋଜନ ଉଚ୍ଚ ମାନର ଦେବା ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଠାରେ ଇକୋ ଟୁରିଜମର ବିକାଶ ହେଲେ ସ୍ଥାନୀୟ ଶିକ୍ଷିତ ଯୁବକ ମାନେ ନିଯୁକ୍ତି ପାଇପାରିବେ । ଖରା ଦିନ ଆସିଲାଣି ପାନିୟ ଜଳର ସମସ୍ୟା ଯେପରି ନହେବ ସେଥି ପ୍ରତି ବ୍ଲକ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ । ଲୋକମାନେ ଯେପରି ପାନିୟ ଜଳ ପାଇଁ ଅସୁବିଧାରେ ନପଡିବେ ସେଥିପାଇଁ ପାନିୟ ଜଳ ବ୍ୟବସ୍ଥା କରିବାକୁ ରହିଥିଲେ । ବନ ବିଭାଗ ତରଫରୁ ୧୦ଟି ଚାରା ମାଗଣା ଦିଆଯାଉଥିବା ବନ ବିଭାଗ ତରଫରୁ ସୂଚନା ଦିଆଯାଇଛି । ଲୋକ ମାନଙ୍କର ଘରେ ଅମୃତଭଣ୍ଡା, କଦଳି, ଆମ୍ବ, ପିଜୁଳି ଗଛ ଯେପରି ଲାଗିବ ସେଥିପ୍ରତି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ।

# ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୮/୨ (ନି.ପ୍ର): ମହାନ୍ ବୀର ପୁରୁଷ ଓ ଭାରତର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ୧୮୦୯ ମସିହା ଜାନୁଆରୀ ମାସ ୨୩ ତାରିଖ ଦିନ ସମ୍ବଲପୁର ସହରର ଉତରକୁ ପ୍ରାୟ ୨୧ ମାଇଲ ଦୂରରେ ଅବସ୍ଥିତ ବରଗାଁ ବା ଖିଣ୍ଡା ଗ୍ରାମରେ ଚୌହାନ୍ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ । ପଶ୍ଚିମ ଓଡ଼ିଶାରେ ୧୮୨୭ ମସିହାରେ ବୀର ସୁରେନ୍ଦ୍ର ସାଏ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା ସମ୍ବଲପୁର ମାଟିରୁ ବ୍ରିଟିଶ ଶାସନ ଲୋପ କରିବା ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ

କେନ୍ଦ୍ରାପଡା, ୨୮/୨ (ନି.ପ୍ର): ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ, ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ମିଳିତ ପ୍ରୟାସରେ ୨୫ ଫେବୃଆରୀ ୨୦୨୬ ତାରିଖରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ୨୦୨୫–୨୬ ସଫଳତାର ସହ ଆୟୋଜିତ ହୋଇଥିଲା। ମହାକାଳପଡ଼ାର ବିଧାୟକ ଡ଼ା. ଦୁର୍ଗା ପ୍ରସନ୍ନ ନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରପାଳିକା ଅଧକ୍ଷା ସରିତା ସାହୁ, ବ୍ଲକ୍ ଅଧକ୍ଷା ମିରାରାଣୀ ମହାନ୍ତି, ଜିଲ୍ଲାପାଳ ରଘୁରାମ ଆର ଆୟର,ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ (ଭାରପ୍ରାପ୍ତ) ଇନ୍ଦିରା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନିଯୁକ୍ତି ମେଳାରେ ମୋଟ ୧,୧୬୮ ଜଣ ପ୍ରାର୍ଥୀ (ପୁରୁଷ–୬୪୨, ମହିଳା–୫୨୬) ନୂତନ କାଉଂଟରରେ ନିବନ୍ଧନ କରିଥିଲେ। ୩୭ଟି ସିଧାସଳଖ ନିଯୁକ୍ତିଦାତା ସଂସ୍ଥା ଏହି ମେଳାରେ ଅଂଶଗ୍ରହଣ କରିଥିଲେ। ମୋଟ ୬୮୮ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିଦାତାଙ୍କ ସହ ଯୋଡ଼ା ଯାଇଥିବାବେଳେ ୩୫୪ ଜଣଙ୍କୁ ସ୍ୱଳ୍ପମିଆଦି ପ୍ରଶିକ୍ଷଣ ପାଇଁ ଟ୍ୟାଗ୍ କରାଯାଇଥିଲା। ନାନୋ ୟୁନିକର୍ନ ଯୋଜନା ଅନ୍ତର୍ଗତ ୧୪ ଜଣ ଲାଭାନ୍ୱିତଙ୍କୁ ମୋଟ ରୁ. ୧୪,୦୦,୦୦୦/- ର ସିଡ୍ ଫଣ୍ଡ ପ୍ରଦାନ କରାଯାଇ ଉଦ୍ୟମିତାକୁ ପ୍ରୋତ୍ସାହନ ଦିଆଯାଇଛି।

# ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟ ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ

ବାରିପଦା, ୨୮/୨ (ନି.ପ୍ର): ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ଗୃହତାଲିକା ଓ ଗୃହ ଗଣନା ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୬ ଓ ୨୭ ଫେବୃଆରୀ ୨୦୨୬ ତାରିଖରେ ବାରିପଦା ଜିଲ୍ଲା ପରିଷଦ ସମ୍ମେଳନ କକ୍ଷରେ ସଫଳତାର ସହିତ ଆୟୋଜିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହା ଆୟୋଜିତ ହୋଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଜନଗଣନା ର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଏହାକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ଗୁରୁତ୍ୱ ଦେଇଛନ୍ତି । ଏହି ପ୍ରଶିକ୍ଷଣରେ ଜିଲ୍ଲା ସ୍ତରୀୟ ଅଧିକାରୀ, ଚାର୍ଜ ଜନଗଣନା ଅଧିକାରୀ, ନଗରପାଳିକା ଓ ୟୁଏଲ୍‌ବି/ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ଓ ସମ୍ବନ୍ଧିତ କର୍ମଚାରୀ ନିଜ ନିଜ ସହାୟକ ସହିତ ଅଂଶଗ୍ରହଣ କରିଥିଲେ। ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ଜିଲ୍ଲା ଓ ଚାର୍ଜ ସ୍ତର ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ସମୟରେ ଗୃହତାଲିକା ଓ ଗୃହ ଗଣନାର ପ୍ରକ୍ରିୟା, ନିୟମାବଳୀ ଓ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରାଯାଇଥିଲା। ବିଶେଷକରି ଡିଜିଟାଲ୍ ପ୍ରଣାଳୀର ଉପଯୋଗ, ଉଗଗଝ ପୋର୍ଟାଲ ଓ ଝୀଖଇଉ ୱେବ୍ ଆପ୍ଲିକେଶନ୍‌ର ବିଭିନ୍ନ ବୈଶିଷ୍ଟ୍ୟ ବିଷୟରେ ପ୍ରାୟୋଗିକ ଶିକ୍ଷା ଦିଆଯାଇଥିଲା। ତଥ୍ୟର ସଠିକତା, ସମୟୋପଯୁକ୍ତ ରିପୋର୍ଟ ପ୍ରଦାନ, ଡିଜିଟାଲ୍ ମନିଟରିଂ ବ୍ୟବସ୍ଥା ଓ ସଠିକ ଡକ୍ୟୁମେଣ୍ଟେସନ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜନଗଣନା ନିର୍ଦ୍ଦେଶାଳୟ ର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ଷ୍ଟାଟିଷ୍ଟିକାଲ ଇନଭେଷ୍ଟିଗେଟର ଏମ୍.ସି ପୁରୁଧୁଲ୍, ତନ୍ମୟ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ତାଲିମ୍ ଦେବା ସହ ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଗଣନା ପ୍ରକ୍ରିୟା, ସତ୍ୟାପନ ପଦ୍ଧତି, କ୍ଷେତ୍ରସ୍ତରର ସମନ୍ୱୟ ଓ ଅଭିଯୋଗ ନିରାକରଣ ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଭାବେ ଅବଗତ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀଗଣ ମଧ ଆଲୋଚନାରେ ସକ୍ରିୟ ଭାଗ ନେଇ ନିଜ ନିଜ ସନ୍ଦେହ ଦୂର କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ପ୍ରଶାସନ, ନଗର ପ୍ରଶାସନ, ରେଭେନ୍ୟୁ ବିଭାଗ ଓ ଅନ୍ୟାନ୍ୟ ସମ୍ବନ୍ଧିତ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରାଯାଇଥିଲା। ସେନସସ୍ ୨୦୨୭ ପ୍ରଥମ ପର୍ଯ୍ୟାୟରେ ଘର ଗଣନା, ଆବାସିକ ପରିସ୍ଥିତି, ଅନ୍ୟାନ୍ୟ ଉପଲବ୍ଧ ସୁବିଧା ସହିତ ବିଭିନ୍ନ ମୌଳିକ ତଥ୍ୟ ସଂଗ୍ରହ କରାଯିବ, ଯାହା ପରବର୍ତ୍ତୀ ଜନଗଣନା ପର୍ଯ୍ୟାୟ ପାଇଁ ପଥ ଉନ୍ମୁକ୍ତ କରିବ । ଜିଲ୍ଲା ପ୍ରଶାସନ ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସଠିକ, ପାରଦର୍ଶୀ ଓ ପ୍ରଯୁକ୍ତିବିଦ୍ୟା ଯୁକ୍ତ ଭାବେ ସଫଳତାର ସହିତ କାର୍ଯ୍ୟାନ୍ୱୟନ କରିବାକୁ ଆଶା ରଖିଛି । ସଭା ଶେଷରେ ଡେପୁଟି କଲେକ୍ଟର ଦୀପାଞ୍ଜଳୀ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# କେନ୍ଦୁଝରରେ 'ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ'ର ସମୀକ୍ଷା : କାର୍ଯ୍ୟକାରିତା ଅନୁଧ୍ୟାନ କଲେ କେନ୍ଦ୍ରୀୟ ଅଧିକାରୀ

କେନ୍ଦୁଝର, ୨୭ ଫେବୃଆରୀ (ହି.ସ.)- କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ କେନ୍ଦ୍ର ସରକାରଙ୍କ 'ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ' ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ଉପ-ସଚିବ ତଥା କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଡକ୍ଟର ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସାତଟି ଆକାଂକ୍ଷୀ ବ୍ଲକର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝରର ବାଂଶପାଳ ଓ ହରିଚନ୍ଦନପୁର ବ୍ଲକକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ପରବର୍ତୀ ସମୟରେ ନୀତି ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ଆଉ ୫ଟି ବ୍ଲକ୍ - ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହାଫଳରେ ଜିଲ୍ଲାରେ ମୋଟ ଆକାଂକ୍ଷୀ ବ୍ଲକ୍ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ୨୦୨୪ ମସିହା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା 'ସମ୍ପୂର୍ଣ୍ଣତା ଅଭିଯାନ ୧.୦' ଅନ୍ତର୍ଗତ ୬ଟି ପ୍ରମୁଖ ସୂଚକାଙ୍କ ମଧ୍ୟରୁ ହରିଚନ୍ଦନପୁର ବ୍ଲକ୍ ୩ଟିରେ ଏବଂ ବାଂଶପାଳ ବ୍ଲକ୍ ୨ଟିରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ହରିଚନ୍ଦନପୁର ବିଡିଓ ଓ ଜିଲ୍ଲାପାଳଙ୍କୁ ରାଜ୍ୟ ସ୍ତରରେ ସମ୍ମାନିତ କରାଯାଇଛି। 'ସମ୍ପୂର୍ଣ୍ଣତା ଅଭିଯାନ ୨.୦':୨୦୨୬ ଜାନୁଆରୀ ୩୧ ତାରିଖରୁ ସମସ୍ତ ୭ଟି ବ୍ଲକରେ 'ସମ୍ପୂର୍ଣ୍ଣତା ଅଭିଯାନ ୨.୦' ର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ୨୦୨୬ ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ଶିଶୁଙ୍କ ପୁଷ୍ଟିକର ଖାଦ୍ୟ, ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ଓ ଶୌଚାଳୟ ସୁବିଧା ଏବଂ ଗୋପାଳନ କ୍ଷେତ୍ରରେ ଟୀକାକରଣ ଭଳି ୬ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଧ୍ୟାନ ଦିଆଯାଉଛି। ଅନ୍ୟାନ୍ୟ ପ୍ରମୁଖ ବିଷୟ ମଧ୍ୟରେ ଆକାଂକ୍ଷା ହାଟ ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ୧୫ଟି ସ୍ୱୟଂ ସହାୟିକା ଗୋଷ୍ଠୀ ନିଜର ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ପାଇଁ 'ଆକାଂକ୍ଷା ହାଟ' ମାଧ୍ୟମରେ ଏକ ପ୍ଲାଟଫର୍ମ ପାଇଛନ୍ତି। ମହୁଲ ସଂରକ୍ଷଣ ଓ ପ୍ରକ୍ରିୟାକରଣ ୟୁନିଟ୍ ଏବଂ 'ଲକ୍ଷପତି ଦିଦି ଇନକୁବେସନ ସେଣ୍ଟର' ଭଳି ପ୍ରାୟ ୪.୫୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ନୀତି ଆୟୋଗଙ୍କ ଅନୁମୋଦନ ଅପେକ୍ଷାରେ ରହିଛି। ଏହି ସମୀକ୍ଷା ବୈଠକରେ ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନୀତି ଆୟୋଗଙ୍କ ପକ୍ଷରୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ଭିତିଭୂମିର ସୁଧାର ପାଇଁ ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହେଉଛି। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡ଼ିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୂଚକାଙ୍କରେ ବ୍ଲକମାନଙ୍କ ମଧ୍ୟରେ ର୍ୟାଙ୍କିଙ୍ଗ କରାଯାଇ ବିକାଶ ପାଇଁ ପ୍ରତିଯୋଗୀତାମୂଳକ ପରିବେଶ ସୃଷ୍ଟି କରାଯାଉଛି । ଏହା ଦ୍ୱାରା ଏହି ଅଂଚଳ ଗୁଡ଼ିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଆଇଏଏସ ପ୍ରୋବେସନର ପବନ କୁମାର, ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ଶିକ୍ଷା ୨୦୨୫ ଅନୁଯାୟୀ 'ପ୍ରବୋଧନ' ତାଲିମ୍ ଶିବିର

ଖୋର୍ଦ୍ଧା, ୨୮/୨ (ନି.ପ୍ର): ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବରୁଣେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି -୨୦୨୦ ଏବଂ ଓଡ଼ିଶା ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ, ବିଦ୍ୟାଳୟ ଶିକ୍ଷା ୨୦୨୫ ଅନୁଯାୟୀ ' ପ୍ରବୋଧନ " ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ମଣ୍ଡଳ ଶିକ୍ଷାଧିକାରୀ ଯାଜ୍ଞସେନୀ ସାହୁ ମହୋଦୟଙ୍କ ତତ୍ତ୍ୱାବଧାନରେ ଏବଂ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ସଂଧ୍ୟାବତୀ ଲେଙ୍କା ଏବଂ ସହ ମଣ୍ଡଳ ଶିକ୍ଷାଧିକାରୀ ଭରତ ଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ସମ୍ବଳ ଶିକ୍ଷକ ଭାବେ ଭୀମସେନ ପରିଡ଼ା, ଡ଼. ମମିତା ସାହୁ ଓ ରେବତୀ ପଣ୍ଡା ପାଂଚ ଦିନ ଧରି ଅତି ସୁନ୍ଦର ଓ ସାବଲୀଳ ଢ଼ଙ୍ଗରେ ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବିରରେ ଯୋଗଦେଇ ଏହି ପ୍ରଶିକ୍ଷଣରେ ଉପସ୍ଥିତ ଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଆଗାମୀ ଶିକ୍ଷାବର୍ଷରେ ବିଦ୍ୟାଳୟ ସ୍ତରରେ ମୂଲ୍ୟବୋଧ ତଥା ନୈତିକ ଶିକ୍ଷାର ଗୁରୁତ୍ୱକୁ ପ୍ରତିପାଦନ କରିବା ପାଇଁ ସୁଯୋଗ ସୃଷ୍ଟି କରିବାକୁ ଆହ୍ୱାନମୂଳକ ବାର୍ତା ଉପସ୍ଥାପନ କରିଥିଲେ । ନୂତନ ପାଠ୍ୟକ୍ରମ ରୂପରେଖ ଭାରତୀୟ ଜ୍ଞାନ ପରମ୍ପରା, ଭାବଧାରା, ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଗୁରୁକୂଳ ବୈଶିଷ୍ଟ୍ୟ, ନୂତନ ଦକ୍ଷତାଭିତ୍ତିକ ଶିକ୍ଷଣ, ପଂଚକୋଷ ଭିତ୍ତିକ ସମଗ୍ର ବିକାଶ, ପଂଚପଦୀ ଶିକ୍ଷଣ ଇତ୍ୟାଦି ଉପରେ ପର୍ଯ୍ୟବେସିତ । ଏହା ଶିକ୍ଷାର୍ଥୀଙ୍କୁ ଭବିଷ୍ୟତରେ ଜଣେ ଉତମ ମଣିଷ ରୂପେ ଗଢ଼ି ତୋଳିବାରେ ସାହାଯ୍ୟ କରିବ । ପ୍ରକାଶ ଥାଉକି, ଜାନୁଆରୀ ୩୦ରୁ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ୩ଟି ପର୍ଯ୍ୟାୟରେ ୧୫ ଦିନ ଧରି ଏବଂ ବରୁଣେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଲ୍ଲାଠାରେ ୨ଟି ପର୍ଯ୍ୟାୟରେ ୧୦ ଦିନ ଧରି ଚାଲିଥିଲା । ଏହି କାର୍ଯ୍ୟକ୍ରମରେ ମୋଟ୍ ୫ଟି ପର୍ଯ୍ୟାୟରେ ଖୋର୍ଦ୍ଧା ମଣ୍ଡଳର ପ୍ରାୟ ୫୦୦ ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣରୁ ଗ୍ରହଣ କରିଥିବା ସମସ୍ତ ପାଠ୍ୟକ୍ରମକୁ ବିଦ୍ୟାଳୟ ସ୍ତରରେ ଶତ ପ୍ରତିଶତ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ପ୍ରଶିକ୍ଷାର୍ଥୀ ନିଜର ମତପୋଷଣ କରିଥିଲେ ।

# ଜିଲ୍ଲାସ୍ତରୀୟ ବୁଦ୍ଧିଜୀବି ସମ୍ମିଳନୀ: ଯୋଗଦେଲେ ମନ୍ତ୍ରୀ ରବି ନାଏକ

ସୁବର୍ଣ୍ଣପୁର, ୨୮/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ସ୍ଥିତ ଚନ୍ଦ୍ରମା ହୋଟେଲ ସ୍ଥିତ ସଭାଗୃହ ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲ୍ଲା ସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି । ପଂଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଏଥିରେ ଯୋଗଦେବା ସହ ସରକାରଙ୍କ ଦ୍ୱାରା ଲୋକାଭିମୁଖୀ ଆର୍ଥିକ ବଜେଟ ବିଷୟରେ ଓ ସରକାରଙ୍କ ନୂତନ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକମାନେ ଦୀର୍ଘ ଦିନର ଦାବୀ ବିନିକାକୁ ସବଡ଼ିଭିଜନ ମାନ୍ୟତା ପ୍ରଦାନ, ଦୀର୍ଘ ୧୨ ବର୍ଷ ହେଲା ଅର୍ଦ୍ଧ ନିର୍ମିତ ହୋଇ ପଡ଼ି ରହିଥିବା ଏକ ମାତ୍ର ସରକାରୀ କନିଷ୍ଠ ମହିଳା ମହାବିଦ୍ୟାଳୟର ଛାତ୍ରୀ ନିବାସ ଐତିହାସିକ ପୁଣ୍ୟତୀର୍ଥ ପାପକ୍ଷୟ ଘାଟର ଉନ୍ନତି ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାଏକ ବିନିକାବାସୀଙ୍କ ନ୍ୟାର୍ଯ୍ୟଦାବୀ ଆଗାମୀ ଦିନରେ ନିଶ୍ଚିତ ପୂରଣ ହେବ ବୋଲି ପ୍ରତିଶୃତି ଦେଇଥିଲେ । ପରେ ବୁଦ୍ଧିଜୀବୀ ସମ୍ମିଳନୀରେ ବୁଦ୍ଧିଜୀବୀ ତଥା ଅବସର କର୍ମଚାରୀ ମାନଙ୍କ ସହିତ ବିଭିନ୍ନ ପ୍ରଶ୍ନ ଉତ୍ତରରେ ଶିକ୍ଷାବିତ ମାନେ ୩୦ ବର୍ଷ ଚାକିରୀ କରି ପେନସନ ମିଳୁ ନଥିବା, ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଶିକ୍ଷକ ଅଭାବ ଥିବା ଓ ମହାନଦୀର ସୁରକ୍ଷା ବିଷୟରେ ପ୍ରଶ୍ନ ଉତଥାପନ କରିଥିଲେ । ମନ୍ତ୍ରୀ ଶିକ୍ଷା ବିଭାଗରେ ଅଧିକ ବଜେଟ ଥିବା କଥା କହିଥିବା ବେଳେ ଯଦି ସରକାରଙ୍କ କିଛି ଭୁଲ ଭଟକା ହେଉଥିଲେ ସରକାରଙ୍କୁ ପରାମର୍ଶ ଦେବା ପାଇଁ ଅନୁରୋଧ କରିଥିଲେ । ଏହି ବୁଦ୍ଧିଜୀବି ସମ୍ମିଳନୀରେ ମନ୍ତ୍ରୀ ରବି ନାରାୟଣ ନାଏକ, ସୋନପୁର ଜିଲ୍ଲା ପ୍ରଭାରୀ ସୁରେଶ୍ୱର ଶଥପଥୀ, ଜିଲ୍ଲା ଭାଜପା ସଭାପତି ବେଣୁଧର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ମହାକୁର, ସାଂସଦ ପ୍ରତିନିଧି ସାନନ୍ଦ ମେହେର, ଅଶୋକ ପୂଜାରୀ, ଜିଲ୍ଲା ପରିଷଦ ସଦସ୍ୟା ପ୍ରମିଳା କଲତା, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଉଷା କୁମାରୀ ପ୍ରମୁଖ ମଂଚାସୀନ ଥିଲେ । ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ଉପସଭାପତି ଅଶୋକ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୧ ମାର୍ଚ୍ଚ ୨୦୨୬
email : rabibarachayan2015@gmail.com

# ରବିବାର ଚୟନ



.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



### ୨୮ ବିଚରା ସୋପାକା (କ)

ଏକଦା ସୋପାକା ନାମକ ଏକ ବହୁତ ଗରିବ ପରିବାରର ବାଳକ ଥିଲା। ଯେତେବେଳେ ତାକୁ ମାତ୍ର ସାତ ବର୍ଷ ବୟସ ହୋଇଥିଲା, ସେତେବେଳେ ତା'ର ବାପା ମୃତ୍ୟୁବରଣ କଲେ ଏବଂ ତାଙ୍କ ମାଆ ଜଣେ ନିଷ୍ଠୁର, ଦୁଷ୍ଟ ଓ ନିର୍ଦ୍ଦୟ ବ୍ୟକ୍ତିଙ୍କୁ ପୁନର୍ବିବାହ କଲେ। ସେ ସବୁବେଳେ ଦୟାଳୁ, ନିର୍ଦ୍ଦୋଷ ଓ ଉତ୍ତମ ପ୍ରକୃତିର ବାଳକ ସୋପାକାକୁ ମାରପିଟ କରୁଥିଲେ, ଗାଳି ଦେଉଥିଲେ ଏବଂ ନାଲିଆଖି ଦେଖାଉଥିଲେ।

ସାବତ ପିତା ସବୁବେଳେ ଭାବୁଥିଲେ, "ଏହି ପିଲାଟି ମୋ ପଥରେ ଏକ କଣ୍ଟା। ସେ କିଛି କାମକୁ ନୁହେଁ। ମୁଁ ତାକୁ ଘୃଣା କରୁଥିଲେ ମଧ୍ୟ ତା'ର କିଛି କ୍ଷତି କରିପାରିବି ନାହିଁ କାରଣ ତା' ମା' ତାକୁ ଖୁବ୍ ଭଲପାଏ। ମୁଁ ତାକୁ ହଟାଇବା ପାଇଁ କ'ଣ କରିବି ?"

ଦିନେ ସନ୍ଧ୍ୟାରେ ସେ ସୋପାକାକୁ କହିଲେ, "ଆରେ ପୁଅ, ଚାଲ ବୁଲିବାକୁ ଯିବା।"

ପିଲାଟି ଆଶ୍ଚର୍ଯ୍ୟ ହୋଇଗଲା ଯେ ସାବତ ବାପା ତା' ସହିତ ଏତେ ଦୟାପୂର୍ଣ୍ଣ ଭାବରେ କଥା ହେଉଛନ୍ତି ଏବଂ ସେ ଭାବିଲା, "ମୋ ସାବତ ବାପା ମୋ ସହିତ ଏତେ ଦୟାଳୁ ଭାବରେ କେବେ କଥା ହୋଇନଥିଲେ। କିନ୍ତୁ ଏବେ ସେ ବହୁତ ଭଲ ମନେ ହେଉଛନ୍ତି। ହୁଏତ ମୋ ମାଆ ତାଙ୍କୁ ମୋ ପ୍ରତି ଦୟାଳୁ ହେବାକୁ କହିଥିବେ।" ତେଣୁ ସେ ତୁରନ୍ତ ସାବତ ବାପାଙ୍କ ସହ ଯିବା ପାଇଁ ପ୍ରସ୍ତୁତ ହୋଇଗଲା।

ସାବତ ବାପା ତାଙ୍କୁ ଏକ କବରସ୍ଥାନକୁ ନେଇଗଲେ ଯେଉଁଠାରେ ଏଣେତେଣେ ଅନେକ ଦୁର୍ଗନ୍ଧଯୁକ୍ତ ଶବ ପଡ଼ିରହିଥିଲା। ସେମାନଙ୍କ ମଧ୍ୟରୁ ଗୋଟିଏ ଦେହରେ ସୋପାକାକୁ ବାନ୍ଧି ଯେତେବେଳେ ସେ ଚାଲିଯିବାକୁ ବସିଲେ, ସେତେବେଳେ ସୋପାକା କାନ୍ଦିକାନ୍ଦି କହିଲା, "ବାପା, ଦୟା କର। ମୋତେ ଡରମାଡୁଛି।"

ସୋପାକା ଯଥାସମ୍ଭବ ଜୋର୍‌ରେ କାନ୍ଦିବାକୁ ଲାଗିଲା। ମାତ୍ର ସାବତ ବାପା ସେଥିପ୍ରତି କର୍ଣ୍ଣପାତ ନକରି ସେଠାରୁ ଛାଡ଼ି ଚାଲିଗଲେ। ରାତି ଆହୁରି ଗାଢ଼ରୁ ଗାଢ଼ତର ହେବାକୁ ଲାଗିଲା। ସୋପାକାର ଭୟ ମଧ୍ୟ ବଢ଼ିବାକୁ ଲାଗିଲା। ଶ୍ମଶାନରେ କେହି ନଥିଲେ। ପିଲାଟି ଏତେ ଭୟଭୀତ ହୋଇଯାଇଥିଲା ଯେ ତା'ର କେଶ ଠିଆ ହୋଇଗଲା ଏବଂ ତା'ର ଶରୀରରୁ ଝାଳବୁହା ନିଗିଡ଼ି ତା' ସମଗ୍ର ଶରୀରକୁ ଭିଜାଇଦେଲା। ଯେତେବେଳେ ସେ ବିଲୁଆ, ବାଘ, ଚିତା ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ଶବ୍ଦ



ଶୁଣିଲା; ସେ ଆହୁରି ଜୋର୍‌ରେ କାନ୍ଦିବାକୁ ଲାଗିଲା। ଯେତେବେଳେ ଜାଣିଲା ଯେ ସେ ସଂପୂର୍ଣ୍ଣ ଏକା ଏବଂ ଏହି ଭୟଙ୍କର ସ୍ଥାନରେ ତାକୁ ସାହାଯ୍ୟ କରିବା ପାଇଁ କେହିନାହାନ୍ତି; ଠିକ୍ ଏହି ସମୟରେ ସେ ଦେଖିଲା ଉଜ୍ଜ୍ୱଳ, ସମ୍ଭ୍ରାନ୍ତ ମନେହେଉଥିବା ଜଣେ ସବୁଠୁ ସୁନ୍ଦର ବ୍ୟକ୍ତି ତା' ଆଡ଼କୁ ଆସୁଛନ୍ତି। ଏବଂ ତାକୁ ଏକ ଅତି ମଧୁର ସ୍ୱରରେ କହୁଥିବାର ଶୁଣିଲା, "ସୋପାକା, କାନ୍ଦନାହିଁ। ମୁଁ ତୁମକୁ ସାହାଯ୍ୟ କରିବାକୁ ଆସିଛି। ଭୟ କରନାହିଁ।" (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମନଗହନର କଥା...



ଜାତିବାଦର ଶୀକାର ହୋଇ ବାବୁରାଓ ବାଗୁଲ୍, ଓମ୍ ପ୍ରକାଶ ବାଲ୍ମିକୀ, ଶରଣ କୁମାର ଲିମ୍ବାଲେ, ଲକ୍ଷ୍ମଣ ଗାଇକୋୱାର୍ଡ଼୍, ନାମଦେବ ଧସାଲ, ମୁଲକରାଜ ଆନନ୍ଦ ଓ ମନୋରଞ୍ଜନ ବ୍ୟାପାରିଙ୍କ ପରି ଦଳିତ ସାହିତ୍ୟିକ ମାନଙ୍କର କିଛି କିଛି ପୁସ୍ତକ ପଢ଼ିବାର ସୁଯୋଗ ପାଇଥିବା ଅବସରରେ ମୁଁ ଭାବେ, ଉକ୍ତ ଜାତି ପ୍ରଥାର ପୀଡ଼ା ଭୋଗ ମୋର ମଧ୍ୟ ଥିଲା ପ୍ରାପ୍ୟ। ସର୍ବଭାରତୀୟ ଦଳିତ ସାହିତ୍ୟରେ 'ଝୁଠନ୍', 'ଅସ୍ପୃଶ୍ୟ', 'ଜାରଜ ଭାବରେ ଜନ୍ମ', 'ମୁଁ ଯେତେବେଳେ ମୋ ଜାତିକୁ ଲୁଚାଇଥିଲି' ଓ 'ଇତିବୃତେ ଚଣ୍ଡାଳ ଜୀବନ' ଭଳି ଆତ୍ମ ଜୀବନୀ ପୁସ୍ତକ ଭାରତୀୟ ସାହିତ୍ୟକୁ ଯଥେଷ୍ଟ ଅବଦାନ ରଖିଥିବା ବେଳେ ଓଡ଼ିଆ ସାହିତ୍ୟର ଏହାର ଅଭାବ ବେଶ୍ ପରିଲକ୍ଷିତ ହୁଏ।

ଏସବୁ ପୁସ୍ତକ ପଢିଲା ପରେ ମୁଁ ଅନୁଭବ କଲି ସାହିତ୍ୟରେ ଈଶ୍ୱରଙ୍କ ଅବଦାନ, ବରଦାନ ଓ ଆର୍ଶୀବାଦ ଯୁଗର ଅବସାନ ହୋଇସାରିଛି। ଗାଧୋଇ ଆସିବା ପୂର୍ବରୁ ବାକିଥିବା କବିତାର ପଦକେହି ପୂରଣ କରିଯିବା କଳ୍ପନା କାରସାଦିରେ ପୂର୍ଣ୍ଣଛେଦ ପଡ଼ି ସାରିଛି। ନିଜକୁ ଦାସ ଭାବରେ ସ୍ୱୀକାର କରି ଶୂନ୍ୟରୁ ଯାହା ଆସିଲା ତାହା ସାହିତ୍ୟର ରୂପ ନେଲା ପରି ଅଦ୍ଭୁତ କିମ୍ବଦନ୍ତୀ, ବିସ୍ମୟ ଭଣିତାର ସେ ସମୟ ଆଉ ସେତେ ବୋଲ କରୁନାହିଁ। ସାହିତ୍ୟରେ ରୂପ ଯୌବନ, ସୌନ୍ଦର୍ଯ୍ୟର ବର୍ଣ୍ଣନା, କାମ ବିଳାସର ଶବ୍ଦ ବିନ୍ୟାସ, ଭୟ, ଭ୍ରାନ୍ତି, ଭକ୍ତିର ଭ୍ରମ, ଭାବ ବିହ୍ୱଳ ସମୟ ଅତିକ୍ରାନ୍ତ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ସାହିତ୍ୟରେ ସାଧାରଣ ମଣିଷର ଜୀବନ, ଯନ୍ତ୍ରଣା, ସ୍ୱପ୍ନ ଭଙ୍ଗ, ଆଶା ନିରାଶା, ଅପମାନ, ଘୃଣା ଓ ସର୍ବୋପରି ଜୀବନର ଜୟଗାନ ସହିତ ଜଗତ ଉଦ୍ଧାର ବିଷୟ ଅଧିକ ଜୀବନ୍ତ ହୋଇଉଠିଛି। ପୂର୍ବରୁ କହିଛି ସାହିତ୍ୟର ବଡ଼ ଅଂଶ ହେଉଛି କବିତା। ସେହି କବିତା ମୋତେ ଦେଇଛି ପରିଚୟ। ଜୀବନ ଓ ଜଗତର ନିକଟତର କରାଇବା କ୍ଷେତ୍ରରେ କବିତା ମୋତେ ଯେଉଁ ଆନନ୍ଦ ଦେଇଛି ଅନ୍ୟ କେଉଁଥିରେ ଥିଲେ ଏତିକି ପାଇପାରିନଥାନ୍ତି ବୋଲି ଅନୁଭବ କରୁଛି। ପଦ ପଦବୀର ମୋହ, ଧନ ସମ୍ପତ୍ତିର ପ୍ରାଚୁର୍ଯ୍ୟ, କ୍ଷମତାର ସୁଖଭୋଗ ଛାଡ଼ି କବିତା ପଛରେ କାହିଁକି ପଡ଼ିଛି, ଏଭଳି ଅନାବଶ୍ୟକ ପ୍ରଶ୍ନରେ ମ୍ରିୟମାଣ ନ ହୋଇ କେବେ କୌଣସି ଦିନ ହତାଶ ବୋଧ ପ୍ରକାଶ କରିନାହିଁ। ସମସ୍ତ ବିଦ୍ରୁପ କଟାକ୍ଷ ଆଡେଇ କବିତା ମୋତେ ଯେପରି ପରିପୂର୍ଣ୍ଣ କରିପାରିଛି ଏହା ମୋ ପାଇଁ ବିରଳ ଉପଲବ୍ଧି। କବିତା ମୋ ପାଇଁ ସର୍ବୋତ୍ତମ ତପସ୍ୟା।

**- ପୀତାମ୍ବର ତରାଇ**

ଅଶ୍ରୁନୀଡ,ମଙ୍ଗରାଜପୁର, କୁଜଙ୍ଗ, ଜଗତସିଂହପୁର
(ମୋ) ୯୪୩୭୧୬୩୪୨୧

## ପାଉଁଜିର ପାଣ୍ଡୁଲିପି-୯

**ବିପିନ ମହାନ୍ତି**



### ପାଉଁଜିର ଅବସୋସ

ବିଛେଇ ପଡିଛି ସାରା ବିଛଣାରେ ରତିକ୍ଲାନ୍ତା ରାତି ଦେହ
ଫିଟି ପଡିଅଛି ଗଭାର ଗଜରା ବାସୁଅଛି ମହମହ
ମୁକୁଳା କବରୀ ସାରା ଆକାଶରେ ରଚିଛି ମେଘର ମାୟା
ଯୁଦ୍ଧ ପରର ନୀରବତା ଖାଲି ଚାରିଆଡେ ଖାଁ ଖାଁ ।

ବାମାଙ୍ଗୀର ବାମ ପାଦର ପାଉଁଜି ଛିଣ୍ଡି ପଡିଅଛି ଦୂରେ
ପଚାରୁଛି ଆଜି ଦକ୍ଷିଣ ପାଦକୁ ନୀରବତା ଭାଂଗି ଧୀରେ
କେମିତି ସହୁଛୁ ନିରବେ ରହୁଛୁ ମୋର ଏ କଷଣ ଦେଖି
ପ୍ରତି ନିଅତ ଏ ପ୍ରମତ୍ତ ପୁରୁଷ ଦଳିଦିଏ ମୋତେ ସଖୀ ।

ଦକ୍ଷିଣ ପାଉଁଜି ପାଦକୁ ଆଉଜି କହେ ତୁମେ ବଡ ଇଏ
ମିଳନରେ କା'ର କିପାଇଁ ଅଧୀର ହେଉଥିଲ ତୁମେ ପ୍ରିୟେ
ରାତିକୁ ଅଡୁଆ ପାଉଁଜିର ସ୍ୱର ରତିକୁ ଅଡୁଆ ଲାଜ
ନୀରବତା ଭାଂଗି ନିର୍ବାସିତ ତୁମେ ଅଲାଡା ହୋଇଛ ଆଜ ।

ଦୁଇ ପାଦେ ବନ୍ଧା ଜୀବନ ଆମର ଅନ୍ଧାରର ଅଭିଳାଷ
ହେଲେ ଏ ନିୟତି ନିହିଛି ନିୟତେ ନିଃଶବ୍ଦେ ନିଶିଥେ ବାସ ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ..... କବିତା .....



### ॥ ମୂଲ୍ୟାୟନ ॥

**ବିଜୟଲକ୍ଷ୍ମୀ ପାଣିଗ୍ରାହୀ**

ଇଏ କେମିତି ପରିସ୍ଥିତି
ଯେଉଁଠି ସ୍ଥିତି ପରି ସ୍ଥିତିଟେ ନ ଥାଏ
ଅସ୍ତିତ୍ୱ ପାଲଟୁ ଥାଏ ପାଣି ଫୋଟକା
ପରିବର୍ତ୍ତନର ରାହାରେ
ରୂପାନ୍ତର ହିଁ ରୂପାନ୍ତର
ଜୀବନ ଯାତ୍ରାରେ...।

ଲୁହା ହେଉଥାଏ ଲୁହ।
କେତେ ତାତିଲେ ସେ ତରଳେ
କେତେ ଆୟୁଷ ବାଷ୍ପ ହୁଏ
ନିଃଶେଷ ହେଉଥାଏ କେତେ ନିଃଶ୍ୱାସ
କେଉଁ ଇତିହାସ ସାଇତିଛି ହିସାବ ?
କିଏ ବା ଆକଳନ କରିଛି ?
ଖାଲି ଯାହା ମୂଲ୍ୟାୟନର ଭାଗକ ନମ୍ବରରେ
ସମାଜଟେ ସମ୍ମାନ ଫିଙ୍ଗିଛି ନାରୀକୁ।

ନାରୀ କିନ୍ତୁ ଲୁହକୁ ବି ଲୁହା କରିଛି
ଦୁଃଖରେ କାଲୁଆ ପଡିଛି
ସମ୍ପୂର୍ଣ୍ଣ ଚୁରମାର ହେଲା ପରେ
ସବୁ ଅସ୍ତିତ୍ୱକୁ ଉଭେଇଦେଲା ପରେ
ନିଜକୁ ସାଉଁଟି ଶକ୍ତ କରିଛି
କେବେ ଚାହିଁନି ମୂଲ୍ୟାୟନ
ଭୋଗିନି ଭାଗକ ଅଙ୍କ
ନିରନ୍ତର ସର୍ଜିଛି... ସାଉଁଟିଛି....
ଆଉ ସଂହାରିଛି।

♥ ଜୟପୁର, କୋରାପୁଟ
(ମୋ) ୮୨୪୯୪୫୦୦୫୦



### ॥ ମଧୁ ମହ୍ଲାର ॥

**ଦେବାଶିଷ ଚକ୍ରବର୍ତ୍ତୀ**

॥ କୋଇଲି ॥

ମହୁଠୁ ମଧୁର କୋଇଲିର ସ୍ୱର
ନେଇଥାଏ ସିନା ପରାଣ ମୋହି
କି ଲାଭ ସତରେ ବଜାର ଦରରେ
ନିମ୍ନବିତ୍ତ ପ୍ରାଣ ହୋଇଲେ ଦହି ?

॥ ପଦୁଅଁ ॥

ପଦୁଅଁ ଫୁଲ ର ବିଟୋଳ ହସରେ
ଚହଟଇ ସିନା ସରସୀ ଶିରି
ଲାଭ କଣ ଯେବେ ଦୁଶ୍ଚିନ୍ତା ବର୍ଷାରେ
ପ୍ରତ୍ୟୟ ପଦୁଅଁ ଯାଅଇ ଝରି ?

॥ ବଉଳ ॥

ଆମ୍ବ ବଉଳର ମଧୁର ମହକ
ମନେ ସିନା ଦିଏ ପୁଲକ ଭରି
ଲାଭ କଣ କୁହ ମନ ଚୂତଡାଳୁ
ଆଶାର ବଉଳ ପଡିଲେ ଝରି ?

॥ ପଳାଶ ॥

ବାସନା ଟିକିଏ ନଥାଉ ପଛକେ
ରୂପରେ ନିଅନ୍ତି ପରାଣ ମୋହି
ଖୁସିର ତଟିନୀ ବୁହାନ୍ତି ଯେପରି
କୁହାଳିଆ ନେତା ଭାଷଣ ଦେଇ।

॥ କିଶଳୟ ॥

ଫଗୁଣ ପରଶ ପାଇଲେ ଯେପରି
କଅଁଳି ଉଠଇ ନୂଆ ପତର
ପ୍ରଣୟ ପରଶ ପାଇଲେ ସେପରି
ଦର ବୁଢ଼ା ମଧ ହୁଏ ଚଞ୍ଚଳ।

♥ ମଣ୍ଡୁଆ, କେନ୍ଦୁଝର ଗଡ
ମୋ ୯୪୩୭୭୫୨୩୯୫

### ॥ ଅନ୍ତହୀନ ॥

**ପ୍ରଜ୍ଞା ପାରମିତା ମିଶ୍ର**



ମୁଁ, ଚାହେଁନି ସରଳ ମୃତ୍ୟୁ
ଚାହେଁନି ନୀରବ ନିର୍ବାସନ
ଚାହେଁନି ବି ଶାନ୍ତିର ନିର୍ବାଣ
ମୁଁ କିନ୍ତୁ ଖୁବ୍ ଚାହେଁ ତମଠୁ, ଖାସ୍ ତମଠୁ
ଦବ ? କୁହ; ଦବକି ?

ଯଦି ପାରିବ ତାହେଲେ ଦିଅ
ସମ୍ମାନରେ ଅପେକ୍ଷାର ଗୋଟେ କାରଣ,
ଅପେକ୍ଷା କରିଥିବି ମୁଁ

ସମୁଦ୍ରକୁ ଯାଉଯାଉ ଯୋଉ କେନା ଖଣ୍ଡେ
ବାଟଭୁଲି ଶୁଖିଯାଏ ସେଇ ବାଲିରେ
ସିନ୍ଦୁରା ଫାଟିବା ଭୟରେ ନିଜକୁ
ଲୁଚେଇନଉଥିବା କୁଆଁତାରା ଛାତିର ତାତିରେ
ଭଅଁର କି ପ୍ରଜାପତି ଇଚ୍ଛାକରି ଛୁଇଁପାରିନଥିବା

ସବୁ ଅଫୁଟା ପରାଗ ଭିତର ବାସ୍ନାରେ

ଅସ୍ତରାଗ ଆହ୍ୱାନରେ ଘରବାହୁଡ଼ା ଖୁସିର
କ୍ଲାନ୍ତଡେଣା ପ୍ରଚେଷ୍ଟାରେ
କଲମ କାଳିରେ ସମୁଦ୍ର ସାଉତୁଥିବା
କୋଉ ନୀରବ ଅଭିମାନୀର କବିତା ଖାତାରେ
ପୁରଣ ହେବା ଆଶାରେ
ପାଉଁଶ ହେଇଯାଉଥିବା
ପ୍ରତି ଧୂପକାଠିର ଉଛୁଳା ମାନସିକରେ

ବାଙ୍କମୁଣ୍ଡି ବେଢ଼ା ବରଗଛ ଛାଇତଳେ
ଥକାହେଇ ଥକିପଡ଼ିନଥିବା
ଉପାସିଆ ହୁଳହୁଳିରେ ;

କରିଥିବି ଅପେକ୍ଷା ସାରା ଜୀବନ !

କାକୁତି କରି ମାଗିଆଣିବି
ଆୟୁଷ କୋଉ ଅଶରୀରିଠୁ
ଖାଲି ଟିକେ ଅପେକ୍ଷା କରିପାରିବି ବୋଲି
ମୃତ୍ୟୁପରେ ବି
ସାଉଁଟା ସ୍ମୃତିରେ ଆଉଟା ଆବେଗସବୁକୁ
ଜାବୁଡ଼ିଧରି ଚାହିଁରହିଥିବି ସେଇଠି ସେମିତି
ଇଚ୍ଛାକରି ପାଇବିନି ମୋକ୍ଷ, ନେବିନି ମୁକ୍ତି
ଖାଲି ଦିଗନ୍ତବିସ୍ତାରୀ ଅପେକ୍ଷାରେ ଥିବି
ବର୍ଷ ପରେ ବର୍ଷ,ଜନ୍ମ ପରେ ଜନ୍ମ

କିନ୍ତୁ କୁହ,
ତମେ ପାରିବତ ଦେଇ, ଗୋଟେ କାରଣ ? ?

♥ ଅରୁଣୋଦୟ ନଗର, କଟକ
(ମୋ) ୭୯୭୮୯୪୨୧୩୮

### ॥ ପକ୍ଷୀର ଦୁଇଟି ସ୍କେଚ୍ ॥

**ଶୁଭସ୍ମିତା ତ୍ରିପାଠୀ**



॥ ପକ୍ଷୀ ॥

ତମେ ପ୍ରେମରେ ରୁହ, କିନ୍ତୁ ମନେରଖ
ଆକାଶ କେବେ ଶିକାରୀ ହାତରୁ
ଛଡେଇ ଜାଣିନି ବନ୍ଧୁକ,
କି ତୋଫାନରେ ସ୍ଥିର କରିପାରିନି ଡାଳ

ପୋତି ଶିଖ ତମ ଲୁହଙ୍କୁ ସମୁଦ୍ର ଭିତରେ
ତୁମ ଚଂଚୁରୁ ଫୁଲ ସବୁ ଝରି
ପାଉଁଶ ହେବା ଆଗରୁ
ମନଭରି ଭଲପାଅ ଆକାଶର ରଙ୍ଗ

ଗଙ୍ଗ ଶିଉଳିର ଝରାପଣ ନେଇ
ପତ୍ର ଉପରର କାକର କାଳିରେ
ଏମିତି ଲେଖୁଥାଅ କବିତା !

॥ ଚିହ୍ନା ପକ୍ଷୀ ॥

ମତେ ଭଲ ଲାଗୁଥିବା ଚିହ୍ନା ପକ୍ଷୀ ଯେତେ
ବୁଝନ୍ତିନି ମୋ କବିତା,
ତାଙ୍କ ଗୀତ ଖାତାରେ କେବଳ
ପୁରୁଣା ମେଘଙ୍କର କୃଷ୍ଣକଳା ଦାଗ,
ଯାହା ଶୁଖେନା ସହସ୍ର ବର୍ଷ ବିତିଗଲା ପରେ
ମୋ ଦୁଃଖର ଦିଗବଳୟ
ଗାଢ଼ ଗୋଲାପୀ ରଙ୍ଗର;
ଆଉ ସୁଖର ଠିକ୍ ଆକାଶ ଭଳି ନୀଳ

ମୁଁ ହସେ, ଯେବେ ସେମାନେ ମୋ
ଗୋଲାପୀ ରଙ୍ଗର ହସକୁ
ଆକାଶୀ ନୀଳ ବୋଲି ଭଲପାଇଯାଆନ୍ତି ଖୁବ୍
ଅଥଚ ମୁଁ ଥାଏ ମୋ ନିଜ ଠାରୁ
ଅନେକ ଅନେକ ଦୂର !

♥ ବ୍ରହ୍ମପୁର, ଗଞ୍ଜାମ
(ମୋ) : ୮୪୮୦୮୬୭୧୯୦

**ଡ. ରଜନୀ ରଂଜନ**



### ॥ ଏକପଦୀ ॥

ପରଜାପତିର
କଅଁଳ ଡେଣାରେ
ଲେଖି ଦେଉଥିଲ ଚିଠି
ସେଇ ଚିଠି ଆଣି ହାତେ ଦେଉଥିଲ
ଚୁପିଚୁପି ଛପିଛପି
ଏବେ ମୁଁ ପଢୁଛି- ଏବେ ମୁଁ ଜଳୁଛି
ସ୍ମୃତିର ନିଆଁରେ ନିତି /ପ୍ରେମ ପରା ଏଇମିତି।

♥ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫

### ॥ ଶୀତରାତି ॥

**ବିପ୍ଳବ**



ନିଆଁକୁ ବେଶୀ ଡରେ ଶୀତ।

ସେଥିପାଇଁ କାହାଠୁଁ ମାଗିଆଣି
ଅଣ୍ଟାରେ ଖୋସିଥିବା ଅଧାଜଳା
ମାଗୁଣି ବିଡ଼ିରେ ସେ ନିଆଁ ଧରାଏ
ଆଉ ଶୂନ୍ୟକୁ ଧୂଆଁ ଛାଡ଼େ।

ସଞ୍ଜ ପହର
ନରହନ୍ତା ବାଘର ହେଣ୍ଟାଳ ପରି
ବେଶୀ ବେଶୀ ଡରାଏ ଶୀତ।
ବାରିପଟ ଜାମୁଗଛରୁ
ଶୁଭୁଥାଏ ମାଙ୍କଡ଼ଙ୍କ ହୁଁ ହାଁ
ଆଉ ଜୋରକାନ୍ଥ ବେଣାବୁଦାରୁ
ବିଲୁଆଙ୍କ ହୁକେ ହୋ।

ସେତିକି ହେଲେ ସେ କରି ପାରନ୍ତା !

ଶିବୁ ପାନଦୋକାନ ଗଳିରେ
ବ୍ରଏଲର କାଟୁଥିବା
କଲ୍ଲୁ ମିଆଁର ଚାପଡ଼ ଚୋଟକୁ ସେ
ଖାତିର କରେନି
ଯେତିକି ଡରେ ତାକୁ।

ସେ କୁଆଡ଼େ କାର୍ଖାନା ଧୂଆଁକୁ ମାଫ୍ କରି
ବାଇକ ଧୂଆଁକୁ ଗଣ୍ଡିକରେ
ମଦ ବିକି ସାରି ମଦୁଆକୁ ଧରିପାରେ
ମୋଟାମୋଟି ଭାବରେ ଲୁଟିକରି ବାଣ୍ଟିପାରେ
ଚଡକି ଲୋଭରେ।

ସେ ବୁଝି ପାରେନି
କିଏ ବେଶୀ ନିର୍ଦ୍ଦୟୀ
ଶୀତରାତି ନା ସେ ?
ବେଳେବେଳେ ତାକୁ ଲାଗେ
ସେ ହିଁ ଶୀତରାତି
ଆଉ ଶୀତରାତି ହିଁ ଗୋଟେ
ସରକାର !

♥ ମକୁନ୍ଦ ପୁର, ବାଙ୍କୀ
(ମୋ) ୯୪୩୭୪୬୮୦୧୬

### ॥ ଜୀବନ ॥

**ବନମାଳୀ ସେନାପତି**



ସବୁ ଆରମ୍ଭର ଯେମିତି ଶେଷ ଥାଏ
ସବୁ ଦୁଃଖର ଶେଷ
ସୁଖରୁ ଆରମ୍ଭ ହୋଇଥାଏ
କିନ୍ତୁ ଭଗବାନ
ମୋ ପାଇଁ ଦୁଃଖ ଲେଖିଲା ବେଳେ
କଲମଟା ଜୋର ଜୋର
ଚଲେଇବା ଜାଣିଥିଲେ
ସୁଖ ଲେଖିଲା ବେଳେ
ବୋଧେ କଲମରୁ କାଳି ସରିଗଲା ।

ଦୁଃଖ ଦିନକୁ ଦିନ ବଢୁଛି ସିନା
କମିବାର ନା ଧରୁନି
ଅନ୍ୟ କେହି ଦୋଷ କଲେ
ଭଗବାନଙ୍କ ପାଖରେ ଫେରାଦ ହେଇଥାନ୍ତି
ଖୋଦ ଭଗବାନ ଯାହା କରିଛନ୍ତି
କାହା ପାଖରେ ଫେରାଦ ହେବି
ମୁଁ ହାତୀ ନୁହେଁ ଯେ ସେ ମୋ କଥା ଭାବିବେ
ମୁଁ ଦ୍ରୌପଦୀ ନୁହେଁ ଯେ ସେ ଅଦୃଶ୍ୟରେ ରହି
ଆଶୀର୍ବାଦ ଦେବେ
ମୁଁ ପାଣ୍ଡବ ମାନଙ୍କ ମଧ୍ୟରୁ କେହି ନୁହେଁଯେ
ମୋ ପାଖେ ପାଖେ ରହି
ବିପଦରୁ ଉଦ୍ଧାର କରିବେ ।

ମୁଁ ରକ୍ତ ମାଂସର ମଣିଷଟିଏ
ଯିଏ ପାପ ଆଉ ପୁଣ୍ୟକୁ
ସମାନ କରିଦିଏ
ତା ଜୀବନ ଯଜ୍ଞରେ
ଯିଏ ସକାଳୁ ସଞ୍ଜ ଯାଏ ଖୋଜିବୁଲେ
ନର୍କରୁ ନିର୍ମାଲ୍ୟ
କେତେବାଟ ଯାହା ସେ
ଛାଡି ଯାଉଛି ପଛକୁ ପଛକୁ
ସେ ପାଇବନି ଖୋଜୁଥିବା ଅମୂଲ୍ୟ ରତ୍ନକୁ
ଆଗେଇବ କିନ୍ତୁ ଆଗକୁ ଆଗକୁ ।

♥ ସଂପାଦକ ପରାଗ, କେନ୍ଦ୍ରାପଡା
(ମୋ) ୯୩୩୭୨୨୮୦୪୦

# ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କିନ୍ତୁ ସୃଜନ କ୍ଷେତ୍ରରେ ପୁରସ୍କାରର ଭୂମିକା ଶୂନ୍ୟ : ରଜନୀକାନ୍ତ ମହାନ୍ତି

**ରଜନୀକାନ୍ତ ମହାନ୍ତି** ସାଂପ୍ରତିକ ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । କେବଳ ଗଳ୍ପ, କବିତା ପ୍ରବନ୍ଧ, ଉପନ୍ୟାସ ନୁହେଁ ବରଂ ସମ୍ପାଦନା କ୍ଷେତ୍ରରେ ସେ ଜଣେ ନିଷ୍ଠାପର ବିନ୍ଧାଣି । ହୃଦୟର ଆବେଗକୁ ସଚେତନତାର ଚଉତରା ଉପରେ ଥୋଇ ମାନବିକତାର ଉତ୍ତରଣ ସପକ୍ଷରେ କଥା ରଖି ସେ ପ୍ରଦର୍ଶିତ କରସାରିଛନ୍ତି ନିଜର ପାରଦର୍ଶିତା ଓ ସମୃଦ୍ଧ କରିପାରିଛନ୍ତି ତାଙ୍କ ସୃଜନକ୍ଷେତ୍ର । ତାଙ୍କ ଲେଖାରେ ଅଛି ଯେଉଁ ଅନୁଭୂତିର ସ୍ୱାଧୀନତା ଓ ସଚେତନତାର ଉଦ୍ଭାସନ ତାହା ତାଙ୍କୁ ସ୍ୱତନ୍ତ୍ର କରି ଚିହ୍ନାଏ । "ଖୋଦ୍ ଲେଖକର ଅହଂକାରକୁ ସାହିତ୍ୟ ଭାଙ୍ଗୁଥାଉ !" ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?**

■■ 'ସତ୍ୟାନନ୍ଦ ହାଇସ୍କୁଲ' ସୋର (ବାଲେଶ୍ୱର ଜିଲ୍ଲା)ରେ ଅଷ୍ଟମ ଶ୍ରେଣୀରେ ଗଲାବେଳେ ସ୍କୁଲ ମାଗାଜିନ 'ସୁରଭି'ରେ ପ୍ରକାଶ ପାଇଁ ସ୍ୱଲିଖିତ ରଚନା (କବିତା/ ଗଳ୍ପ ଇତ୍ୟାଦି) ଦେବା ଲାଗି ଆମକୁ କୁହାଗଲା । ମୋତେ କିଛି ଲେଖି ଆସୁନଥିଲା । ମୋ ବୋଉ ଓଡ଼ିଆ, ହିନ୍ଦୀ ଓ ବଂଗଳାରେ ବେଶ୍ କବିତା ଲେଖି ପାରୁଥିଲେ । ବନ୍ଧୁ ବାନ୍ଧବ, ସାଇ, ଗାଁରେ ବାହାଘର ଗୀତିକା ଲେଖିବା ପାଇଁ ତାଙ୍କୁ ଅନୁରୋଧ ହେଉଥିଲା, ସେ ଲେଖି ଦେଉଥିଲେ, ମୁଁ ଜାଣେ । ସୁରଭିରେ ପ୍ରକାଶ ପାଇଁ ମୋ ଲାଗି କବିତା ବା ଗପଟେ ଲେଖି ଦେବାପାଇଁ କହିଲି । କିନ୍ତୁ ସେ ରୋକଠୋକ୍ ମନା କରିବା ସହ କହିଲେ- ଅନ୍ୟର ଲେଖାକୁ ନିଜ ନାଁରେ ଛପାଇଲେ ସେ ସମୟକୁ କ୍ଷଣିକ ଆନନ୍ଦ ମିଳିପାରେ କିନ୍ତୁ ପରେ ପସ୍ତେଇ ହେବାକୁ ପଡ଼ିବ । ନିଜେ ଲେଖ ! ବୋଉଙ୍କ ଠାରୁ ନାସ୍ତିବାଣୀ ଶୁଣି ମୁଁ ନିଜେ ଗୋଟେ 'ଧନ୍ଦା' ଲେଖିଲି । ସେତେବେଳେ 'ଧନ୍ଦା' ଲେଖିବାର ଚଳଣି ଥିଲା । ଅକ୍ଷରକୁ ଅକ୍ଷର, ଶବ୍ଦକୁ ଶବ୍ଦ ମିଶାଇ ଗୋଟେ ପ୍ରଶ୍ନ ସୃଷ୍ଟି କରିବା ଯାହାର ଅର୍ଥ ଅମୁକ ହେବା, ସମୁକ ହେବା ଇତ୍ୟାଦି । ମାତ୍ର ମୋର ସେ 'ଧନ୍ଦା' କବିତାଟି ପ୍ରକାଶ ଯୋଗ୍ୟ ବିବେଚିତ ହେଲା ନାହିଁ । ସେଇଠୁ ମନରେ ନିରନ୍ତର ଉତ୍ସୁକତା ରହିଲା କେମିତି କବିତା ଲେଖିବି । ଲେଖିଲି ବି ।

■ **ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ଅନ୍ତଃପ୍ରେରଣାକୁ ମୁଁ ସ୍ୱୀକାର କରେ । ଆଦ୍ୟଗୁରୁ ଭାବେ ମୁଁ ମୋ ମାଆ (ବୋଉ)ଙ୍କୁ ସ୍ମରଣ କରିବି ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସଂଭବ କି ?**

■■ ସୃଜନଶୀଳ ଅସ୍ତିତ୍ୱ କେଉଁ ଦିଗରେ ଗତି କରିବ ତା'ର ଖସଡ଼ା ତିଆରି କରାଯାଇ ପାରିବ ନାହିଁ କି କୌଣସି ନିର୍ଦ୍ଦେଶିକା ଜାହିର କରାଯାଇ ପାରିବ ନାହିଁ । ସମସ୍ୟା ଆତ୍ମ-ସ୍ୱରୂପରେ ଲେଖକକୁ ଆଚ୍ଛନ୍ନ କରିପାରେ କାରଣ ଲେଖକ ଆବେଗ ପ୍ରବଣ ଓ ସ୍ପର୍ଶକାତର । ସାଂପ୍ରତିକ ବିଶ୍ୱରେ ଯୁଦ୍ଧର ଘନଘଟା ଓ ରାଜନୀତିର ବ୍ୟର୍ଥତା, ପରିବେଶ ଓ ବାତାବରଣର ସନ୍ତୁଳନହୀନତା, ବାର୍ଦ୍ଧକ୍ୟର ପୀଡ଼ା ଓ ନିସଂଗତା, ଯୌନ ବୁଭୂକ୍ଷାର ନିର୍ଦ୍ଦୟପଣ, ଉଗ୍ର ଅଧିକାରବାଦ, ଅତି ଯାନ୍ତ୍ରିକତାର ପ୍ରାଦୁର୍ଭାବ, ନାବାଳିକା ଗର୍ଭଧାରଣ, ତୀବ୍ର ବ୍ୟବସାୟୀ ମନୋବୃତ୍ତି, ବାଣିଜ୍ୟିକ ଜୀବନଧାରା ତଥା ଲାଭକ୍ଷତିର ସମାଜ ପ୍ରଭୃତି ବହୁ ଉତ୍କଟ ଓ ମାନବୀୟ ସଂକଟର ସମ୍ମୁଖୀନ ମଣିଷ ଜାତି ଉଥୁଲୁ ପୁଥୁଲୁ ହେଉଥିବାରୁ ସେସବୁର ସୂକ୍ଷ୍ମତମ ଚେତନ ସ୍ତର ଲେଖକର ସୃଜନ ଆତ୍ମାକୁ ଦୋହଲାଇ ସ୍ପନ୍ଦନ ଦେଉଛି ନିଶ୍ଚୟ ।

କେଉଁ ବାଗ, କେଉଁ ଶୈଳୀ, କେଉଁ ପ୍ରେକ୍ଷାପଟରେ ଲେଖକ ତାକୁ ଉଦ୍ଭାସନ ଦେବ, ସେଇଟା ତାର ନିଜସ୍ୱ । ହଁ, ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସଂଭବ କାରଣ ସମସ୍ୟା/ ସଂକଟଟି ଲେଖକକୁ ଆଗ ଛୁଏଁ । ଅବଶ୍ୟ ସେ ପରିବର୍ତ୍ତନଟି ତତ୍କାଳ ହେଇପାରେ ବା ଦୀର୍ଘସୂତ୍ରୀ । ଉଦାହରଣ ଦେବି ।

ଗଣତନ୍ତ୍ରର ପ୍ରତିଷ୍ଠା ଓ ଗତିଶୀଳତାରେ ଫକୀରମୋହନଙ୍କ ସାହିତ୍ୟର ଅବଦାନ ଅଛି । ସାରିଆ, ଭଗିଆ, ଚମ୍ପା, ରେବତୀ, ରାଣ୍ଡିପୁଅ ଅନନ୍ତା ପ୍ରଭୃତି ଚରିତ୍ରଙ୍କୁ ଆଣି ସେମାନେ ଯେ ସମାଜ ଓ ରାଷ୍ଟ୍ରସତ୍ତାର ବୃହତ୍ତର ଅଂଶ ବିଶେଷ ଏଇ ଚେତନା ଧାରାକୁ ଉଜ୍ଜିବୀତ କରିବାରେ ଫକୀରମୋହନଙ୍କ ସାହିତ୍ୟ ଦୃଢ଼ ସ୍ୱୀକୃତି ଦିଏ । ଏଇ ସ୍ୱୀକୃତ ବୃହତ୍ତର ମାନବ ଗୋଷ୍ଠୀର ଚେତନା ହିଁ ଗଣଚେତନା, ଗଣତନ୍ତ୍ରର ଆଦିସର୍ତ୍ତ ! (ଏ ପ୍ରସଂଗରେ ଅଧିକ ଗବେଷଣା ସଂଭବ) । ଗୋପୀନାଥ ମହାନ୍ତିଙ୍କ ପରଜା ଉପନ୍ୟାସ ମାନବୀୟ ଅଧିଷ୍ଠାନରେ ଆଦିବାସୀଙ୍କ ଜୀବନଚର୍ଯ୍ୟା ଓ ସାମାଜିକ ଭିତ୍ତିକୁ ସମାଜ, ରାଷ୍ଟ୍ର ଓ ଶାସନ ଆଗରେ ରୂପ ଖୋଲିଛି, ଏହା ଅସ୍ୱୀକାର କରିହେବ କି ?

ଜାତୀୟ କବି ବାଂଛାନିଧି ମହାନ୍ତି, ବୀର କିଶୋରଙ୍କ କବିତା ସ୍ୱାଧୀନତା ଆନ୍ଦୋଳନ, ସାମନ୍ତବାଦୀ ମନୋବୃତ୍ତିକୁ ପରିବର୍ତ୍ତନରେ ଭୂମିକା ନେଇନାହିଁ !

ସୁରେନ୍ଦ୍ର ମହାନ୍ତିଙ୍କ ନୀଳଶୈଳ ପ୍ରକାଶ ପରେ ପୁରୀ ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସଂପର୍କରେ ଗଣମାନସରେ ଯେଉଁ ଚିନ୍ତାଧାରା ଥିଲା ତାହା କଣ ଭିନ୍ନରୂପ ଗ୍ରହଣ କରିନାହିଁ !

ଲେଖିଲେ ଆତ୍ମ-ପ୍ରଚାର ବୋଧ ଲାଗିପାରେ, ମାତ୍ର ଦେଢ ପୃଷ୍ଠାର 'ମୋକଦ୍ଦମା' ଗଳ୍ପ (ଝଂକାର ପ୍ରକାଶିତ) ଆମ ଗାଁ 'କ୍ଷୀରକୋଣୀ'ରେ ଭାଗଚାଷ ଆନ୍ଦୋଳନ ଓ ତତ୍ ସଂପର୍କୀୟ ବିଭିନ୍ନ ମୋକଦ୍ଦମାର ଗ୍ରାମ୍ୟ- ସମାଧାନରେ ବଳିଷ୍ଠ ଭିତ୍ତି ହେଇଥିଲା ।

ଏସବୁ ସାହିତ୍ୟ ପରିବର୍ତ୍ତନର ଦିଶା !

■ **ତୁଳନାତ୍ମକ ଭାବେ ପୂର୍ବାପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖାଯାଉଥିଲେ ମଧ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?**

### ■ ଅଳ୍ପରେ ରଜନୀକାନ୍ତ ମହାନ୍ତି



ଜନ୍ମ: ୯.୭. ୧୯୫୨
ଜନ୍ମସ୍ଥାନ- କ୍ଷୀରକୋଣୀ,
ପୋ: ଚକବାରାପୁର, (ସୋର),
ଜି: ବାଲେଶ୍ୱର - ୭୫୬୦୫୫
ମୋ: ୮୭୬୬୯୪୪୮୫୮

**ପ୍ରକାଶିତ ପୁସ୍ତକ**

**ଗଳ୍ପ ସଂକଳନ**

୧- ଷଠିଘର
୨- ଶତାଣ୍ଡିପୁରୁଷ
୩- ମାଟିଆପୁଅ,
୪- ଆ ସାକ୍ଷୀ ଦେ
୫-ଝିପିଝିପି ଅନ୍ଧାର(ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରୁସ୍କାର ପ୍ରାପ୍ତ)
୪- ବହୁ ବଜାର
୫-ଉଷାକାଳ
୬-ରକ୍ତରାଣ
୭- ଅଠର
୮- ନିର୍ବାସନ ରୋଡ୍
୯- ହସ୍ତାକ୍ଷର
୧୦-ଶ୍ରେଷ୍ଠ ଗଳ୍ପ
୧୧-କାଳକଳ୍ପ
୧୨- ସନ୍ଧିପୂଜା

ଇଂରାଜୀ ଅନୁଦିତ ଗଳ୍ପ ସଂକଳନ - **Golden Jackal and other stories.** (ଅନୁବାଦ : ଡଃ ବ୍ରଜମୋହନ ମିଶ୍ର)

ଉପନ୍ୟାସ -
୧-ଅବତାର
୨-ଜାଂଗଲିକ
୩-ପୁଷ୍ୟାନକ୍ଷତ୍ରର ଇତିବୃତ୍ତ
୪-ମେଘବର୍ଣ୍ଣା
୫- ଶିଶୁନ ଏକ୍କା ଗରହାଜର ଅଛି
୬- ସାଗରମାଳା

ପ୍ରବନ୍ଧ ଓ ଆଲୋଚନା -
୧- ସହସ୍ର ଧାରା : ଓଡ଼ିଆ ସାହିତ୍ୟ ଚର୍ଚ୍ଚା

କବିତା -
୧- ମୋତେ ଛୁଁ
୨- ଋତୁ ସଂହାର

ସାକ୍ଷାତକାର -
୧-ସାମ୍ନାସାମ୍ନି

ପତ୍ରିକା ସଂପାଦନା -
ସ୍ୱର (ବ୍ରହ୍ମପୁର), ଶବ୍ଦ (ସୋର), ଚନ୍ଦନ (ଭୁବନେଶ୍ୱର), ଅଖିଳଚକ୍ର ପତ୍ରିକା (ଯାଜପୁର), ବହୁବଚନ (ଭଦ୍ରକ) ପ୍ରମୁଖ

■■ ଏବେ ଗାଁ ଗାଁରେ ସାହିତ୍ୟ ଅନୁଷ୍ଠାନ ଗଢ଼ି ଉଠୁଛି ଏବଂ ସାହିତ୍ୟ ପତ୍ରିକାମାନ ପ୍ରକାଶିତ ହେଉଛି । ସେ ପତ୍ରିକାମାନଙ୍କରେ ଆଖପାଖର ଲେଖକମାନଙ୍କର ସାହିତ୍ୟ ପ୍ରକାଶିତ ହେଉଛି, ପାଠ ହେଉଛି; ଟେଲିଭିଜନ ଓ ଇଣ୍ଟରନେଟ୍‌ର ବହୁଳ ପ୍ରସାର ସତ୍ତ୍ୱେ ! ଏହା ଏକ ଶୁଭ ସୂଚନା । ଏଥିରୁ ସ୍ପଷ୍ଟ ଅନୁଭବ ଆସୁଛି ଯେ ଆମ ପାଇଁ ମେଗାଜିନ ଓ ପୁସ୍ତକ ପ୍ରକାଶିତ ସାହିତ୍ୟ ଯେଭଳି ଅନ୍ତରଂଗ ଓ ସନ୍ତୋଷ ପ୍ରଦାୟକ; ଟେଲିଭିଜନ ଓ ଇଣ୍ଟରନେଟ ପ୍ରଦତ୍ତ କବିତା/ କାହାଣୀ ସେଭଳି ସନ୍ତୋଷଦାୟୀ ନୁହେଁ । ସରଳରେ କହିଲେ- ସେଥିରେ ମନ ବୁଝେନାହିଁ ।

ଦ୍ୱିତୀୟରେ ସାହିତ୍ୟ ବ୍ୟକ୍ତି, ସମାଜ, ରାଷ୍ଟ୍ର ଓ ବିଶ୍ୱର ଅବିଚ୍ଛେଦ୍ୟ ଅଂଗ- ଏଇ ଧାରଣା ଠୁଁ ସାହିତ୍ୟକୁ ଦୂରରେ ରଖିଲେ ନୈରାଶ୍ୟ ସୃଷ୍ଟି ହେବ ହିଁ ହେବ । ଏବେ ତ ଖବରକାଗଜ ଗୁଡ଼ିକ ନିରନ୍ତର ସାହିତ୍ୟ ପୃଷ୍ଠା ଯୋଖି ପାଠକ ସୃଷ୍ଟିର ବଳୟ ବଢ଼ାଇ ଚାଲିଛନ୍ତି । ବ୍ୟକ୍ତି, ସମାଜ ଓ ସାହିତ୍ୟର ଅର୍ନ୍ତ-ସଂବନ୍ଧୀୟ ପ୍ରକରଣଟି ତା' ସ୍ରୋତରେ ଗତିଶୀଳ ହେଉଛି ଏବଂ ହେବ ।

ଗଳ୍ପ ପ୍ରସଙ୍ଗରେ କୁହାଯାଇ ପାରିବ ଯେ ଗଳ୍ପ ଅଧିକ ଲେଖା ଯାଉଛି ନିଶ୍ଚୟ, ପଢ଼ାଯାଉଛି ମଧ, କିନ୍ତୁ କେଉଁ ଲେଖକ କେତେ ଆଦୃତ ହେବେ ଓ ହେଉଛନ୍ତି ତାହା ଗାଳ୍ପିକଙ୍କ ସୃଜନଶକ୍ତି ଉପରେ ନିର୍ଭର ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ଏକଦା ମାତୃଭାଷାର ସଂକଟ କାଳରେ ଲେଖକମାନେ ତ୍ରାଣକର୍ତ୍ତା ହେଇ ଉଭା ହୋଇଥିଲେ । ଜାତୀୟ ଗୌରବ ମଧୁସୂଦନଙ୍କ ନେତୃତ୍ୱ ସହ ଫକୀରମୋହନ, ରାଧାନାଥ, ଗୌରୀଶଙ୍କର ପ୍ରମୁଖ ।

ଦେଶ ସ୍ୱାଧୀନ ହେବା ପୂର୍ବରୁ ଭାଷାସୂତ୍ରିକ ରାଜ୍ୟ ଗଠନ ହେବା ଓଡ଼ିଆ ଓ ଓଡ଼ିଶା ପକ୍ଷେ ଏକ ଅନନ୍ୟ ଉପଲବ୍ଧି । ଦେଶ ସ୍ୱାଧୀନ ହେବା ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାରଙ୍କ ମୌଳିକ ଓ ପ୍ରାଥମିକ କାର୍ଯ୍ୟ ହେଉଛି ପରିଚୟକୁ ଅକ୍ଷୁର୍ଣ୍ଣ ରଖିବା ଅର୍ଥାତ୍ ଭାଷା ସୁରକ୍ଷା, ବିକଶନ ଓ ପ୍ରବର୍ତ୍ତନର ଦାୟିତ୍ୱ ନେବା ! ଭାଷା ନରହିଲେ ଭାଷା ଭିତ୍ତିକ ରାଜ୍ୟ ସୃଷ୍ଟିର ମୌଳିକ ନିର୍ବନ୍ଧ ଶେଷ ହୋଇଯିବ ଯେ !

ଅବଶ୍ୟ ଭାଷାକୁ ପରିପୁଷ୍ଟ, ଗତିଶୀଳ କରିବାକୁ ହେଲେ ଶାସନ ବ୍ୟବସ୍ଥା ସାହିତ୍ୟିକଙ୍କର ସହଯୋଗ ଲୋଡ଼ିବା ଅପରିହାର୍ଯ୍ୟ !

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ ତା ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ଲେଖକ ମାନବବାଦ ଓ ମାନବିକତାର ଜ୍ୱଳମାନ ଅସ୍ତିତ୍ୱ । ମାନବତାର ଯେଉଁଠି ଅବମାନନା ହେଉଛି ସେଠି ଲେଖକ ହାଜର । କେତେବେଳେ ସାହିତ୍ୟର କଲମ ଧରି ତ, କେତେବେଳେ ସଂବାଦର କଲମ ! ଏବେ ଏବେ ମୋବାଇଲର ଫଟୋ ଓ ଭିଡିଓ ମଧ ହାଜର ହେଉଛି । ଏସବୁ ସାହିତ୍ୟର ଅନ୍ତର୍ଭୁକ୍ତ । ଲେଖକ ତା ଅନୁଭବଟିକୁ ବଢ଼େଇଦବ ପାଠକକୁ, ସମାଜକୁ ଏବଂ ଶାସନ ବ୍ୟବସ୍ଥାକୁ ! ପରବର୍ତ୍ତୀ ସ୍ଥିତି ଓ ଦାୟିତ୍ୱ ବ୍ୟବସ୍ଥାର । ଏଣୁ ଅବ୍ୟବସ୍ଥାର ସଂଶୋଧନରେ ଲେଖକର ଭୂମିକାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ସାହିତ୍ୟ ସମାଜକୁ ହଲଚଲ କରିପାରେ ବୋଲି ମାନବିକତାର ଆସ୍ଥା ବଢ଼େ, ପରିବର୍ତ୍ତନର ସଂଭାବନା ସୃଷ୍ଟି ହୁଏ । ସଭ୍ୟତା ଋଦ୍ଧିମନ୍ତ ହୁଏ ।

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?**

■■ ମୁଁ ସଂପୂର୍ଣ୍ଣ ଆଶାବାଦୀ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ନିରପେକ୍ଷ ପୁରସ୍କାର କିଛି ଗୁରୁତ୍ୱ ରଖେ କିନ୍ତୁ ମହତ୍ତ୍ୱ ଖୁବ୍ କମ୍ ।

ସମାଜ ଓ ସଭ୍ୟତାର ବିବର୍ତ୍ତନ ଓ କ୍ରମବିକାଶ ଧାରାରେ ସାହିତ୍ୟ ପୁରସ୍କାରର ଜନ୍ମ । ଲେଖକର ଅବଦାନକୁ ସ୍ୱୀକାର କରି ସମାଜ ସଂସ୍ଥା ମାଧ୍ୟମରେ ପ୍ରତିଦାନ ସ୍ୱରୂପ ପୁରସ୍କାର ପ୍ରଦାନ କରି ଆତ୍ମ-ସନ୍ତୁଷ୍ଟ ହୁଏ ଓ ଇତିହାସ ଲେଖେ । ଲେଖାରେ ଆତ୍ମ-ବିଶ୍ୱାସ ଓ ଦାୟିତ୍ୱ ବଢ଼ିଥାଏ । କିନ୍ତୁ ସୃଜନ କ୍ଷେତ୍ରରେ ତାର ଭୂମିକା ଶୂନ୍ୟ ।

ଫକୀରମୋହନ, ରାଧାନାଥ, ଗୋପୀନାଥ, ସୁରେନ୍ଦ୍ର କି କି ପୁରସ୍କାର ପାଇଛନ୍ତି ଅନେକଙ୍କୁ ଜଣାନାହିଁ, ଅନେକଙ୍କର ମନେ ନାହିଁ । କିନ୍ତୁ ରେବତୀ ଗଳ୍ପ, ଚିଲିକା କାବ୍ୟ, ପରଜା ଉପନ୍ୟାସ, ନୀଳଶୈଳ ଉପନ୍ୟାସ ଯିଏ ପଢ଼ିଛନ୍ତି, ଚିରକାଳ ମନେ ରଖିଛନ୍ତି ଏସବୁ ଲେଖକୀୟ ମହତ୍ତ୍ୱ ।

ଯେଉଁ ମାନବିକତାର ସ୍ୱରଟି ସୌନ୍ଦର୍ଯ୍ୟବୋଧ ସହ ଲେଖକଙ୍କ ଠାରୁ ନିରନ୍ତର ଗୁଞ୍ଜରି ଆସୁଛି ସେଥିରେ ଭଟ୍ଟା ନ ଆସୁ, ଏଇ ସାମାନ୍ୟ ବାର୍ତ୍ତା ବା ମଂଜ କଥାଟି ଚହଟୁଥାଉ ! ଖୋଦ୍ ଲେଖକର ଅହଂକାରକୁ ସାହିତ୍ୟ ଭାଙ୍ଗୁଥାଉ ! ♥♥



ପୁସ୍ତକ ଉନ୍ମୋଚନ ଉତ୍ସବରେ ଲେଖକ ରଜନୀକାନ୍ତ ମହାନ୍ତି...



ସମ୍ମାନ ଗ୍ରହଣର ସ୍ମରଣୀୟ ମୁହୂର୍ତ୍ତ....




ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ....

ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା

ଭାଗ-୧୨



ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।

ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଅତିଥିଶାଳାରେ ଜେନି ପାଇଁ ଉଦ୍ଦିଷ୍ଟ କକ୍ଷଟି ସେମିତି କିଛି ବଡ଼ ନଥିଲା। ଥିଲା ମଧ୍ୟମ ଧରଣର। ଗୋଟିଏ କଡ଼କୁ ଏକ ଖଟ ଉପରେ ପତଳା ଶେଯ ବିଛଣାଟିଏ। କନ୍ଥା ମୋଟେଇର ତୁଳା ନିର୍ମିତ ଏକ ଗଦି ଏବଂ ତହିଁ ଉପରେ ଖଣ୍ଡେ ବିଛଣା ଚଦର। ଅତିଥିଶାଳାର ଏଇଟା ଥିଲା ସର୍ବୋତ୍କୃଷ୍ଟ ବ୍ୟବସ୍ଥାର ଗୃହ। ବିଶେଷ କରି ଏଇଥି ପାଇଁ ଯେ, କକ୍ଷଟି ସହିତ ସଂଲଗ୍ନ ଥିଲା ଗାଧୁଆଘର ଓ ପାଇଖାନା। ଅନ୍ୟାନ୍ୟ ବିଶେଷତ୍ୱ ଭିତରେ ଥିଲା ମୁକୁଳା କାନ୍ଥ ସେଲଫଟିଏ ଏବଂ ଖଣ୍ଡେଖଣ୍ଡେ ଟେବୁଲ ଚେୟାର୍। ଅତିଥିଶାଳାର ଅନ୍ୟାନ୍ୟ କକ୍ଷ ଗୁଡ଼ିକ ଥିଲା ବଡ଼ ଓ ବହୁଶଯ୍ୟା ବିଶିଷ୍ଟ; ଯାହା ହୁଏତ ଜେନି ପାଇଁ ଆଦୌ ସୁବିଧାଜନକ ହୋଇ ନଥାନ୍ତା।

ସ୍ୱାଭାବିକ ଭାବେ ପରସ୍ପର ପରସ୍ପରର ପରିଚୟ ବଖାଣି ଥିଲେ। ସନ୍ନ୍ୟାସିନୀ ରାଧିକା ମା' ଥିଲେ ଅଷ୍ଟ୍ରେଲୀୟ ମହିଳା, ସଂସାର ବି କରିଥିଲେ। ଜୀବନର କେଉଁ ଏକ ସନ୍ଧିକ୍ଷଣରେ ଛାଡ଼ିଥିଲେ ସଂସାର। ସ୍ୱ-ଧର୍ମମତ ପରିତ୍ୟାଗ କରି କୃଷ୍ଣ ପ୍ରେମରେ ପାଗିଳୀ ହେଲେ। ଚାଲି ଆସିଲେ ପୁରୀ। ସନ୍ନ୍ୟାସ ଧର୍ମରେ ଦୀକ୍ଷିତ ହୋଇ ସେବେଠାରୁ ଅଛନ୍ତି ଏଇଠି ଦଶବର୍ଷ ହେଲା। ଏବେ ଭୁଲିଯାଇଛନ୍ତି ସବୁକିଛି। ନିଜ ଘର ସଂସାର, ପୁତ୍ରକନ୍ୟା, ଦେଶ ଓ ଧନସଂପତ୍ତିର ମୋହ ସହିତ ନିଜର ଆତ୍ମପରିଚୟ ବି। ଭଗବତ୍ ପ୍ରେରଣା ତାଙ୍କୁ ସେଥିରୁ ଦୂରେଇ ଆଣିଛି ଅନେକ ବାଟ। ପାଦରେ ଅଳତା, ପାଉଁଜି, ଶାଢି, ଶଂଖା ଓ ସିନ୍ଦୂର ପିନ୍ଧି ନିଜ ସତ୍ତାରେ ଅନୁଭବ କରନ୍ତି ରାଧାରାଣୀଙ୍କୁ। ହଟିଆ ନାଗର ଶ୍ରୀକୃଷ୍ଣ ସାଜିଛନ୍ତି ତାଙ୍କ ପ୍ରାଣର ପ୍ରାଣ। ପରମପୁରୁଷ କୃଷ୍ଣ ପ୍ରାପ୍ତି ହିଁ ଜୀବନର ଅନ୍ତିମ ଲକ୍ଷ୍ୟ।

ମନଯୋଗ ସହକାରେ ଶିଷ୍ୟଟିଏ ଗୁରୁଙ୍କୁ ଏକାଗ୍ର ଚିତ୍ତରେ ଶୁଣିଲା ପରି ରାଧିକା ମା'ଙ୍କ କଥାକୁ ପିଇ ଯାଉଥିଲା ଜେନି। ସଂପୂର୍ଣ୍ଣ ନିରବୀ ଯାଇଥିଲା ସେ। ଶବ୍ଦଟିଏ ବି ଉଚ୍ଚାରିତ ହୋଇ ନଥିଲା ଜେନିର ମୁଖରୁ। କେବଳ ଆଖି ସ୍ଥିର ହୋଇଯାଇଥିଲା ତାଙ୍କ ଅଭିନବ ଭାରତୀୟ ନାରୀ ବେଶ ଉପରେ, ସାକ୍ଷାତ୍ ରାଧାରାଣୀ ରୂପରେ ।

ସଂପୂର୍ଣ୍ଣ ସମ୍ମୋହିତ ହୋଇ ପଡ଼ିଥିଲା ଜେନି ରାଧିକା ମା' ଙ୍କ କଥା ଓ ବେଶଭୂଷାରେ। ସେ ବତେଇ ଦେଉଥାଆନ୍ତି ଅତିଥିଭବନ ଓ ମଠର ନୀତି ନିୟମ ସଂପର୍କରେ। ଏଇ ଯେମିତି ପ୍ରାତଃରୁ ଶଯ୍ୟା ତ୍ୟାଗ କରିବା, ସ୍ନାନ ଶୌଚାଦି କର୍ମ ସମାପନ କରିବା ଓ ସକାଳ ଆଳତି ବେଳେ ମଣ୍ଡପରେ ଉପସ୍ଥିତ ରହିବା। କିନ୍ତୁ ଜେନି ପାଇଁ ସେ ସବୁ ନିୟମ କଡ଼ାକଡ଼ି ନୁହଁ। ଯେହେତୁ ସେ ଅସୁସ୍ଥ ଓ ରୋଗଗ୍ରସ୍ତ, ସେଥି ସକାଶେ ସେ ନିଜ ସୁବିଧା ଅନୁସାରେ କରିପାରିବେ। କିନ୍ତୁ ମଧ୍ୟାହ୍ନ ବାରଟା ଓ ରାତ୍ର ଆଠ ଘଟିକାରେ ଭୋଜନାଳୟକୁ ଯାଇ ଭୋଜନ କରି ଆସିବା ବିଧି। ବିଳମ୍ବ କଲେ ହୁଏତ ସେଥିରୁ ବଞ୍ଚିତ ହୋଇପାରନ୍ତି। ବାକି ସମୟରେ ସେମାନେ ନିଜ ଇଚ୍ଛା ମତେ ଯୁଆଡ଼େ ହେଲେ ବି ଯାଇ ପାରିବେ କିମ୍ବା କାହାକୁ ବି ସାକ୍ଷାତ କରିପାରିବେ। କିନ୍ତୁ ସନ୍ନ୍ୟାସୀ ଓ ସନ୍ନ୍ୟାସୀନୀମାନେ ନିଜ ଇଚ୍ଛାମତେ ଏଣେତେଣେ ଯାଇପାରିବେ ନାହିଁ। ସ୍ଥାନାନ୍ତରର ବିଶେଷ ଆବଶ୍ୟକ ଥିଲେ ସ୍ୱାମୀଜୀଙ୍କ ଅନୁମତି ଲୋଡ଼ା ।

ଜେନି ଚୁପଚାପ୍ ରାଧିକା ମା'ଙ୍କ କଥାଗୁଡ଼ିକ ପିଇ ଯାଉଥିଲା। ଏଥି ସହିତ ତା' ମନ ତଳେ ଲୁଚିଲୁଚି ଛାଟିପିଟି ହେଉଥିଲା ରାଧିକା ମା'ଙ୍କ ସଂପର୍କରେ କେତୋଟି ପ୍ରଶ୍ନ, ଯାହାକୁ ସେ ପଚାରିବାକୁ ଭରସି ପାରୁ ନ ଥିଲା। ରାଧିକା ମା' କହି ଚାଲିଥିଲେ କୌଣସି ବିରାମ ନ ରଖି। ଭିତରେ ଭିତରେ ଗୋଟେ ଗଦ୍‌ଗଦ୍ ଭାବ। ଜେନିକୁ ଲାଗୁଥିଲା ସମଗ୍ର ଜୀବନ ଭିତରେ ସେ ଯେତେ ମଣିଷଙ୍କୁ ଦେଖିଛି ଏବଂ ଜାଣିଛି, ସେମାନଙ୍କ ଭିତରୁ କେହି କେହି ଖୁସି ଓ ଆନନ୍ଦରେ ବିଭୋର ହୁଅନ୍ତି ନିଜର ଧନ, ସମ୍ପତ୍ତି, ଯୌବନ ଓ ପ୍ରେମକୁ ନେଇ। କିନ୍ତୁ ଏମିତି ଗଦ୍‌ଗଦ୍ ଭାବର ଯଥାର୍ଥ ଉତ୍ସ କେଉଁଠି, ଯାହା ରାଧିକା ମା' ଜାଣନ୍ତି ?

"ତୁମେ କିଛି ପଚାରିବାକୁ ଚାହୁଁଛ ଜେନି, ଯାହା ତୁମ ମୁଖଭଙ୍ଗୀରୁ ସ୍ପଷ୍ଟ ହେଉଛି। ଆଜି ପର୍ଯ୍ୟନ୍ତ ଯେତେ ଲୋକ (ସଂସାରୀ, ଶ୍ରଦ୍ଧାଳୁ କିମ୍ବା ଭକ୍ତ) ଏଠିକୁ ଆସିଛନ୍ତି, ସଭିଏଁ ସେହି ଏକାପ୍ରକାର ପ୍ରଶ୍ନରେ ମୋତେ ଜର୍ଜରିତ କରିଛନ୍ତି। ସମୟ ସୁବିଧା ଦେଖି କାହାକୁ ନା କାହାକୁ ତାଙ୍କ ପ୍ରଶ୍ନର ଉତ୍ତର ମୁଁ ଦେଇଛି। ଏଇ ଯେମିତି ତୁମେ ଜଣେ ବିଦେଶିନୀ ହୋଇ କୃଷ୍ଣ ପ୍ରେମକୁ କାହିଁକି ଆଶ୍ରା କଲ ? ତୁମର ଅସଲ ନାମ କ'ଣ ଥିଲା ? ରାଧିକା ନାମଟିକୁ ଏଠି କାହିଁକି ପସନ୍ଦ କଲ ? ତୁମେ କେଉଁ ଦେଶର ଲୋକ ? ସଂସାର ଛାଡ଼ି କାହିଁକି ସନ୍ନ୍ୟାସିନୀ ହେଲ ?-ଇତ୍ୟାଦି ଯାବତୀୟ ଅପ୍ରାସଙ୍ଗିକ ପ୍ରଶ୍ନ। ଏଇମିତି କିଛି ପ୍ରଶ୍ନ ତୁମ ଭିତରେ ଗୁଡ଼େଇ ତୁଡ଼େଇ ହେଉଛି ନିଶ୍ଚୟ। ଆଜି ବେଳ ନାହିଁ, ସମୟ ସୁବିଧା ଦେଖି ମୁଁ ତୁମ ପ୍ରଶ୍ନର ସବୁ ଉତ୍ତର ଦେବି। ମୋତେ ତେବେ ଏତିକି ଭଲ ଲାଗୁଛି ଯେ, ତୁମେ ଜଣେ ମୋ ପରି ବିଦେଶିନୀ। ପୁଣି ତା' ସହିତ ଦୁଃଖ ଓ ଅନୁଶୋଚନା ଆସୁଚି ଯେ, ତୁମେ ଦୁଃଖୀ ଓ ନିରାନନ୍ଦ। କୌଣସି ଦୁରାରୋଗ୍ୟରେ ପୀଡ଼ିତା। ତେବେ କ'ଣ କରିବା ? ସେହି ହଟିଆ ନାଗର କୃଷ୍ଣଙ୍କର ଯାହା ଇଚ୍ଛାଥିବ, ତାହା ଅବଶ୍ୟ ଫଳିତ ହେବ। କାହାରି ସେମିତି ଶକ୍ତି ନାହିଁ, ତାକୁ ଅନ୍ୟଥା କରିଦେଇ ପାରିବ। ସବୁ ତୁମରି ଇଚ୍ଛା ପ୍ରଭୁ ?"- ହାତଟେକି ଶୂନ୍ୟକୁ ପ୍ରଣାମ କଲେ ରାଧିକାମାତା।

"କିନ୍ତୁ ତାହା ନୁହେଁ ଭଉଣୀ। ତୁମକୁ ଦେଖିଲା ବେଳୁ, ମୋ ଭିତରେ ଭିନ୍ନ ଏକ ପ୍ରଶ୍ନ ମୋତେ ଆନ୍ଦୋଳିତ କରୁଛି। କ'ଣ ସେହି ଉତ୍ସ, ଯେଉଁଠୁ ତୁମେ ଲୁଟି ପାରୁଛ ଏତେ ଆନନ୍ଦ ଓ ତାହା ତୁମକୁ ନିରନ୍ତର ବିଭୋର କରି ରଖିଛି ? ତୁମେ ସର୍ବଦା ଆନନ୍ଦରେ ଗଦ୍‌ଗଦ୍ ହେଇପାରୁଛ ?" - ପଚାରିଲା ଜେନି ରାଧିକା ମା'ଙ୍କ ମୁହଁକୁ ଅନେଇ।

ବିବୃତ୍ତିରୁ ନିବୃତ୍ତ ହୋଇ ଦଣ୍ଡେ ସ୍ତବ୍ଧ ହୋଇଗଲେ ରାଧିକା ମାତା । ଭାବିଲେ, 'ଉତ୍ସ!! କ'ଣ ସେ ଉତ୍ସ ? ଏମିତିରେ କୌଣସି ଉତ୍ସ ବିଷୟରେ ତାଙ୍କୁ ଜ୍ଞାତ ନାହିଁ। ହେଲେ ଏ ଦେହ ମନକୁ ସଂପୂର୍ଣ୍ଣ ସମର୍ପି ଦେଇଛନ୍ତି ସେ କଳାକାହ୍ନୁଙ୍କୁ । ତାଙ୍କ ବ୍ୟତୀତ ଆଉ ବା ସେ ଜାଣେ କ'ଣ ? ଦିନରାତି ଚବିଶ ଘଣ୍ଟା ତାଙ୍କରି ସେବାରେ ବୁଡ଼ି ରହିଛି।' କହିଲେ,- "ଉତ୍ସ ଫୁତ୍ସ କଥା ମୁଁ କିଛି ଜାଣେନା ଜେନି। ଏମିତି ଏକ ଜଟିଳ ପ୍ରଶ୍ନ ମୋତେ ଏ ଯାବତ୍ କେହି ପଚାରି ନାହିଁ । ତୁମେ ଆଜି ମୋ ଭିତରେ ସେମିତି କିଛି ଯଦି ଠଉରେଇଛ, ତାହାଲେ ମୁଁ କହିବି, କୃଷ୍ଣ ହିଁ ଏ ଉତ୍ସର ଅସଲ କାରଣ। ତାଙ୍କୁ ଯଦି ନିଜକୁ ସମର୍ପି ଦେଇପାରିବ, ତାହାଲେ ତୁମକୁ ସେ ଅପାର କରୁଣା କରିବେ। ବିଭୋର ହୋଇ ଯାଅନା ତୁମେ ତାଙ୍କରି ପ୍ରେମରେ!"

ଆଉ ଅଧିକ କିଛି ପଚାରି ପାରିଲା ନାହିଁ ଜେନି। ରାଧିକା ମା'ଙ୍କଠାରୁ ଯେତକ ଶୁଣିଲା, ସେଥିରେ ତା' ମନ ଚଞ୍ଚଳ ହୋଇ ଉଠିଲା। ତା'ର ଚେତନା ଅଳ୍ପ ଅଳ୍ପ ଜାଗ୍ରତ ହୋଇ ଉଠୁଛି। ଜଗନ୍ନାଥଙ୍କୁ ସେ ଜାଣିଛି, ସ୍ୱଚକ୍ଷୁରେ ଦେଖିଛି ପତିତପାବନଙ୍କୁ। ନିଜ ଲୁହ ସହିତ ତାଙ୍କ ଲୁହକୁ ମିଶେଇ ଦେଇଛି। କିନ୍ତୁ ରାଧିକା ମାତା ସନ୍ନ୍ୟାସିନୀ ହୋଇ ବି କୃଷ୍ଣ ପ୍ରେମରେ ପାଗିଳୀ ? କୃଷ୍ଣ ଆଉ ଜଗନ୍ନାଥ କ'ଣ ଅଲଗା ? ଅଲଗା ଅଲଗା ନା ଏକ ? ବୁଝି ପାରିଲା ନାହିଁ ଜେନି। ଚେତନା ଗୋଳମାଳିଆ ହୋଇ ଯାଉଛି। ତେଣୁ ଆଉ କୌଣସି ପ୍ରଶ୍ନ ନ ପଚାରି ଚୁପ୍‌କରି କାଠଟା ଭଳି ବସି ରହିଲା ଖଟ ଉପରେ। ପାଖରେ ସନ୍ନ୍ୟାସିନୀ ରାଧିକା ମା'।

"ଠିକ୍‌କଥା, ସବୁ ପ୍ରଶ୍ନ ଏକାଭଳି। ଯାହା ଅନ୍ୟମାନେ ପଚାରି ନାହାନ୍ତି, ତୁମେ ପଚାରୁଛ ଟିକେ ଅଲଗା ବାଗରେ। ହଁ, ତୁମେ ଏବେ ଆସ ଆଳତି ମଣ୍ଡପକୁ। ଦେଖିବ ଠାକୁରଙ୍କର ଆଳତି । ବଳେବଳେ ବୁଝିଯିବ ସବୁ କଥା। ଖ୍ରୀଷ୍ଟ ଆଉ କୃଷ୍ଣ ସବୁ ଏକା କଥା। ଆଖି ଯାହା ଭିନ୍ନ ଭିନ୍ନ।"

ଚେତନା ଆହୁରି ଅଡୁଆ ଧରୁଛି ଜେନିର। ଯଦି କୃଷ୍ଣ ଆଉ ଖ୍ରୀଷ୍ଟ ଏକ ଏବଂ ଅଭିନ୍ନ, ତେବେ ପତିତପାବନ ଜଗନ୍ନାଥ ? ସେ କ'ଣ ଅଲଗା କିଛି ?

ଏମିତି ସବୁ ଅଛିଣ୍ଡା ପ୍ରଶ୍ନ ମୁଣ୍ଡରେ ପୂରେଇ ଜେନି ଗଲା ଆଳତିମଣ୍ଡପକୁ। ଆଳତିମଣ୍ଡପର ବାହ୍ୟ ଓ ଅଭ୍ୟନ୍ତର ଶୈଳୀ ଓଡ଼ିଶାର ମନ୍ଦିର ଆକୃତିର। ଏବେ ଆଳତିର ସମୟ ବୋଧହୁଏ ହୋଇଯାଇଛି। ମଠର ଅନ୍ତେବାସୀ ଅତିଥି, ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ବ୍ୟତୀତ ବାହାରୁ ମଧ୍ୟ କେହି କେହି ଧାଡ଼ି ଲଗେଇଛନ୍ତି ମଣ୍ଡପ ଭିତରକୁ। ଶୃଙ୍ଖଳିତ ଭାବେ ଧାଡ଼ି ବନେଇ ବସୁଛନ୍ତି ତଳେ ବିଛା ଯାଇଥିବା ସତରଞ୍ଜି ଓ ଗାଲିଚା ଉପରେ। ସ୍ତ୍ରୀ ଓ ପୁରୁଷମାନଙ୍କର ବସିବା ଧାଡ଼ି ଅଲଗା ଅଲଗା। ପଶ୍ଚାତ୍ ଭାଗକୁ ଲମ୍ବି ଆସୁଥିବା ଗୋଟେ ସ୍ତ୍ରୀ ଲୋକ ଧାଡ଼ିରେ ଅନ୍ୟମାନଙ୍କ ଦୃଷ୍ଟିକୁ ସଂକୋଚ ନ କରି ବସିଲା ଜେନି। ଲକ୍ଷ୍ୟକଲା, ବେଦୀ ଉପରେ ଥିବା ବିଗ୍ରହମାନଙ୍କୁ। ଯାହା ଦେଖିଲା ସେଥିରେ ଚକିତ ନ ହୋଇ ରହି ପାରିଲା ନାହିଁ। ଏକ ପାର୍ଶ୍ୱରେ କାନ୍ଥକୁ ଲାଗି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା। ଅନ୍ୟ ପାର୍ଶ୍ୱରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି। ସାମନାରେ ମଝି ଅଂଶକୁ ମଣ୍ଡଣି କରିଛନ୍ତି ଚୈତନ୍ୟ ମହାପ୍ରଭୁ ଓ ଦୁଇ ତିନୋଟି ବିଗ୍ରହ, ଯାହା ଜେନିକୁ ଜଣାନାହିଁ। ତେବେ ଖ୍ରୀଷ୍ଟ ? ଖ୍ରୀଷ୍ଟ ନାହାନ୍ତି ଏଠି । ଉତ୍ତମ ଶୈଳୀରେ ବି ବିଗ୍ରହଗୁଡ଼ିକ ସଜା ହୋଇଛନ୍ତି, କେଡ଼େ ସୁନ୍ଦର ଭାବରେ। ଜେନି ମଜ୍ଜିଗଲା ବି ତାଙ୍କ ଭାବରେ। ନିଜକୁ ହଜେଇଦେଲା ଭଜନ କୀର୍ତ୍ତନ, ଧୂପ, ଦୀପ ଓ କର୍ପୂର ଆଳତି ଭିତରେ।

ଦୁଇଦିନ ଭିତରେ ଜେନି ଜାଣିଗଲା ମଠର ସବୁ ନୀତି ନିୟମ ଓ ଶୃଙ୍ଖଳା। ଧୀରେ ଧୀରେ ପରିଚିତ ହୋଇଗଲା ସେ ଅନ୍ୟମାନଙ୍କ ସାଙ୍ଗରେ। ଖୁବ ବେଶି ନିବିଡ଼ତାରେ ବାନ୍ଧି ପକେଇଲା ରାଧିକା ମା'ଙ୍କୁ। ରାଧିକା ମା' ବି ଏ ବିଦେଶିନୀ ନବାଗତାକୁ ଜ୍ଞାତି, ପରିଜନ କିମ୍ବା କୁଟୁମ୍ବ ଭିତରୁ ଜଣେ କେହି ବୋଲି ଆଦରି ନେଲେ।

ଦିନେ ଏକାନ୍ତରେ ଜେନି ନିଜ ଜୀବନରେ ଘଟିଯାଇଥିବା ଏବଂ ଘଟିବାକୁ ଥିବା ବିପର୍ଯ୍ୟୟ କଥା ବଖାଣି ବସିଲା । କୁହାଯାଏ, ସୁଖ ବାଣ୍ଟିଲେ ତାହା ବହୁଗୁଣିତ ହୋଇ ଫେରି ଆସେ ନିଜ ପାଖକୁ । ସବୁ ଶୁଣି ସାରି ରାଧିକା ମା' କହିଲେ "ଶୁଣ ଜେନି! ଏତେ ବେଶି କାତର ହୁଅନା । ଯାହା ହେବାର ଥିବ ହେବ। ପ୍ରତିଟି ମୁହୂର୍ତ୍ତ ତାଙ୍କରି ସ୍ମରଣରେ କଟେଇ ଦିଅ, ସେ ଚାହିଁଲେ କଛି ବି ବିସ୍ମୟ ହୋଇପାରେ ! ଯାହା ଘଟୁଛି, ସବୁ ତାଙ୍କରି ଇଚ୍ଛାରେ ହିଁ ଘଟୁଛି। ସେ କଳାକାହ୍ନୁ ହୁଅନ୍ତୁ ଅଥବା କାଳିଆ ସାଆନ୍ତ! ସେଥିରେ କିଛି ବି ପାର୍ଥକ୍ୟ ନାହିଁ। ଆସନ୍ତାକାଲି ତାଙ୍କର ହାତୀବେଶ, ସ୍ନାନମଣ୍ଡପରେ ସ୍ନାନ ସାରିଲା ପରେ ତାଙ୍କୁ ଏ ବେଶ କରାଯାଏ। ସେଠାରେ ତାଙ୍କୁ ଦର୍ଶନ କଲେ ମନର କଷ୍ଟ ଲାଘବ ହେବ। ଆତ୍ମବିଶ୍ୱାସ ଓ ଆତ୍ମବଳ ହେବ ଦୃଢ଼ୀଭୂତ। ସାଂସାରିକ ଦୁଃଖ, କ୍ଳେଶ, ଦୈହିକ ଯାତନା ଓ ଯନ୍ତ୍ରଣା ସବୁକିଛି ଆତ୍ମବଳ ଓ ଆତ୍ମ ବିଶ୍ୱାସ ପାଖରେ ଲୁଣ୍ଠିତ ହେବ, ଏହା ମୋର ଦୃଢ଼ ଧାରଣା। ଯିବକାଲି ?"

ଜେନି ସମ୍ମତି ଜଣେଇଲା ।

ପରଦିନ ସ୍ନାନମଣ୍ଡପରେ ପ୍ରଭୁଙ୍କୁ ସଶରୀରେ ଦର୍ଶନ କରି ଫେରିଲା ପରେ ଜେନିକୁ ପ୍ରଶ୍ନ କରିଥିଲେ ରାଧିକା ମାତା - "କାନରେ କିଛି କହିଲେ ସେ, ଯାହାଙ୍କୁ ତୁମେ ଦର୍ଶନ କରିବା ପାଇଁ ଏତେ ଉଦ୍‌ବିଗ୍ନରେ ଯାଇଥିଲ ?"

"ନା, ସେ ତ ସାରା ସମୟ ଗାଧୁଆପାଧୁଆ ଓ ବେଶପୋଷାକରେ ମନ ଦେଲେ। ମୋତେ ବି ଆଡ଼ ଆଖିରେ ଚାହିଁଲେନି। ସେଥିପାଇଁ ଭାରି ବ୍ୟସ୍ତ ଲାଗୁଛି। କାହିଁକି ସେ ମୋତେ ଆଡ଼ ଆଖିରେ ଚାହିଁଲେନି ସ୍ନାନମଣ୍ଡପରୁ କହିପାରିବ ଭଉଣୀ ?"

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ଶ୍ରୀକ୍ଷେତ୍ରର ଗଙ୍ଗାମାତା ମଠ



ସୁଷମା ପରିଡ଼ା

ଚାରିଯୁଗକୁ ପ୍ରତିନିଧିତ୍ୱ କରୁଥିବା ଭାରତର ଚାରି ଦିଗରେ ପ୍ରତିଷ୍ଠିତ ଚତୁର୍ଦ୍ଧାମ ମଧ୍ୟରୁ ପୂର୍ବ ଦିଗରେ ପ୍ରତିଷ୍ଠିତ ଉତ୍କଳର ଶ୍ରୀଜଗନ୍ନାଥ ଧାମ ଅନ୍ୟତମ । କେଉଁ ଆବହମାନ କାଳରୁ ପୁରୁଷୋତ୍ତମ ଧାମକୁ ପୃଥିବୀର କୋଣାନୁକୋଣରୁ ଛୁଟି ଆସିଛନ୍ତି ସାଧୁ ମହାତ୍ମା ମାନେ । ଏଠାକୁ ଛୁଟି ଆସିଛନ୍ତି ଅଚାର୍ଯ୍ୟ ଶଙ୍କର, ଗୁରୁ ନାନକ, କବୀର, ସନ୍ଥ ତୁଳସୀ ଦାସ, ଶ୍ରୀ ଚୈତନ୍ୟ ପ୍ରଭୃତି ମହାତ୍ମା ମାନେ । ସେହିପରି ଦିନେ ଏଠାକୁ ସମସ୍ତ ରାଜ ଐଶ୍ୱର୍ଯ୍ୟ ତ୍ୟାଗ କରି ଚାଲି ଆସି ଥିଲେ ସୁଦୂର ବଙ୍ଗଳାରୁ ଗଙ୍ଗାମାତା । ଗଙ୍ଗା ମାତାଙ୍କ ସ୍ମୃତି ବହନ କରୁଛି, ଶ୍ରୀକ୍ଷେତ୍ରରେ ବିରାଜିତ ଆଜିକାର ଗଙ୍ଗାମାତା ମଠ।

ବଙ୍ଗଳାର (ଆଧୁନିକ ବଙ୍ଗଳାଦେଶ) ରାଜସାହି ଜିଲ୍ଲାନ୍ତର୍ଗତ ପୁଣ୍ଟିଆନାମକ ରାଜ୍ୟର ରାଜା ଥିଲେ ନରେଶନାରାୟଣ ଦେବ। ତାଙ୍କର ଦୁହିତା ଥିଲେ ସଚୀଦେବୀ । ବାଲ୍ୟ କାଳରୁ ସଚୀ ଦେବୀ ଥିଲେ ପରମ ବିଷ୍ଣୁଭକ୍ତ । ରାଜକୁମାରୀର ବିବାହ ବୟସ ଉପନୀତ ହେବାରୁ, ରାଜା ତାଙ୍କ ବିବାହ ଦେବାକୁ ଚାହିଁଲେ। ମାତ୍ର ସେ ବିବାହକୁ ପ୍ରତ୍ୟାଖ୍ୟାନ କରି ଚାଲିଗଲେ ବୃନ୍ଦାବନ। ସେଠାରେ ସେ ହରିଦାସ ଠାକୁରଙ୍କୁ ଗୁରୁକରି ତାଙ୍କଠାରୁ ମନ୍ତ୍ରଦୀକ୍ଷା ନେଇ ଭଗବାନ ଶ୍ରୀକୃଷ୍ଣଙ୍କ ଭକ୍ତିରସରେ ବୁଡ଼ି ରହିଲେ।



ଦିନେ ହରିଦାସ ତାଙ୍କୁ କହିଲେ, ତୁମେ ଶ୍ରୀକ୍ଷେତ୍ର ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କର। ଶଚୀ ଦେବୀ ଶ୍ରୀକ୍ଷେତ୍ର ଚାଲି ଆସିଲେ ଓ ଶ୍ୱେତ ଗଙ୍ଗା ଦକ୍ଷିଣତଟରେ ଅବସ୍ଥାନ କରି ମହାପ୍ରଭୁଙ୍କ ଭଜନ କୀର୍ତ୍ତନରେ ଲାଗି ରହିଲେ । ପ୍ରତ୍ୟହ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରୁଥଲେ। ଥରେ ଗଙ୍ଗାବାରୁଣୀ ସ୍ନାନ ଯୋଗ ପଡ଼ିଲା । ବହୁ ଭକ୍ତ ଶ୍ରୀକ୍ଷେତ୍ରରୁ ବାରୁଣୀ ସ୍ନାନକୁ ବାହାରିଲେ। ଯଦିଓ ତାଙ୍କର ଗଙ୍ଗା ସ୍ନାନ ପାଇଁ ମନ କହୁଥାଏ, ସେ କିନ୍ତୁ ମହାପ୍ରଭୁଙ୍କ ସେବା ପୂଜାରେ ବ୍ୟାଘାତ ହେବ ଚିନ୍ତାକରି ଆଉ ଯାଇପାରିଲେ ନାହିଁ ।

ବହୁ ମନ କଷ୍ଟରେ ସେ ଥାନ୍ତି, ଶ୍ରୀଜଗନ୍ନାଥ ତାଙ୍କୁ ସ୍ୱପ୍ନରେ କହିଲେ, ତୁ ଦୁଃଖ କରନାହିଁ, ଗଙ୍ଗାସ୍ନାନ ଯୋଗ ଦିନ, ତୁ ଯାଇ ଶ୍ୱେତ ଗଙ୍ଗାରେ ସ୍ନାନକରି ଗଙ୍ଗାସ୍ନାନର ଫଳ ପାଇବୁ ।



ସେହିଠାରେ ଗଙ୍ଗା ଦେବୀ ଆବିର୍ଭୂତହୋଇ ତୋ ମନୋବାଞ୍ଛା ପୂରଣ କରିବେ । ତାହାହିଁ ହେଲା। ଅର୍ଦ୍ଧରାତ୍ରୀରେ ଶଚୀ ଦେବୀ ଶ୍ୱେତ ଗଙ୍ଗାକୁ ସ୍ନାନ ପାଇଁ ଗଲେ। ଗଙ୍ଗା ଦେବୀଙ୍କୁ ଶ୍ରୀଜଗନ୍ନାଥ ତାଙ୍କ ଶ୍ରୀପଦରୁ ନିଃସୃତ କରାଇ, ଶ୍ୱେତ ଗଙ୍ଗାରେ ପ୍ରବାହିତ କରାଇଲେ । ସେହି ସ୍ରୋତରେ ତଡ଼ିତହୋଇ ଶଚୀଦେବୀ ରତ୍ନ ସିଂହାସନ ନିକଟରେ ପହଞ୍ଚିଗଲେ । ମହାପ୍ରଭୁଙ୍କୁ ଦର୍ଶନକରି ସେ ଭାବାବିଷ୍ଟ ହୋଇପଡ଼ିଲେ, ବାହ୍ୟ ଜ୍ଞାନ ରହିଲା ନାହିଁ ତାଙ୍କର।

ପ୍ରଭାତ ହେବାରୁ, ମନ୍ଦିର ପହଡ଼ ଫିଟିଲା । ପଣ୍ଡା ମୁଦିରଥମାନେ ତାଙ୍କୁ ଏଭଳି ଅସମୟରେ ମନ୍ଦିର ଭିତରେ ଦେଖି ଆଶ୍ଚର୍ଯ୍ୟହେଲେ ଓ ଏ ଅନଧିକାର ପ୍ରବେଶ ପାଇଁ ରାଜା ମୁକୁନ୍ଦ ଦେବଙ୍କୁ ଦଣ୍ଡାଦେଶ କରିବାକୁ ଗୁହାରିକଲେ । ମୁକୁନ୍ଦଦେବ ତାଙ୍କୁ ଦଣ୍ଡ ଦେବା କଥା ଚିନ୍ତା କରି ନିଦ୍ରା ଯାଇଥାନ୍ତି ରାତିରେ ସ୍ୱପ୍ନ ଦେଖିଲେ ମହାପ୍ରଭୁ ତାଙ୍କୁ କହୁଛନ୍ତି, ରାଜା! ଶଚୀଦେବୀ ମୋର ପରମ ଭକ୍ତ । ଗଙ୍ଗା ବାରୁଣୀ ସ୍ନାନକୁ ସେ ନଯାଇ ପାରି ଖୁବ୍ ସନ୍ତାପରେ ଥାଇ ମୋ ନିର୍ଦ୍ଦେଶରେ ଶ୍ୱେତଗଙ୍ଗା ପୁଷ୍କରିଣୀରେ ସ୍ନାନ ପାଇଁ ଯାଇଥିଲା ମୁଁ ତାକୁ ଗଙ୍ଗାସ୍ରୋତରେ ଭସାଇ ଆଣିଛି । ତାହାର କିଛି ଦୋଷନାହିଁ । ମୋ ପରମ ଭକ୍ତପାଇଁ ସମସ୍ତବ୍ୟବସ୍ଥା ଖଞ୍ଜିଦିଅ । ତାଙ୍କୁ କ୍ଷମା ମାଗି ରାଜା ଭୂସମ୍ପତ୍ତି ଖଞ୍ଜିଦେବା ପାଇଁ ବ୍ୟବସ୍ଥା କଲେ । ମାତ୍ର ଧନ ବିମୁଖୀ ଶଚୀଦେବୀ ତାହାକୁ ଗ୍ରହଣ କଲେ ନାହିଁ ।

ପୁନଶ୍ଚ ରାଜାଙ୍କୁ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହେବାରୁ ରାଜା ଶ୍ୱେତଗଙ୍ଗା ନିକଟର ଯେଉଁଠି ଶଚୀଦେବୀ ଅବସ୍ଥାନ କରୁଥିଲେ ସେ ଯାଗାକୁ ତାଙ୍କ ନାମରେ ଲେଖିଦେଲେ । ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କର ସେଠି ଏକ ଜରାଜୀର୍ଣ୍ଣ ବାସ ଗୃହ ଥିଲା । ତାକୁ ଉଦ୍ଧାର କରି ଶଚୀଦେବୀ ସେହିଠାରେ ଅବସ୍ଥାନ କଲେ । ସେ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ପୂଜିତ ଶ୍ରୀରାଧେଶ ଦାମୋଦର ଶାଳଗ୍ରାମଙ୍କୁ ରୂପାସିଂହାସନ ସହିତ ଆଣି ନିଜ ସେବାମନ୍ଦିରରେ ରଖି ଅର୍ଚ୍ଚନା କଲେ । ସେହି ଦିନ ଠାରୁ ଶଚୀଦେବୀ ପରିଚିତ ହେଲେ ଗଙ୍ଗାମାତା ନାମରେ ଏବଂ ତାଙ୍କ ସେବା ମନ୍ଦିର ପରିଚିତ ହେଲା ଗଙ୍ଗାମାତା ମଠ ନାମରେ।



ମହାପ୍ରଭୁ ଗଙ୍ଗାମାତାଙ୍କ ପାଇଁ ଚରଣରୁ ଗଙ୍ଗାଙ୍କୁ ନିସୃତ କରାଇଥିବାରୁ ତାଙ୍କ ଅଭିଷେକରେ ଗଙ୍ଗା ଜଳ ବ୍ୟବହୃତ ହୁଏ ନାହିଁ । ଶ୍ରୀଜଗନ୍ନାଥଙ୍କ ପ୍ରତି ଗଙ୍ଗାମାତାଙ୍କ ଅବିଚଳ ଭକ୍ତିର ନିଦର୍ଶନ ସ୍ୱରୂପେ ପୁରୁଷୋତ୍ତମ କ୍ଷେତ୍ରରେ ଆଜି ବିରାଜମାନ କରୁଛି ଶ୍ୱେତଗଙ୍ଗା ସରୋବର ଓ ଗଙ୍ଗାମାତା ମଠ ।

ଗଙ୍ଗା ମାତା ମଠର ମହାପ୍ରଭୁଙ୍କ ନିମନ୍ତେ ରହିଛି ସ୍ୱତନ୍ତ୍ର ସେବା । ଗୁଣ୍ଡିଚାଘରେ ଦିଅଁମାନଙ୍କ ଆଡ଼ପ ବିଜେ ସମୟରେ ଗଙ୍ଗାମାତା ମଠ ତରଫରୁ ପଣ୍ଡି ଭୋଗର ବ୍ୟବସ୍ଥା ହୋଇଥାଏ।

ବିଶ୍ୱାସ ରହିଛି, ସର୍ବ ପାପ ବିନାଶକ ଶ୍ୱେତ ଗଙ୍ଗା ସରୋବରରେ ସ୍ନାନ ଏବଂ ଶ୍ୱେତମାଧବଙ୍କ ଦର୍ଶନ ଦ୍ୱାରା ଜନ୍ମଜନ୍ମର କଳୁଷ ଖଣ୍ଡନ ହୋଇ, ପ୍ରାଣୀଙ୍କୁ ମୋକ୍ଷ ପ୍ରାପ୍ତ ହୋଇଥାଏ ।

(ତଥ୍ୟ ସ୍ରୋତ- ଗୁଗୁଲ୍)

♥ ଶାରଳା ଭବନ, ପୋତାପୋଖରୀ, କଟକ-୪
ମୋ:୯୩୩୭୨୭୨୬୬୪୭

# ପଦ୍ମଶ୍ରୀ ଡକ୍ଟର ଉତ୍ସବ ଚରଣ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଅଭୟ କୁମାର ଦାସ



ଓଡ଼ିଶାର ପ୍ରାଚୀନତମ ଲୋକକଳା ଓ ଆବହମାନ ସଂସ୍କୃତି ତଥା ପାରମ୍ପରିକ ଲୋକକଳା ଚଇତି ଘୋଡ଼ା ନାଚକୁ ବିଶ୍ୱର କୋଣଅନୁକୋଣରେ ପହଞ୍ଚାଇ ମହାନ ଉତ୍କଳୀୟ ମହିମାକୁ ପହଞ୍ଚାଇ ପାରିଥିବା ସଂସ୍କୃତିପ୍ରେମୀ ଘୋଡ଼ା ନାଚ ବିଶାରଦ ପଦ୍ମଶ୍ରୀ ଡକ୍ଟର ଉତ୍ସବ ଚରଣ ଦାସଙ୍କ ମହାପ୍ରୟାଣ ହୋଇଛି। କଟକ ପାଖ, ଟାଙ୍ଗୀ ଚୌଦ୍ୱାର ବ୍ଲକ ମଣିଆ ଗ୍ରାମରେ ୧୯୪୪ ଏପ୍ରିଲ ୧୪ ପଣା ସଂକ୍ରାନ୍ତିରେ ପିତା ଗଜେନ୍ଦ୍ର ଓ ମାତା ସକ୍ଷୀ ଦେଇଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ପିଲାବେଳର ଡାକ ନାମଟି ଥିଲା ଉଚ୍ଛବ। ଏହି ନାମରେ ସେ ପ୍ରାୟତଃ ବନ୍ଧୁ ମହଲରେ ମଧ୍ୟ ସେ ବେଶ ପରିଚିତ ଥିଲେ। କେବଳ ଜଣେ ଘୋଡ଼ାନାଚ ବିଷାରଦ ନୁହଁନ୍ତି ଗୀତିକାର, ଅଭିନେତା, ନୃତ୍ୟଶିଳ୍ପୀ ଭାବେ ସେ ଏକ ବର୍ଣ୍ଣ ବିଭା ପ୍ରତିଭା ଥିଲେ। ତାଙ୍କ ରଚନା ଗୁଡ଼ିକ ଭିତରୁ ନୃତ୍ୟ ନାଟିକା ହେଉଛି 'କୃଷ୍ଣ ଅବତାର', 'ଗମ୍ଭୀରି ବିଜେ', 'ମହିଁଷା ନାଶୀନି', 'ଭାଇ ଜୀଉଁତିଆ', 'ଖଇ ଆଞ୍ଜୁଳା', 'କେଳୀ କଦମ୍ବ' ଦର୍ଶକଙ୍କୁ ଅତ୍ୟନ୍ତ ଭାବପ୍ରବଣ ଓ ଏହା ଢ଼େର ଲୋକପ୍ରିୟତା ସାଉଁଟି ଥିଲା। ଏତଦ୍ ବ୍ୟତୀତ ବିଭିନ୍ନ ଜନଜୀବନର ଘଟଣାବଳୀ କଥାକୁ ନେଇ ଏପରିକି ସାମାଜିକ ସମସ୍ୟା ଯଥା ଏଡସ୍, ଯୌତୁକ ପ୍ରଥା, ମ୍ୟାଲେରିଆ, ଅନ୍ଧବିଶ୍ୱାସ, ପରିଷ୍କାର ପରିଚ୍ଛନ୍ନତା ଉପରେ ସେ ପଥପ୍ରାନ୍ତ ନାଟକ କରୁଥିଲେ।

ଉତ୍ସବ ବାବୁଙ୍କ ପିଲାବେଳ କଟିଛି ତାଙ୍କ ମାମୁଁଘର ଚୌଦ୍ୱାରର ତଳ ବଜାର ଅଞ୍ଚଳରେ। ମାମୁଁ ଶରତ ଚନ୍ଦ୍ର ଦଳାଇଙ୍କ ପାଖରେ ରହି ତାଙ୍କ ବାଲ୍ୟ ଜୀବନ ଓ ପାଠ ପଢ଼ା ହୋଇଥିଲା। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ତାଙ୍କ ପ୍ରତିଭା ଛୋଟ ବେଳୁ ଜଣାପଡ଼ିଥିଲା। ଅଷ୍ଟମ ଶ୍ରେଣୀର ଛାତ୍ର ଥିବାବେଳେ ଘୋଡ଼ାନାଚ ପ୍ରତି ଆକର୍ଷିତ ହୋଇଥିଲେ। ଜଣେ ମେଧାବୀ ଛାତ୍ର ହୋଇଥିବାରୁ ସରକାରୀ ପାଇଥିଲେ କିନ୍ତୁ ଏ ସବୁ ସତ୍ତ୍ୱେ ତାଙ୍କୁ କର୍ମମୟ ଚାକିରୀ ଜୀବନ ବାନ୍ଧି ପାରିନଥିଲା। ୧୯୬୪ ମସିହାରେ ସଂଗୀତ କଳା ସଂସଦ ଅନୁଷ୍ଠାନ ଗଢିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୬୫ରେ ଆକାଶବାଣୀ କେନ୍ଦ୍ରରେ ଜଣେ ସ୍ୱୀକୃତି ପ୍ରାପ୍ତ କଳାକାର ଭାବେ ଘୋଡ଼ାନାଚ ପରିବେଷଣ କରିଥିଲେ। ତାଙ୍କ ଘୋଡ଼ାନାଚ ଏପରି ଲୋକପ୍ରିୟତା ପାଇଥିଲା ଯେ ଭାରତର ଅନେକ ରାଜ୍ୟରେ ସେ ତାଙ୍କ ଦଳ ସହିତ କାର୍ଯ୍ୟକ୍ରମ ପରିବେଷଣ କରୁଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୭୧ ମସିହାରେ ଭୁବନେଶ୍ୱରର ଆଦିବାସୀ ପଡ଼ିଆରେ ଘୋଡ଼ାନାଚ ପରିବେଷଣ କରିଥିଲେ। ତାଙ୍କ ପ୍ରତିଭା ଓ ଘୋଡ଼ାନାଚ ପ୍ରତି ଅନନ୍ୟ ଆଗ୍ରହ ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ୨୦୧୫ରେ ତାଙ୍କୁ ସମ୍ମାନଜନକ ଡକ୍ଟରେଟ ପ୍ରଦାନ କରିଥିଲେ। ୨୦୨୧ ନଭେମ୍ବର ୮ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଠାରୁ ପଦ୍ମଶ୍ରୀ ଉପାଧି ଗଅହଣ କରିଥିଲେ।



ଉତ୍ସବ ବାବୁଙ୍କ କଳାକାର ଜୀବନର ଆଉ ଏକ ମାର୍ମିକ ଦୁଃଖ ମଧ୍ୟ ଅଧୁରା ଏକ ସ୍ୱପ୍ନ ହୋଇ ରହିଗଲା। ଆମେ ସମସ୍ତେ ଭଲ ଭାବେ ଜାଣିଛେ ଓଡ଼ିଶାରେ ଜଣେ କଳାକାର ତାର ବୃତ୍ତିଗତ କଳା ସାଧନକୁ ନେଇ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟକର ଓ ଆହ୍ୱାନପୂର୍ଣ୍ଣ। ଏଥିରୁ ଉତ୍ସବ ବାବୁ ବି ବାଦ ପଡ଼ିନଥିଲେ। ସରକାରଙ୍କ ଠାରୁ ଆବେଦନ କରି ମଧ୍ୟ ଘର ଖଣ୍ଡେ ପାଇଁ ଜାଗା ପାଇ ପାରି ନଥିଲେ। ତେବେ ଏକ ସଂଯୋଗର କଥା ହେଉଛି ଢ଼େର ଧାଁ ଧଉଡ଼ କଲାପରେ ଚାରି ଡିସିମିଲ ଜାଗା ପାଇବା ପାଇଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିବାର ପୂର୍ବଦିନ ଟଙ୍କା ତହସିଲ କାର୍ଯ୍ୟାଳୟରେ ଜମା କରିଥିଲେ କିନ୍ତୁ ନିଷ୍ଠୁର ନିୟତିର କି ଦାରୁଣ ବିଡ଼ମ୍ବନା ଟଙ୍କା ଜମା କରିବା ପରଦିନ ହିଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଦେଲେ। ଓଡ଼ିଶାର ପାରମ୍ପରିକ ଲୋକକଳାକୁ ସମୃଦ୍ଧ କରିବାରେ ସେ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବେ। ଦୋଳ ଉତ୍ସବର ପରିବେଶ ରଙ୍ଗମୁଖର ହୋଇଗଲାଣି ଏହ ଦୋଳ ସମୟରେ ଘୋଡ଼ାନାଚ ହିଁ ଅପୂର୍ବ ଆକର୍ଷଣ ସାଜିଥାଏ ରାଧାକୃଷ୍ଣଙ୍କ ମେଳଣରେ। କିନ୍ତୁ ଅତ୍ୟନ୍ତ କଷ୍ଟକର କଥା ଯେ ଏହି ଘୋଡ଼ା ନାଚର ତାଳେ ତାଳେ ନିଶ୍ଚିତ ସମସ୍ତଙ୍କ ହୃଦୟରେ ସ୍ପନ୍ଦିତ ହୋଇରହିବେ ଘୋଡ଼ାନାଚ ବିଷାରଦ ପଦ୍ମଶ୍ରୀ ଡକ୍ଟର ଉତ୍ସବ ଚରଣ ଦାସ। କେବଳ ଘୋଡ଼ାନାଚ ନୁହେଁ ନିଖୁଣ ଅଭିନୟ ଓ ଗୀତିକବିତା ମାଧ୍ୟମରେ ସେ ଆମ ଗୌରବାମହ ଓଡ଼ିଶାର ଲୋକ ସଂସ୍କୃତିକୁ ସମୃଦ୍ଧ କରିବାରେ ଯେଉଁପରି ଅବଦାନ ରଖିଥିଲେ ତାହା ଅତୁଳନୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଉଛି।

♥ ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ମଧୁରୋକ୍ତି...( ୨୦)



♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ବିନାଶ କାଳେ ବିପରୀତ ବୁଦ୍ଧି ହୋଇଛି ବୋଲି ଅନେକ କହିବା ପରେ ମଧ ରାବଣ ଜମାରୁ ବୁଝିଲା ନାହିଁ। ନିଜ ଭାଇର ସାଙ୍ଗରେ ଠିଆ ହେବା ହିଁ ଏକ ଭାଇର କର୍ତ୍ତବ୍ୟ। ସେହି କର୍ତ୍ତବ୍ୟ କରୁ କରୁ ଜୀବନ ଚାଲିଗଲେ ମଧ ସେ ଦୁଃଖ କରିବ ନାହିଁ ବୋଲି ଜଣେଇ ଦେଲା।

ଶତ୍ରୁ ପକ୍ଷରେ ସ୍ୱୟଂ ନାରୟଣ ଥିବା ତା ପାଇଁ ଏକ ବରଦାନ ସଦୃଶ ଓ ଯୁଦ୍ଧ କରିବା ପରେ ସେ ନିଶ୍ଚିତ ଥିଲା ଯେ ତୁମ ହାତରେ ତାର ମୃତ୍ୟୁ ହେବ।ଆଉ ତୁମରି ହାତରେ ଅନ୍ତ ହେବା ପରେ ସେ ସ୍ୱର୍ଗଲୋକ ପ୍ରାପ୍ତି କରି ଜନ୍ମ ମୃତ୍ୟୁର ମାୟାଜାଲରୁ ମୁକ୍ତ ହୋଇଯିବ ବୋଲି ଖୁସି ଥିଲା ।

ସେଇୟା ହିଁ ହେଲା। ଭୀଷଣ ଆତଙ୍କ ଖେଳାଇ କୁମ୍ଭକର୍ଣ୍ଣ ସେଦିନ ଯୁଦ୍ଧ କରିଥିଲା। ଆଉ ବୀରତ୍ୱର ସହିତ ଲଢେଇ କରି ଅନେକ ଶତ୍ରୁ ବିନାଶ କରିବା ପରେ ମିନତି କରିଥିଲା ତୁମ ହାତରେ ମରିବା ପାଇଁ। ଆଉ ସେହି ସୌଭାଗ୍ୟ ପାଇ ସେ ଶାନ୍ତିରେ ପରଲୋକ ଗମନ କରିଥିଲା।

ତୁମର ନ୍ୟାୟ ଅଦ୍ଭୁତ ପ୍ରଭୁ। ଧର୍ମ ମାର୍ଗରେ ଚାଲୁଥିବା ପ୍ରତ୍ୟେକ ପ୍ରାଣକୁ ଜନ୍ମ ମୃତ୍ୟୁ ସଂଗ୍ରାମରୁ ମୁକ୍ତ କରି ପରମଧାମ ପ୍ରଦାନ କରିଥାଅ। ପ୍ରଭୁ...କେବଳ ସେହି କୃପା ଦେଖେଇ ସେଦିନ ତୁମେ କୁମ୍ଭକର୍ଣ୍ଣର ଉଦ୍ଧାର କରିଥିଲ। ଧନ୍ୟ ତୁମେ... ଧନ୍ୟ ତୁମର ନ୍ୟାୟ ବିଚାର ।

କୁମ୍ଭକର୍ଣ୍ଣର ମୃତ୍ୟୁ ସହିତ ରାବଣର ବିଜୟ ଆଶାରେ ପ୍ରଶ୍ନବାଚୀ ଲାଗି ଆସିଲା। ଏପରିକି ମନ୍ଦୋଦରୀ ମଧ ତାକୁ ବହୁତ୍ ବୁଝାଇଲେ। କିନ୍ତୁ ସେ କଣ ବୁଝିବା ଅବସ୍ଥାରେ ଥିଲା କି...!!?? ନିଜର ସବୁ ଶକ୍ତି ବୁଦ୍ଧି ବଳ ଖଟେଇ ସେ ଯୋଜନା କଲା ଆଉ ନିଜର ଅନ୍ୟ ଏକ ପୁତ୍ର ଅହିରାବଣକୁ ଏହି ସମସ୍ୟାର ସମାଧାନ କରିବାକୁ କହିଲା। ତୁମ ସେନା କେବଳ ଯୁଦ୍ଧରେ ମନ ଦେଉଥିଲା ବେଳେ ବିଭୀଷଣ କିନ୍ତୁ ତୀକ୍ଷ୍ଣ ଦୃଷ୍ଟି ରଖି ଥାଆନ୍ତି ରାବଣର ଗତିବିଧି ଉପରେ। ସେଥିପାଇଁ ସେ ଅହିରାବଣର ହସ୍ତକ୍ଷେପ ହେବା ସମ୍ଭାବନା ଥିବାର ଜାଣିପାରି ତୁମର ଶୟନସ୍ଥଳୀରେ ରାତ୍ରି ସମୟରେ ସୁରକ୍ଷା ବ୍ୟବସ୍ଥା ଆହୁରି ବଢ଼େଇ ଦେବାକୁ କହିଥିଲେ। ହନୁମାନ ଏକ ବଳୟ ଚତୁର୍ଦ୍ଦିଗରେ ସୃଷ୍ଟି କରିଦେଲେ ଯାହାକୁ କେହି ମଧ ଭାଙ୍ଗି ଭିତରକୁ ପ୍ରବେଶ କରି ପାରିବେନି। ନିଜେ ସେହି ସୁରକ୍ଷା ବଳୟ ଆଗରେ ବସି ରହି ତୁମ ନାମ ଜପ କରି କରି ପହରା ଦେଲେ।

ଅହିରାବଣ ମଧ ବହୁତ୍ ଚାଲାକ ଥିଲା। ସେ ନିଜ କାର୍ଯ୍ୟ ହାସଲ କରିବା ପାଇଁ ଅନେକ ରୂପ ନେଇ ହନୁମାନଙ୍କୁ ସେହି ସୁରକ୍ଷା ବଳୟ ଭିତରକୁ ପ୍ରବେଶ କରିବା ପାଇଁ ଉଦ୍ୟମ କରିଥିଲା। କିନ୍ତୁ ହନୁମାନ ସେସବୁ ଉପରେ ସନ୍ଦେହ କରି ତାକୁ ଫେରେଇ ଦେଇଥିଲେ। ଶେଷରେ ସେ ବିଭୀଷଣଙ୍କର ରୂପ ନେଇ ହନୁମାନଙ୍କ ନିକଟକୁ ଆସିଲା। ସୁରକ୍ଷା ବ୍ୟବସ୍ଥା ବିଷୟ କଥା ହେବା ପରେ କାଳେ ଭିତରେ କିଛି ଅସୁବିଧା ହୋଇଥିବ ତାହା ଦେଖି ଆସିବାକୁ କହି ବଳୟ ଭିତରକୁ ପ୍ରବେଶ କରିଗଲା। ବିଭୀଷଣ ରୂପ ନେଇ ଥିବାରୁ ହନୁମାନ ଜମାରୁ ସନ୍ଦେହ କରି ନଥିଲେ।

କିଛି ସମୟ ପରେ ବିଭୀଷଣ ପୁନଃ ଆସି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପଚାରିବାରୁ ହନୁମାନ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଆଉ ତାଙ୍କୁ ହିଁ ବହୁରୂପୀ ଭାବି ବସିଥିଲେ। ତା ପରେ ହନୁମାନ କହିଥିଲେ ଯେ ସେ ତ ଭିତରେ ଅଛନ୍ତି। ବାହାରେ ଏମିତି ଆସିବା ସମ୍ଭବ ନୁହେଁ। ଆଉ ବିଭୀଷଣ କହିଥିଲେ ଯେ ସେ ସମୁଦ୍ରକୂଳରୁ ସାନ୍ଧ୍ୟ ବନ୍ଦନା ସମାପ୍ତ କରି ସେତେବେଳେ ଫେରୁଥିଲେ। ଭିତରେ ଅନ୍ୟ ଆଉ କିଏ ଥାଇପାରେ ସେକଥା ଆଶଙ୍କା କରି ଯେତେବେଳେ ହନୁମାନଙ୍କୁ ସାଙ୍ଗରେ ନେଇ ବିଭୀଷଣ କକ୍ଷ ଭିତରକୁ ଗଲେ ସେଠାକାର ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। କାରଣ ସେଠାରେ ତୁମେ ଆଉ ଲକ୍ଷ୍ମଣ ଦୁହେଁ ହିଁ ନଥିଲ। ଶୋଇବା ସ୍ଥାନରୁ ହିଁ ଭୂମିତଳୁ ତୁମ ଦୁହିଁଙ୍କୁ କେହି ନେଇ ଯାଇଥିଲା। ବିଭୀଷଣ ସୁଚେଇ ଦେଲେ ଏସବୁ ଅହି ରାବଣର ହିଁ ଛଳନା ଅଟେ। ଆଉ ସେ ନିଶ୍ଚୟ ତୁମ ଦୁଇଭାଇଙ୍କୁ ନେଇ ପାତାଳ ପୁରୀକୁ ଚାଲି ଯାଇଛି।

କାଳ ବିଳମ୍ବ ନକରି ନିଜ ପ୍ରଭୁଙ୍କୁ ବଞ୍ଚାଇବା ପାଇଁ ହନୁମାନ ପାତାଳ ଲୋକକୁ ଚାଲିଗଲେ। ସେଠାର ଦ୍ୱାରଦେଶରେ ଜଣେ ବାନର ତାଙ୍କର ରାସ୍ତା ଓଗାଳି ଠିଆ ହୋଇଗଲା। ସେ ଯେତେ କହିଲେ ମଧ ତାଙ୍କୁ ଭିତରକୁ ଯିବାକୁ ଛାଡ଼ିଲା ନାହିଁ। ଏପରିକି ସେହି ବାନର ହନୁମାନଙ୍କୁ ଯୁଦ୍ଧର ଆହ୍ୱାନ ମଧ ଦେଲା। ଆଉ ତା' ପରେ କହିଲା ଯେ ସେ ଯେହେତୁ ବୀର ହନୁମାନଙ୍କ ପୁତ୍ର ତେଣୁ ସେ କାହାରିକୁ ଭୟ କରେ ନାହିଁ। ହନୁମାନ ଆଶ୍ଚର୍ଯ୍ୟ ହୋଇ ଏହା କିପରି ସମ୍ଭବ ହେଲା ବୋଲି ଜାଣିବାକୁ ଚାହିଁଲେ। କାରଣ ସେ ଆଜନ୍ମ ବ୍ରହ୍ମଚାରୀ ଅଟନ୍ତି। ଆଉ ତାଙ୍କ ପୁତ୍ର କେହି କିପରି ହୋଇପାରେ...!!?? ସେତେବେଳେ ସେହି ବାନର ନିଜ ପରିଚୟ ଦେଇ କହିଥିଲା ଯେ ସେ ହେଉଛି ମକରଧ୍ୱଜ। ଯେତେବେଳେ ବୀର ହନୁମାନ ଲଙ୍କା ଦହନ କରି ନିଜ ଲାଞ୍ଜରେ ଲାଗିଥିବା ଅଗ୍ନି ନିର୍ବାପିତ କରିବା ପାଇଁ ସମୁଦ୍ରରେ ଝାସ ଦେଇଥିଲେ ସେତେବେଳେ ତାଙ୍କ ଶରୀରରୁ ଏକ ସ୍ୱେଦ ବୁନ୍ଦା ପାଣିରେ ପଡ଼ି ଯାଇଥିଲା ଯାହାକୁ ସେହି ପାଣିରେ ରହୁଥିବା ଏକ ମଗର ମାଛ ଗିଳି ଦେଇଥିଲା। ସମୟକ୍ରମେ ସେହି ମାଛକୁ ଅହି ରାବଣର ରୋଷେଇୟା ଏକ କୈବର୍ତ୍ତଠାରୁ ଆଣି ରୋଷେଇ କରିବା ପାଇଁ କାଟିବା ବେଳେ ତା ପେଟ ଭିତରେ ଏକ ଶିଶୁପୁତ୍ର ଥିବା ଦେଖିବାକୁ ପାଇଲା। ପରେ ସେହି ଶିଶୁକୁ ନେଇ ସେ ମହାରାଜଙ୍କୁ ଦେଇ ଦେଇଥିଲା। ଅହି ରାବଣ ସେହି ଛୁଆର ଯତ୍ନ ନେଇ ତାକୁ ପାଳି ପୋଷି ବଡ କରିଥିଲେ ଏବଂ ନିଜ ପାତାଳ ପୁରୀର ରକ୍ଷକ ରୂପେ ନିଯୁକ୍ତି ଦେଇଥିଲେ। ସେହି ଶିଶୁ ହିଁ ମକରଧ୍ୱଜ ଅଟେ। ମକରଧ୍ୱଜର ପାଇ ହନୁମାନ ତାକୁ ହୃଦୟରେ ଲଗେଇ ଥିଲେ। ପିତା ପୁତ୍ରର ମିଳନ ହେଲା ସତ ହେଲେ ଦୁହେଁ ଦୁହିଁଙ୍କ ଧର୍ମ ପାଳନରେ ବନ୍ଧା ହୋଇଥିଲେ।

ନିଜ ପ୍ରଭୁଙ୍କୁ ମୁକ୍ତ କରି ନେଇଯିବା ପାଇଁ ହନୁମାନ ଦୃଢ଼ପ୍ରତିଜ୍ଞ ଥିଲା ବେଳେ ପାତାଳକୁ ତାଙ୍କୁ ନ ଛାଡ଼ିବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲା। ଅତଏବ ଦୁହିଁଙ୍କ ମଧରେ ଭୀଷଣ ଯୁଦ୍ଧ ହେଲା। ହନୁମାନ ତୁମ ନାମ ନେଇ ନିଜ ପୁତ୍ରକୁ ପରାସ୍ତ କରି ତାକୁ ବାନ୍ଧି ଦେଇଥିଲେ ଆଉ ପାତାଳ ଭିତରକୁ ପ୍ରବେଶ କରିଥିଲେ।

ସେଠାର ରାସ୍ତା ସବୁ ବିଷୟରେ ବିଭୀଷଣ ଆଗରୁ ଜଣେଇ ଦେଇଥିଲେ ମଧ ସେହି ମାୟାବୀ ଅଞ୍ଚଳରେ ସେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିନ୍ତୁ ଚନ୍ଦ୍ରସେନା ନାମ୍ନୀ ଏକ ସେବକ ତାଙ୍କୁ ସେହି ସ୍ଥାନକୁ ନେଇ ଯାଇଥିଲା ଯେଉଁଠି ଅହି ରାବଣ ତୁମ ଦୁଇ ଭାଇଙ୍କୁ ରଖିଥିଲା। ସେଇଠି ଦେବୀ ନିକୁମ୍ଭିଳାଙ୍କର ଏକ ବିରାଟ ବଡ ମୂର୍ତ୍ତି ଥିଲା। ଆଉ ତା ସାମ୍ନାରେ ବଳୀ ବେଦୀ ଉପରେ ତୁମ ଦୁଇଭାଇଙ୍କୁ ଅଚେତ କରି ରଖା ହୋଇଥିଲା। ସଚରାଚର ବିଶ୍ୱର ଅଧୀଶ୍ୱର ହୋଇ ମଧ ତୁମେ ଏମିତି ଅସହାୟ ଅବସ୍ଥାରେ ଶୋଇଥିବା ଦେଖି ହନୁମାନ ନିଜ ଆଖିକୁ ବିଶ୍ୱାସ କରି ପାରିଲେନି। ଦୁଃଖରେ ତାଙ୍କ ମନ ବିଚଳିତ ହୋଇଗଲା। କ୍ରୋଧରେ ଜର୍ଜରିତ ହୋଇ ସେହି ମୁହୂର୍ତ୍ତରେ ଅହି ରାବଣକୁ ବିନାଶ କରିବା ପାଇଁ ମନସ୍ଥ କଲେ। ଆଉ ଚୁପଚାପ୍ ଯାଇ ଦେବୀ ନୀକୁମ୍ଭିଳାଙ୍କ ମୂର୍ତ୍ତି ଭିତରେ ନିଜକୁ ଲୁଚେଇ ରଖିଲେ।

କିଛି ସମୟ ଭିତରେ ଅହି ରାବଣ ତୁମ ଦୁଇଜଣଙ୍କୁ ବଧ କରିବା ପାଇଁ ସେହି କକ୍ଷକୁ ଆସି ନିକୁମ୍ଭିଳାଙ୍କର ପୂଜାର୍ଚ୍ଚନା ଆରମ୍ଭ କରିଦେଲା। ସେ ଯାହା ସବୁ ଅର୍ପଣ କରୁଥିଲା ହନୁମାନ ମୂର୍ତ୍ତି ପଛରେ ରହି ସବୁ ଗ୍ରହଣ କରି ନେଉଥିଲେ। ଅହି ରାବଣ ଖୁସି ହୋଇ ଯାଉଥିଲା ଯେ ଦେବୀ ତା ପୂଜାରେ ଖୁସି ହୋଇ ଯାଇଛନ୍ତି। ତା ପରେ ସେ ଯେମିତି ପୂଜା କରିବାକୁ ମୁଣ୍ଡ ନୁଏଁଇଲା; ହନୁମାନ ସଙ୍ଗେ ସଙ୍ଗେ ମୂର୍ତ୍ତି ହାତରେ ଥିବା ଖଣ୍ଡାରେ ତା ମୁଣ୍ଡ କାଟି ପକାଇଥିଲେ। ଆଉ ସେହି ସମୟରେ ସେ ପଞ୍ଚମୁଖୀ ସ୍ୱରୂପ ନେଇଥିଲେ। ସଙ୍କଟ ମୋଚନ ହନୁମାନ ନିଜ ପ୍ରଭୁଙ୍କ ସଙ୍କଟ ମୋଚନ କରି ସେଦିନ ଭକ୍ତି ସ୍ମାରକୀରେ ଏକ ନୂତନ କିର୍ତ୍ତିସ୍ତମ୍ଭ ସ୍ଥାପନା କରିଥିଲେ।



ତା ପରେ ତୁମମାନଙ୍କୁ ନେଇ ସକୁଶଳ ଆସି ସେ ସେନାମାନଙ୍କ ମନୋବଳ ବଢ଼େଇ ଥିଲେ। ତା ପରେ ଆରମ୍ଭ ହୋଇଥିଲା ତୁମ ଅବତାରର ସବୁଠୁ ବଡ କର୍ତ୍ତବ୍ୟ ସଂପାଦନ କରିବା ପାଇଁ ମହାଯୁଦ୍ଧ। ରାମ ରାବଣ ଯୁଦ୍ଧ ଇତିହାସର ସବୁଠାରୁ ବଡ ସଂଘର୍ଷ ବୋଲି ଗଣନା କରାଯାଏ। (ଆରଥରକୁ)

♥ ଭୁବନେଶ୍ୱର,
ମୋ: ୯୪୩୮୪୭୦୮୦୭

# ଉତ୍କଳୀୟ ପରମ୍ପରାରେ ଦୋଳ ମହୋତ୍ସବ



ଡକ୍ଟର ଲକ୍ଷ୍ମଣ ସାହୁ



ଓଡ଼ିଶାର ପୁର ପଲ୍ଲୀ ସହର ଗଳିରେ ବସନ୍ତ ଋତୁର ଆଗମନ । ଫାଲଗୁନ ଶୁକ୍ଳ ଦଶମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସବୁଠି ଦୋଳ ଗୋବିନ୍ଦଙ୍କ ବସନ୍ତରାସ ବା ବସନ୍ତ ଉତ୍ସବ ମହା ସମାରୋହରେ ପାଳିତ ହେଉଛି । ସମଗ୍ର ଭାରତ ବର୍ଷରେ ହୋଲିର ରଙ୍ଗାରଙ୍ଗ ଉତ୍ସବ। ଏହି ରଙ୍ଗାରଙ୍ଗ ଉତ୍ସବ ଜାତି ବର୍ଣ୍ଣ ଧର୍ମର ଭାରତବାସୀ ମହାଆଡ଼ମ୍ବରରେ ପାଳନ କରନ୍ତି। ଗାଁ ଗୁଡ଼ିକରେ ଥିବା ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ମନ୍ଦିରରେ ଦୋଳ ଉତ୍ସବ ଚାଲେ। ଦୋଳଗୋବିନ୍ଦ ସାହି ବା ବସ୍ତିରେ ପ୍ରତ୍ୟେକ ଘର ବୁଲି ଦୋଳ ପୂର୍ଣ୍ଣିମା ଯାଏଁ ଭୋଗ ଖାଇଥାନ୍ତି । ଏହା ହିଁ ଆମ ଉତ୍କଳୀୟ ସଂସ୍କୃତି ସଂସ୍କାର ଓ ଜାନି ଯାତ୍ରାର ଧାର୍ମିକ ମହୋତ୍ସବ।

ସାଧାରଣତଃ ଦଶମୀ ତିଥିଠାରୁ ଦୋଳ ଯାତ୍ରାରମ୍ଭ ହୋଇଥାଏ । ପର୍ବର ମୁଖ୍ୟ ଆରାଧ ଠାକୁର ରାଧା ଓ କୃଷ୍ଣଙ୍କ ନିକଟରେ ଏହି ଦିନ ଅବିର ଦିଆଯାଏ ଓ ତେଣୁ ସେହି ଦିନଠୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାଧାକୃଷ୍ଣ ମନ୍ଦିରଗୁଡ଼ିକ ଉତ୍ସବମୁଖର ହୋଇଉଠେ । ବୈଷ୍ଣବ ଧର୍ମାବଲମ୍ବୀଙ୍କ ମତାନୁଯାୟୀ ବୃନ୍ଦାବନ ଗୋପୀମାନେ ସେମାନଙ୍କର ପରମାରାଧ ଓ ପରମ ପ୍ରେମିକ ଶ୍ରୀକୃଷ୍ଣଙ୍କ ସହ ଚାଚେରି ଖେଳିଥିଲେ । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଫୁଲହାରରେ ମଣ୍ଡନ କରି ଦୋଳି ଖେଳାଇଥିଲେ । ତାଙ୍କ ସହ ଫଗୁ ଖେଳି ଆମୋଦ ପ୍ରମୋଦରେ ମଗ୍ନ ଥିଲେ । ତେଣୁ ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସୁସଜ୍ଜିତ ବିମାନରେ ଅବତରଣ କରି ମହାଆଡ଼ମ୍ବର ସହକାରେ ଗ୍ରାମର ପ୍ରାୟ ପ୍ରତ୍ୟେକଙ୍କ ଦ୍ୱାରକୁ ନିଆଯାଇ ଭୋଗ ଅର୍ପଣ କରାଯିବା ସହ ପୁରୋହିତଙ୍କୁ ଦକ୍ଷିଣା ମଧ ଦିଆଯାଏ । ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦ୍ୱାରରେ ଅର୍ପିତ ଭୋଗକୁ 'ଦ୍ୱାରୀ ଭୋଗ' କୁହାଯାଏ ।

ବୋଧହୁଏ ସେ 'ଭକ୍ତର ଭଗବାନ' ଏହା ହିଁ ପ୍ରତିପାଦିତ କରିବା ଦ୍ୱାରୀ ଭୋଗର ଉଦ୍ଦେଶ୍ୟ। ସବୁବେଳେ ଭକ୍ତମାନେ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରୁଥିଲେ ଓ ଭଗବାନଙ୍କ ପୀଠସ୍ଥଳୀରେ ନୈବେଦ୍ୟ ଅର୍ପଣ କରୁଥିଲେ। କିନ୍ତୁ ଦୋଳଉତ୍ସବ ପାଳନ ବେଳେ ଠାକୁରେ ତାଙ୍କର ସୁଉଚ୍ଚ ସିଂହାସରୁ ଓହ୍ଲାଇ ଆସନ୍ତି ରାଜଦାଣ୍ଡକୁ, ଭକ୍ତର ଦ୍ୱାର ନିକଟକୁ ଓ ଭଗବାନଙ୍କ ଭକ୍ତର ଭକ୍ତି ନୈବେଦ୍ୟ ଗ୍ରହଣ କରିବା ପାଇଁ ଏହି ଯାତ୍ରା ଦୋଳି ବା ହୋଲି ଉତ୍ସବର ଅୟାରମ୍ଭ ଓ ଯେଭଳି ରଥଯାତ୍ରା ବେଳେ ଜଗତର ନାଥ ଜଗନ୍ନାଥ ନିଜ ସିଂହାସନ ଉପରୁ ରାଜଦାଣ୍ଡକୁ ଓହ୍ଲାଇ ଆସଥାନ୍ତି, ସେଭଳି ଭକ୍ତବୃନ୍ଦକୁ ଦର୍ଶନ ଦେବା ପାଇଁ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଅତିନିକଟକୁ ଘର ପାଖକୁ ଓହ୍ଲାଇ ଆସନ୍ତି ଓ ଉଭୟ ପୁରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ଭଳି ଭୁବନେଶ୍ୱର ଲିଙ୍ଗରାଜଙ୍କ ମନ୍ଦିରରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି ।

ଜଗନ୍ନାଥ ଓ କୃଷ୍ଣତ୍ୱର ଏକ ଚରମ ନିଦର୍ଶନ ହେଉଛି ଦୋଳଯାତ୍ରା ବା ଚାଚେରୀ ଯାତ୍ରା । ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ମଧାହ୍ନ ଧୂପ ସରିଲା ପରେ ତିନି ବାଡ଼ରେ ମଇଲମ ହୋଇ ଠାକୁରମାନଙ୍କୁ ନାଲି ବସ୍ତ୍ର ପରିଧାନ କରାଯାଏ । ପାଳିଆ ପୁଷ୍ପାଳକ ସେବକମାନେ ଶ୍ରୀଜୀଉମାନଙ୍କୁ ଭଣ୍ଡାର ଘରୁ ଚନ୍ଦନ ଆଣି ଚନ୍ଦନ ଲାଗି ନୀତି ସମ୍ପନ୍ନ କରନ୍ତି। ପଞ୍ଚୋପଚାରରେ ଚାଚେରୀ ଭୋଗ କରାଯାଏ। ଯେତେବେଳେ ଆଜ୍ଞାମାଳ ଆସେ ସେତେବେଳେ ବିମାନରେ ଶ୍ରୀଦୋଳ ଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିଜେହୋଇ ସିଂହଦ୍ୱାର ଦେଇ ଘଣ୍ଟ, ଛତା, କାହାଳୀ, ଚାମର ପଟୁଆରରେ ମହା ସମାରୋହରେ ଶ୍ରୀଜଗନ୍ନାଥ ବଲ୍ଲଭମଠକୁ ବିଜେ କରିଥାନ୍ତି ।

ଦୋଳଯାତ୍ରାର ଐତିହାସିକ ଉତ୍ପତ୍ତି ସମ୍ପର୍କରେ 'ମାଦଳା ପାଞ୍ଜି'ରେ ଉଲ୍ଲେଖ ଅଛି- 'ଗଉଡ଼ିଆ ଗୋବିନ୍ଦ ଦେବ ରାଜା ହେଲେ ଚାରି ବର୍ଷ, ସନ. ୧୪୮୩ ପର୍ଯ୍ୟନ୍ତ ଏ ରାଜାଙ୍କ ଦିନରେ ଦୋଳବେଦି ଉପରେ ଦୋଳି ଛିଡ଼ି ପଡ଼ିଲା। ବଡ଼ଠାକୁରଙ୍କ ଭୂଜ ଭାଙ୍ଗିଗଲା ଦେଉଳ ଭିତରେ ବିଜେକଲା ଉତ୍ତାରୁ ଶ୍ରୀଭୂଜ ନିର୍ମାଣ ମହାସ୍ନାନ ହୋଇ ଏହିଠାରୁ ଦୋଳଯାତ୍ରାକୁ ଦୋଳଗୋବିନ୍ଦ ବିଜେ କଲେ ।' ଏଥିରୁ ସ୍ପଷ୍ଟ ହୁଏ, ୧୫୬୩ (୧୪୮୩ ଶକାବ୍ଦ) ଖ୍ରୀ.ରେ ତତ୍କାଳୀନ ରାଜନୈତିକ ବିପର୍ଯ୍ୟୟ ସତ୍ତ୍ୱେ କୃଷ୍ଣ ଉପାସନାର ପ୍ରାଧାନ୍ୟ ରହିଥିଲା । ଯାହା କି ଏହି ଉତ୍ସବ ଅତ୍ୟନ୍ତ ଆଡ଼ମ୍ବର ସହିତ ପାଳିତ ହେଉଥିଲା। ଏହି ଯାତ୍ରା ସମ୍ପର୍କରେ ବିଭିନ୍ନ ପୁରାଣରେ ଅନେକ ତଥ୍ୟ ରହିଛି, ଯଥା ସ୍କନ୍ଦ ପୁରାଣ, ଯାତ୍ରା ଭାଗବତ, ନୀଳାଦ୍ରି ମହୋଦୟ, ବାମଦେବ ସଂହିତା ଆଦିରେ ଏହି ଯାତ୍ରା ଫାଲ୍‌ଗୁନ ଶୁକ୍ଳଦଶମୀ ତିଥିରୁ ଆରମ୍ଭ ହୋଇଥାଏ ବୋଲି ଉଲ୍ଲେଖ ରହିଛି । ୧୨ଶ ଶତାବ୍ଦୀର କବି ଜୟଦେବ 'ଗୀତ ଗୋବିନ୍ଦ'ରେ ବସନ୍ତ ରାସର ବର୍ଣ୍ଣନା କରିଛନ୍ତି- 'ବସନ୍ତେ ବାସନ୍ତୀ କୁସୁମ ସୁକୁମାରୈ ରଚୟବୈ / ଭ୍ରମନ୍ତୀ କାନ୍ତାରେ ବହୁ ବିହିତ କୃଷ୍ଣାନ୍ୱସରଣାମ୍ । ଅମଳଂ କନ୍ଦର୍ପଜ୍ୱର ଜନିତ ଚିନ୍ତାକୁଳତୟା / ଚଳନ୍ ବାଧାଂ ରାଧାଂ ସରସମି ଦମ୍ୟତେ ସହଚରୀ' ।

ଜୟଦେବଙ୍କ ବର୍ଣ୍ଣିତ 'ବସନ୍ତ ରାସ' ଦୋଳଯାତ୍ରାର ପ୍ରତୀକ ଅଟେ । ଶ୍ରୀଜଗନ୍ନାଥଙ୍କ ଏହି ଉତ୍ସବଟି ଶ୍ରୀମନ୍ଦିରରେ ପାଳିତ ହୁଏ । ଦୋଳବେଦୀ ନାମକ ଗୋଟିଏ ମନ୍ଦିର ଐଶାନ୍ୟ ଭାଗରେ ରହିଛି । ସେଠାରେ ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଦୋଳିରେ ବିଜେ କରନ୍ତି । ସେଠାରେ ଫୁଲଛତ୍ର ଓ ଫୁଲ ଚାନ୍ଦୁଆ ଟଣାଯାଇଥାଏ। ଅବିର ଲାଗି ଚଣା ସାକର ପ୍ରଭୃତି ଭୋଗ ଓ ଅନେକ ନୀତି ହୋଇଥାଏ । ଦୋଳ ପୂର୍ଣ୍ଣମୀର ପାଞ୍ଚଦିନ ପୂର୍ବରୁ ଜଗନ୍ନାଥ ମହାପ୍ରଭୁଙ୍କର ମଧାହ୍ନ ଭୋଗ ପରେ ଚାଚେରୀ ବେଶ କରାଯାଏ। ପରେ ଚାଚେରୀ ଭୋଗ ଲାଗି କରାଯାଇଥାଏ। ଏହାପରେ ଠାକୁର ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ବିଜେ କରି ଚାଚେରୀ ଭ୍ରମଣ ପାଇଁ ବାହାରନ୍ତି । ଏଥିରେ ଫଗୁଲାଗି କରାଯାଇ ପାଞ୍ଚଦିନ ଧରି ଉତ୍ସବ ପାଳିତ ହୋଇଥାଏ। ଶ୍ରୀଜଗନ୍ନାଥଙ୍କର ଏହି ମହିମାମୟ ଦୋଳ ବା ଚାଚେରୀ ଯାତ୍ରାର ମହତ୍ତ୍ୱ କବି ଶ୍ରୀହର୍ଷଙ୍କ ରଚିତ ଶ୍ଳୋକରେ ବର୍ଣ୍ଣିତ ହୋଇଛି । 'ଦୋଳେଚ ଦୋଳ ଗୋବିନ୍ଦଂ / ଚାପେଚ ମଧୁସୂଦନଂ। ରଥତୁ ବାମନଂ ଦୃଷ୍ଟ୍ୱା / ପୁନର୍ଜନ୍ମ ନ ବିଦ୍ୟତେ' ।'

ଦୋଳଯାତ୍ରା ବା ବସନ୍ତ ଉତ୍ସବକୁ ଚାଚେରୀ ବେଶ ଚାଚେରୀ ଯାତ୍ରା ବା ଚାଚେରୀ ଲୀଳା କୁହାଯାଏ। ଓଡ଼ିଆ କାବ୍ୟ କବିତାରେ ମଧ ଏହି ଦୋଳଯାତ୍ରା ଓ ଚାଚେରୀ ଲୀଳାର ଉଦାହରଣ ଦେଖିବାକୁ ମିଳେ। ଏହି ଦୋଳଯାତ୍ରା ବା ଚାଚେରୀ ଯାତ୍ରା ଉପରେ ଚାଚେରୀ ଲୀଳା ଏକ ପ୍ରାମାଣିକ ଇତିହାସ କୁହାଯାଏ ।

କାରଣ ବସନ୍ତ ଋତୁକୁ 'ଋତୁରାଜ' କୁହାଯାଏ। ବସନ୍ତ ସୌନ୍ଦର୍ଯ୍ୟର ଋତୁ । ଋତୁଚକ୍ର ଭିତରେ ବସନ୍ତ ଋତୁ ଏକ ନିର୍ବିବାଦୀୟ ସମ୍ରାଟ। ଫାଲଗୁନ- ଚୈତ୍ର ମାସ ବସନ୍ତ ଋତୁର ସମୟ । ଅପରପକ୍ଷରେ ବସନ୍ତକୁ ମୂଳତଃ ଫୁଲର ଋତୁ କୁହାଯାଏ । କେବଳ ଓଡ଼ିଶାରେ ବସନ୍ତ ଋତୁରେ ତିରିଶ ପ୍ରକାର ଫୁଲ ଫୁଟେ। ବସନ୍ତଠାରୁ ପୁଷ୍ପ ଚେତନାକୁ ପୃଥକ କରିଦେଲେ, ତାହା ପୁଷ୍ପ ପୁଷ୍ପ ନୁହେଁ କି ବସନ୍ତ ବସନ୍ତ ନୁହେଁ । ତେଣୁ ବସନ୍ତର ରଙ୍ଗକୁ ସମସ୍ତେ ଫିକା ହଳଦିଆ ଭାବେ ବର୍ଣ୍ଣନା କରନ୍ତି । ହେଲେ ଏହାର ଶବ୍ଦାକାଶ ଆକାଶ ପରି ବ୍ୟାପ୍ତ । 'ରାଗ ବସନ୍ତ' ହେଉଛି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଏକ ପ୍ରମୁଖ ରାଗ । ବସନ୍ତ ଯଦି ଋତୁରାଜ, କୋଇଲିର ଆଧିପତ୍ୟ କିଛି କମ ନୁହେଁ। କୋଇଲିର ଅନ୍ୟ ନାମ ବସନ୍ତ ଘୋଷ (ବସନ୍ତ ଘୋଷୀ – ଲିଙ୍ଗ ଭେଦରେ)। ଗଛଲତାରେ ମଧ ବସନ୍ତର ପରିବ୍ୟାପ୍ତ ଚେହେରା ଆଖିରେ ପଡ଼େ। ମାଧବୀ ଲତାର ଅନ୍ୟ ନାମ ବସନ୍ତ ଦୂତ । ବସନ୍ତ ପଞ୍ଚମୀରୁ ହିଁ ବସନ୍ତର କ୍ରମଶଃ ଆଗମନ ହୁଏ । ଏହା ବସନ୍ତର ସମୟ ଓ ଉତ୍ସବର ସମୟ । ଶ୍ରୀକୃଷ୍ଣଙ୍କ ରାସ ଉତ୍ସବକୁ ବସନ୍ତ ରାସ କୁହାଯାଏ । ଏହି ଦୃଷ୍ଟିରୁ ଓଡ଼ିଶାରେ ବସନ୍ତ ଉତ୍ସବକୁ ତିନିଟି ମୁଖ୍ୟ ପର୍ବ ଥାଏ ଯଥା, ମଦନପୂଜା, ଦୋଳଯାତ୍ରା ଓ ହୋଲି।

ତେଣୁ ଦୋଳପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ସହିତ ମହାପ୍ରଭୁଙ୍କୁ ସୁନାବେଶ ମଧ କରାଯାଏ । ଭୋରରୁ ଦ୍ୱାରଫିଟା ନୀତି ପରେ ଶ୍ରୀମନ୍ଦିରରେ ଭିତର ଶୋଧ, ମଙ୍ଗଳ ଆଳତି,ମଇଲମ, ତଡପଲାଗି, ଅବକାଶ, ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ପ୍ରଭୃତି ନୀତି ସମ୍ପନ୍ନ ପରେ ଶ୍ରୀଜୀଉମାନଙ୍କୁ ରାଜାଧିରାଜ ବେଶ ବା ୩୨ ପ୍ରକାର ଅଳଙ୍କାର ଦ୍ୱାରା ସୁନାବେଶ କରାଯାଇଥାଏ । ଫଗୁ ଦଶମୀଠାରୁ ମୁଖ୍ୟ ଆରାଧ ରାଧାକୃଷ୍ଣଙ୍କୁ ଅବିର ଅର୍ପଣ ସହିତ ଦୋଳଯାତ୍ରା ଆରମ୍ଭ ହୋଇଯାଏ। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ମହାଡମ୍ବରରେ ଆକର୍ଷଣୀୟ ସଜ୍ଜିତ ବିମାନରେ ବସାଇ ଗ୍ରାମ ବା ସହରର ପ୍ରତ୍ୟେକ ଦ୍ୱାରକୁ ନିଆଯାଇ କଞ୍ଚାଆମ୍ବ, ଗୁଡ ମିଶା ଚଣା ଓ ଅନ୍ୟାନ୍ୟ ଭୋଗ ଦ୍ୱାରି ଭୋଗ ଆକାରରେ ଅର୍ପଣ କରାଯାଏ । ଭକ୍ତର ଭଗବାନ, ତେଣୁ ଭକ୍ତର ଦ୍ୱାରରେ ସ୍ୱୟଂ ଭଗବାନ ଉପସ୍ଥିତ, ଏଭଳି ଅନନ୍ୟ ପରମ୍ପରା ସମଗ୍ର ବିଶ୍ୱରେ ବିରଳ । ଦୋଳଯାତ୍ରାକୁ ବସନ୍ତୋତ୍ସବ ମଧ କୁହାଯାଏ। ବୈଷ୍ଣବ ଧର୍ମ ପରମ୍ପରା ସହ ସଦ୍ଭାବ, ସୌହାର୍ଦ୍ଦ ଓ ଐତିହ୍ୟର ପର୍ବ ଦୋଳଯାତ୍ରା ।

ଏହା ମୁଖ୍ୟତଃ ଗ୍ରାମ ଗ୍ରାମ ମଧରେ, ଗୋଷ୍ଠୀ ଗୋଷ୍ଠୀ ମଧରେ, ବ୍ୟକ୍ତି ବ୍ୟକ୍ତି ମଧରେ ଏକ ସ୍ନେହ, ସଦ୍‌ଭାବ ଓ ପାରସ୍ପରିକ ସୌହାର୍ଯ୍ୟର ପରିଚାୟକ ପର୍ବ ଭାବରେ ପାଳିତ ହୋଇଥାଏ। ପୃଥିବୀରେ ନୂତନ ଶିହରଣ ଖେଳାଇ ପାରିବା ଭଳି ଶକ୍ତିରେ ଶକ୍ତିମନ୍ତ ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ଆୟୋଜନ । କିଛି ସ୍ଥାନରେ କେବଳ ଦିନକ ପାଇଁ ଦୋଳପୂର୍ଣ୍ଣିମା ଦିନ, ଦୋଳଯାତ୍ରା ଅନୁଷ୍ଠିତ ହୁଏ, ଏହାକୁ ଫୁଲଦୋଳ କୁହାଯାଏ । ଆଉ କେତେକ ସ୍ଥାନରେ ଫଗୁ ଦଶମୀଠାରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ଶେଷ ହୁଏ । ଏହାକୁ ରାଜ ଦୋଳ କହନ୍ତି । ଫାଲଗୁନ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ପଞ୍ଚମୀରେ ଶେଷ ହେଉଥିବା ଦୋଳକୁ ପଞ୍ଚୁ ଦୋଳ କୁହାଯାଏ । ଫାଲଗୁନ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ନବମୀରେ ଶେଷ ହେଉଥିବା ଦୋଳକୁ ଦଶ ଦୋଳ କୁହାଯାଏ । କେତେକ ସ୍ଥାନରେ ପୂର୍ଣ୍ଣିମା ଦିନରୁ ଆରମ୍ଭ ହୋଇ ଛଅ ଦୋଳ କିମ୍ବା ନବଦୋଳ ପାଳିତ ହୁଏ ।

ଏପରିକି ଶୈବପୀଠ ସହିତ ବୈଷ୍ଣବ ଭକ୍ତ ଓ ପୀଠର ସୌହାର୍ଯ୍ୟ ବୃଦ୍ଧିରେ ଦୋଳ ମେଳଣ ଓ ଦୋଳ ମଣ୍ଡପ ସହଯୋଗ ଭିତ୍ତିରେ ହୋଇଥାଏ । ସାଧାରଣତଃ ଶୈବ ବା ଶାକ୍ତ କିମ୍ବା ଅନ୍ୟ ନିର୍ବିବାଦୀୟ ପୀଠରେ ଦୋଳ ମେଳଣ ଆୟୋଜିତ ହୋଇଥାଏ । ସେଠାରେ ପଞ୍ଚରାତ୍ର ବ୍ୟାପୀ ଚାଚେରୀରେ ସନ୍ଧ୍ୟା ଠାରୁ ମଧରାତ୍ର ପର୍ଯ୍ୟନ୍ତ ଗ୍ରାମ ପରିକ୍ରମା ଓ ପରିଭ୍ରମଣ କରୁଥିବା ରାଧାକୃଷ୍ଣଙ୍କ ବିମାନ ଆସି ସାମୟିକ ରହିଥାଏ । ସାରା ଓଡ଼ିଶାର ବିଭିନ୍ନ ସ୍ଥାନରେ ମେଳଣର ଅନନ୍ୟ ପରମ୍ପରା, ଐତିହ୍ୟ ଓ ନାମକରଣ ଭିନ୍ନ ଭିନ୍ନ ରହଛି ।

ଦୋଳ ସହିତ ବିଭିନ୍ନ ପୁରାଣର କାହାଣୀ ସଂଯୁକ୍ତ ହୋଇରହିଛି । ଗୋଟିଏ ପଟେ ରାଧା-କୃଷ୍ଣ ପ୍ରେମ ଗାଥାର ଭବ୍ୟ ଉତ୍ତାଳ ଉତ୍ତରଣ ଓ ଅନ୍ୟ ପକ୍ଷରେ ଅନ୍ୟାନ୍ୟ ପୌରାଣିକ ଆଖ୍ୟାନର ମୁଗ୍ଧ ବିତରଣ । ପୁଣି କେତେକଙ୍କ ମତରେ ପ୍ରବଳ ପରାକ୍ରମୀ ରାକ୍ଷସ ମେର୍ଦ୍ଧାସୁରର ମୃତ୍ୟୁର ଭଗବାନ କାରଣ ହୋଇ ପୃଥିବୀରୁ ପାପର ମାତ୍ରା ହ୍ରାସ କରିଥିବା ଯୋଗୁଁ ଏହି ପର୍ବ ଆୟୋଜିତ ହୋଇଥିବା ବର୍ଣ୍ଣିତ । ସେହିପରି ନଡ଼ା ଗଦାକରି (ଅଇଘରା/ ଅଗିରା) ଦୋଳ ପୂର୍ଣ୍ଣମୀ ରାତିରେ ବା ହୋଲି ଉତ୍ସବରେ ଯେଉଁ ଅଗ୍ନି ଜ୍ୱଳନର ପରମ୍ପରା ଅଛି, ତାହା ଭକ୍ତ ପ୍ରହ୍ଲାଦଙ୍କ ପୌରାଣିକ ଉପାଖ୍ୟାନ ସହିତ ସିଦ୍ଧ ସମ୍ପୃକ୍ତ । ହୋଲିକା ଥିଲା ହିରଣ୍ୟକଶିପୁର ଭଉଣୀ- ଯେ ଶିବଙ୍କ ଠାରୁ ବର ପ୍ରାପ୍ତ ହେଇଥିଲା ଯେ ସେ ଜଳରେ ବୁଡ଼ିବ ନାହିଁ କି ନିଆଁରେ ପୋଡ଼ିବ ନାହିଁ । ହିରଣ୍ୟକଶିପୁକୁ ଭଗବାନ ବିଷ୍ଣୁଙ୍କ ମାୟାରେ ଶିକ୍ଷା ଦେବାପାଇଁ ହୋଲିକା ରାକ୍ଷସୀକୁ ପୁତ୍ର ପ୍ରହ୍ଲାଦ ସହିତ ଅଗ୍ନିରେ ପ୍ରବିଷ୍ଟ କରାଇଥିଲା । ହେଲେ ସେଥିରେ ଶିଶୁ ପୁତ୍ରଟି ରକ୍ଷା ପାଇଯାଇଥିବା ବେଳେ ହୋଲିକା ଭସ୍ମୀଭୂତ ହୋଇଥିଲା । ପୁତନା ରାକ୍ଷସୀର ଅନ୍ତ ଓ ତାହାର ଅନ୍ତ୍ୟେଷ୍ଟିକୁ ଏହି ଅଗ୍ନି ପ୍ରଜ୍ୱଳନ ସହିତ ପୁରାଣରେ ସୁନ୍ଦର ବର୍ଣ୍ଣନା କରାଯାଇଛି। କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଅସୁରରାଜା କଂସ ପୁତନା ରାକ୍ଷସୀକୁ ଗୋପ ପୁରକୁ ପଠାଇଥିଲେ । ହେଲେ ମାୟାଧର କୃଷ୍ଣ ପୁତନାର ସ୍ତନ୍ୟପାନ କରିବାର ଛଳନା କରି ଛଳନାମୟୀ ପୁତନା ସୁନ୍ଦରୀର ପଞ୍ଚପ୍ରାଣ ଶୋଷଣ କରିଥିଲେ । ଦିବ୍ୟ ସୁନ୍ଦରୀ ରୂପ ଧାରଣ କରିଥିବା ପୁତନା ତା'ର ଅସଲ ରୂପ ପ୍ରକାଶ କରି ମୃତ୍ୟୁବରଣ କରିଥିଲା । ଶ୍ରୀକୃଷ୍ଣ ସନ୍ଥମାନଙ୍କୁ ପାଳନ କରିବା ପାଇଁ ଦୁଷ୍ଟ ନିବାରଣ କରିଥିବା ଯୋଗୁ ହୋଲି ବା ଦୋଳଉତ୍ସବ ପାଳିତ ହୁଏ ବୋଲି ଅନେକ ମତବ୍ୟକ୍ତ କରନ୍ତି।

ନିଷ୍କର୍ଷରେ ଚାଚେରୀ ଶବ୍ଦର ଅର୍ଥ ଉତ୍ସବ, ଗୀତ ବାଦ୍ୟ ଓ ଆନନ୍ଦ ଉଲ୍ଲାସ, ସୌରାଗୋତ୍ସବ। ଆନନ୍ଦ କଲରୋଳ ଫଗୁ ଖେଳ ପାଇଁ ଏହି ଚାଚେରୀ ଶବ୍ଦଟି ବ୍ୟବହୃତ ହୁଏ । ସର୍ବତ୍ର ରାଧାକୃଷ୍ଣଙ୍କ ଚାଚେରୀ ବୁଲା ପାଳିତ ହେଉଥିବା ବେଳେ ଶ୍ରୀକ୍ଷେତ୍ରରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀଙ୍କ ଚାଚେରୀ ଯାତ୍ରା ଓ ଚାଚେରୀ ଭୋଗ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ଭାବେ ଦୋଳଗୋବିନ୍ଦ ଓ ଶ୍ରୀରାଧାଙ୍କ ପରିବର୍ତ୍ତେ ଲକ୍ଷ୍ମୀ ସରସ୍ୱତୀ ଚାଚେରୀ ବୁଲାରେ ଭାଗ ନିଅନ୍ତି । ଫଗୁ ଦଶମୀରୁ ଶୁକ୍ଳ ଚତୁର୍ଦ୍ଦଶୀ ଯାଏଁ ଚାଚେରୀ ବେଶ କରାଯାଏ ଓ ପୂର୍ଣ୍ଣିମା ଦିନ ସୁନାବେଶ ହୋଇଥାନ୍ତି । ଏହାକୁ ଚର୍ଚ୍ଚରିକା ବାସନ୍ତିକ ଯାତ୍ରା ଉତ୍ସବ କୁହାଯାଏ। ଯଦିଓ ଆଜି ଋତୁଚକ୍ରର ସେହି ବୈଶିଷ୍ଟ୍ୟ ନାହିଁ କି ବସନ୍ତର ସେହି ଆକର୍ଷଣ ବି ନାହିଁ । ନାହିଁ ମଧ ବସନ୍ତ ଲକ୍ଷ୍ମୀର ନୈସର୍ଗିକ ଶୋଭା । ଅଛି କେବଳ ରସହୀନ ଜୀବନ, ଛଳନାମୟ ପ୍ରକୃତି । ସେ ସବୁକିଛି ଆଜି ନିରୁଦ୍ଦିଷ୍ଟ, ଦୁଷ୍ପ୍ରାପ୍ୟ। ତଥାପି ଆଧାତ୍ମିକ ଦୃଷ୍ଟିକୋଣରୁ ଧାର୍ମିକ ବିଶ୍ୱାସ ଏବେ ମଧ ପରାହତ ନୁହେଁ, ଏହି ପରମ୍ପରା ଆମ ଉତ୍କଳୀୟ ସଂସ୍କୃତି, ସଂସ୍କାର ଓ ଭାଇଚାରାର ବାର୍ତ୍ତା ବହନ କରେ...।

♥ ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪
(ମୋ) : ୯୦୪୦ ୧୫୧୪୭୫

# ଯଜ୍ଞ ହିଁ ଜୀବନର ଉତ୍ସ

ହୃଷିକେଶ ପୁହାଣ



ବେଦ ହିଁ ଭାରତୀୟ ସଂସ୍କୃତିର ମୂଳଧାରା। ଆଜିକାଲି ଏହି ଆଧୁନିକ ଯୁଗରେ ଯଦି କୌଣସି ଠାରେ କିଞ୍ଚିତ ମାତ୍ରା ଆଲୋକର ସନ୍ଧାନ ମିଳୁଥାଏ ତେବେ ତାହା କେବଳ ବେଦ ମାନଙ୍କ ଯୋଗୁଁ । ଏହା ସମସ୍ତ ଧର୍ମନୀତିର ଉତ୍ସ। ଭାରତୀୟ ମୁନିଋଷିମାନେ ସମଗ୍ର ବିଶ୍ୱ ତଥା ମାନବ ଜାତିର କଲ୍ୟାଣ ନିମନ୍ତେ ଏବଂ ସମସ୍ତ ଲୋକର ସୁଖ, ଶାନ୍ତି ଓ ଉତ୍ତରୋତ୍ତର ସମୃଦ୍ଧି ନିମନ୍ତେ ନିରନ୍ତର ପ୍ରାର୍ଥନା କରୁଥିଲେ। କେବଳ ସେତିକି ନୁହେଁ ଯେଉଁଥିପାଇଁ ପ୍ରାର୍ଥନା କରୁଥିଲେ ତାହାର ଉପାୟ ମଧ ନିର୍ଦ୍ଧାରଣ କରି ଜଗତକୁ ଦେଖାଇଥିଲେ । ତାହା ହେଉଛି 'ଯଜ୍ଞ କର୍ମ' । ଯଦୁର୍ବେଦରେ ଯଜ୍ଞ ବିଷୟରେ ବିଶଦ ଭାବେ ବର୍ଣ୍ଣିତ । ଯଜୁର୍ବେଦରେ ଦିବ୍ୟ ଶକ୍ତି ତଥା ଦେବତା ମାନଙ୍କୁ ସ୍ତୁତି କରାଯାଇଛି । ତାହାଫଳରେ ସ୍ୱର୍ଣ୍ଣ, ଶସ୍ୟ, ଶୁଭ ଓ ସମ୍ପତ୍ତି, ପ୍ରାଚୁର୍ଯ୍ୟ ପ୍ରାବଲ୍ୟ ମାନବ ଜାତିକୁ ଉପଲବ୍ଧ ହୋଇଥାଏ । ଯଜ୍ଞ ମୁଖ୍ୟତଃ ଅଗ୍ନି ଉପାସନା । ମାନବର ଜୀବନ ଯାତ୍ରା ସହ ଅଗ୍ନିର ଉପାଦେୟ ଓ ଆବଶ୍ୟକତା ଓତଃପ୍ରୋତ ଭାବେ ଜଡ଼ିତ । ଅଗ୍ନିରୁ ମିଳୁଥିବା ଉଷ୍ମତା ଯୋଗୁଁ ବୌଦ୍ଧିକ ଉନ୍ନତି ପରିଲକ୍ଷିତ ହୁଏ । ତାହା ସମ୍ବୋଧିକୁ ମଧ ତୀକ୍ଷ୍ଣ କରାଏ । ଯଜ୍ଞରେ ଦିଆଯାଉଥିବା ଆହୁତି ଫଳରେ ଆବଶ୍ୟକ ପରିମାଣର ବର୍ଷା ହୁଏ ଓ ଧରିତ୍ରୀ ଶସ୍ୟଶ୍ୟାମଳା ହୁଏ । ଜନ ମାନସରେ ନିରାପତ୍ତା ଓ ସୁରକ୍ଷିତ ଭାବ ଦେଖାଦିଏ । ଶାସ୍ତ୍ର ମତରେ ସମୁଦ୍ର ଗର୍ଭରେ ମଧ ଅଗ୍ନି ଅଛି । ଭଗବାନ ନିଜେ ମଣିଷ ଦେହରେ ବୈଶ୍ୱାନର ଅଗ୍ନି ରୂପେ ଦିବ୍ୟମାନ। ମାନବ ଶରୀରରେ ସବୁକିଛି ଥାଏ ବୋଲି ଶାସ୍ତ୍ରମାନେ କହନ୍ତି । ତୁଳନା କରି କୁହାଯାଇଛି ମଣିଷର ହୃଦୟ ହେଉଛି ଯଜ୍ଞମଣ୍ଡପ, ଦେହ ଯଜ୍ଞକୁଣ୍ଡ, କେଶଣାଶି ଦୁର୍ବାଦଳ, ଇଛାଗୁଡ଼ିକ ସନଥ ଯାହା ସାହାଯ୍ୟରେ ଅଗ୍ନିକୁ ଜଳାଇ ରଖାଯାଏ । କାମନାବାସନା ହେଉଛି ଘୃତ, ଆମଠାରେ ଥିବା କ୍ରୋଧ ବଳି ପଶୁର ପ୍ରତୀକ। ପ୍ରଜ୍ୱଳିତ ଅଗ୍ନି ଆମ ତପସ୍ୟାର ଫଳ । ଲୋକେ ଭାବନ୍ତି ଏକ ଗୋଡ଼କିଆ ବା ମୁଣ୍ଡତଳକୁ ଓ ଗୋଡ଼ ଉପରକୁ ରଖି ଦଣ୍ଡାୟମାନ ହେବା ତପସ୍ୟା । କୌଣସି ପ୍ରକାର ଦୈହିକ କ୍ରିୟା ତପସ୍ୟା ପଦବାଚ୍ୟ ନୁହେଁ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ରଘୁନାଥଜୀଉ ମଠ ସଦସ୍ୟଙ୍କୁ ଅଣଦେଖା: କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ

ନୀଳଗିରି , ୨୮/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମନ୍ଦିରମାଳିନୀ ସହର ନୀଳଗିରି। ରାଜରାଜୁଡ଼ା ସମୟରୁ ସହର ଓ ଏହାର ଆଖପାଖ ଅଞ୍ଚଳରେ ଗଢ଼ିଉଠିଛି ଅନେକ ମଠ,ମନ୍ଦିର। ରାଜଶାସନ ପରେ ରାଜ୍ୟସରକାର ଏସବୁ ଐତିହାସିକ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ପାଇଁ ନିଜ ହାତକୁନେଇ ଦେବୋତ୍ତର ବିଭାଗ ଅଧିନରେ ପରିଚାଳିତ ହୋଇଆସୁଛି। ମାତ୍ର ବିଡମ୍ବନା ଏହିକି ବିଗତ ୨୭ବର୍ଷ ଧରି କିଛି ଅସାଧୁବ୍ୟକ୍ତିଙ୍କ ହାତରେ ମଠମନ୍ଦିରର ପରିଚାଳନା ଦାୟିତ୍ୱ ରହିବାଫଳରେ ପରିଚାଳନାଗତ ମହାବିଭ୍ରାଟ ଅଧିକାଂଶ ସମୟରେ ଲୋକଲୋଚନକୁ ଆସିଛି। ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ କୁଚକ୍ରି ଗୋଷ୍ଠୀ ପ୍ରଶାସନିକ ଅଧିକାରୀଙ୍କୁ ଅନ୍ଧାରରେ ରଖି ନିଜ ସ୍ୱାର୍ଥସାଧନରେ ବ୍ରତୀ ରହୁଛନ୍ତି। ଏହାର ଜଳନ୍ତ ଉଦାହରଣ, ମଠ ଓ ମନ୍ଦିର ପରିଚାଳନା ପାଇଁ ନୀଳଗିରି ଠାକୁରମହଲରେ ଦୀର୍ଘ ୨୭ବର୍ଷ ଧରି କାର୍ଯ୍ୟନିର୍ବାହୀ ଅଧିକାରୀ ପଦରେ ରହିଥିବା ଭରତ ଚନ୍ଦ୍ର ମହାପାତ୍ର କୌଣସି ଆର୍ଥିକ କିମ୍ବା ପରିଚାଳନାଗତ କାରବାରର ହିସାବନଦେବା ଏପରିକି ଅଡିଟକୁ ଏଡାଇଯିବା ଭଳି ଅଭିଯୋଗ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଫାଇଲକୁ ଚପାଇ ଦିଆଯାଇଛି। ରାଜ୍ୟ ଦେବୋତ୍ତର ବିଭାଗ ନୂତନକରି ପରିଚାଳନା କମିଟି ଗଠନକରି ମଠ ମନ୍ଦିରକୁ ସୁବ୍ୟବସ୍ଥିତ କରିବାପାଇଁ ଚେଷ୍ଟାକରିଥିଲେ ମଧ୍ୟ ଏବେବି କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପାଇଁ ପରିଚାଳନାରେ ମହାବିଭ୍ରାଟ ଦେଖାଦେଇଛି। ଯାହାର ନଗ୍ନନମୁନା ରଘୁନାଥଜୀଉ ମଠରରେ ଦେଖାଯାଇଛି। ମଠର କିଛି ପ୍ରଭାବଶାଳୀ ବ୍ୟକ୍ତି କମିଟିର ଅନ୍ୟ ସଦସ୍ୟମାନଙ୍କୁ ଅଗୋଚରରେ ରଖି କୌଣସି ବୈଠକ , ଆଲୋଚନା କିମ୍ବା ବଜେଟରେ ମଠର ଆର୍ଥିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଯାହାକୁ ଘୋର ବିରୋଧ କରିଛନ୍ତି କିଛି କମିଟିସଦସ୍ୟ। ସଦ୍ୟ ମଠର କବାଟକିଣା ସହିତ ରଙ୍ଗ କିଣାଯିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ ହେଉଥିବାବେଳେ କମିଟି ଅଗୋଚରରେ ଏସମସ୍ତ କାର୍ଯ୍ୟହେଉଥିବା ନେଇ ରଘୁନାଥଜୀଉ ମଠର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସ୍ଥାନୀୟ ତହସିଲଦାର ସୋନମ୍ ଦାସଙ୍କ ଠାରେ ଗତ ୨୫ତାରିଖ ସଦସ୍ୟ ଜଗଦୀଶ ମର୍ଦ୍ଦରାଜ, ଦାଶରଥି ରାଉତ, ରାମଚନ୍ଦ୍ର ମହଲ ପ୍ରମୁଖ ଅଭିଯୋଗକରି ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବୈଠକ, ଆଲୋଚନା ମାଧ୍ୟମରେ ମଠର ଉନ୍ନତିକଳ୍ପେ ଖର୍ଚ୍ଚର ଏକ ବଜେଟ ପ୍ରସ୍ତୁତକରିବାକୁ ପରାମର୍ଶ ଦେବାସହିତ ଯେପର୍ଯ୍ୟନ୍ତ ଏହା କରାନଯାଇଛି ସେପର୍ଯ୍ୟନ୍ତ କୌଣସି ବିଲ ପାସ ନକରିବାକୁ ଅଭିଯୋଗଫର୍ଦ୍ଦରେ ଦର୍ଶାଇଛନ୍ତି। ଏଥିସହିତ ଏହାର ନକଲମଧ୍ୟ ଦେବତ୍ତୋର ନିରୀକ୍ଷକ ବାଲେଶ୍ୱର, ଦେବୋତ୍ତର ସହାୟକ କମିଶନର କଟକ ଏବଂ ଓଡ଼ିଶା ଦେବୋତ୍ତର କମିଶନରଙ୍କୁ ଅବଗତ କରିଥିବା ସୂଚନା ମିଳିଛି।

# ସତ୍ୟସାଇ ଇଞ୍ଜିନିୟରିଂ କଲେଜରେ ବାର୍ଷିକ ଉତ୍ସବର ପ୍ରଥମ ଦିବସ



ବାଲେଶ୍ୱର , ୨୮/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ରୋଡ ରେ ସତ୍ୟ ସାଇ ଇଞ୍ଜିନିୟରିଂ କଲେଜରେ ବାର୍ଷିକ ଉତ୍ସବ ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନର ଖଇରା ବିଧାୟକ ପଦ୍ମ ଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲି, ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଜିଲ୍ଲାର ଏକ ସୁନାମ ଧନ୍ୟ ଡକ୍ଟର ଚୌଧୁରୀ , ସତ୍ୟବ୍ରତ ନନ୍ଦ , ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ। ସମ୍ମାନୀୟ ଅତିଥି ଭାବେ ଶ୍ରୀମତୀ କୁନ୍ତଳା କୁମାରୀ ପଣ୍ଡା , ସତ୍ୟ ସାଇ ଇଞ୍ଜିନିୟରିଂ କଲେଜର ଚେୟାର ମେନ୍ ଅନୁମାଧବ ପଣ୍ଡା, ପ୍ରିନ୍ସିପାଲ୍ S S S E ଯତୀନ୍ଦ୍ର କୁମାର ଦାସ ପ୍ରିନ୍ସିପାଲ ୯୯ରଉ ଡକ୍ଟର ପ୍ରଭାସ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମୁକେଶ ମହାଲି ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବ ଉଦଘାଟନ କରିଥିଲେ। ସଭାପତି ପଦ୍ମ ଲୋଚନ ପଣ୍ଡା ପୂର୍ବତନ ବେଣୁ ମାଧବ ପଣ୍ଡାଙ୍କ ଅମର ଆତ୍ମା ସଦ୍ ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପଦ୍ମ ଲୋଚନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ତାଙ୍କର ସୁପୁତ୍ର ସ୍ୱର୍ଗତ ବେଣୁ ମାଧବ ପଣ୍ଡା ଜୀବନୀ ଇତିହାସ ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ଡକ୍ଟର ସତ୍ୟ ବ୍ରତ ନନ୍ଦ ସତ୍ୟ ସାଇ ଇଞ୍ଜିନିୟରିଂ କଲେଜର ସଭାପତି ପଦ୍ମ ଲୋଚନ ପଣ୍ଡା ବାର୍ଷିକ ଉତ୍ସବର ମଞ୍ଚରେ ବସାଇ ଥିବାରୁ ଧନ୍ୟବାଦ୍ ଦେଇଥିଲେ । ତାଙ୍କର ବକ୍ତବ୍ୟ ରେ ଯୁବ ସମାଜ କୁ ନିଜେ ନିଜକୁ ଗଢି ତୋଳିବେ ସେ ଉପଦେଶ ଦେଇଥିଲେ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯୁବ ସମାଜ ଯୁବ ସମାଜ ଶିକ୍ଷା ଲାଭ କରି ଚାକିରି ପାଇଁ ନଚାହିଁ ନିଜେ କିପରି ନିଜକୁ ରୋଜଗାର କ୍ଷମ କରିପାରିବେ , ସମାଜ ର ପ୍ରତିଷ୍ଠିତ ବ୍ୟକ୍ତି ହେବେ ସେଥିପାଇଁ ଧ୍ୟାନ ଦେବା ଆବଶ୍ୟକ। ମାନସ ଦତ୍ତ ଯୁବ ସମାଜ ଭଲ କାମ କରି ସମାଜର ମଙ୍ଗଳ ହେବ ସେଥିପାଇଁ ଧ୍ୟାନ ଦେବା ଉଚିତ୍ ବୋଲି କହିଥିଲେ। ଅନ୍ୟ ସମ୍ମାନୀୟ ଅତିଥି ମାନେ ତାଙ୍କ ବକ୍ତବ୍ୟରେ ପଦ୍ମ ଲୋଚନ ପଣ୍ଡା ଙ୍କ ବାର୍ଷିକ ଉତ୍ସବ କୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଚାଲୁ ରଖିଥିବାରୁ ଧନ୍ୟବାଦ୍ ଦେଇଥିଲେ। ବାର୍ଷିକ ଉତ୍ସବ କୁ କଲେଜ ର ଅର୍ଦ୍ଧେନ୍ଦୁ ଦାସ ସମସ୍ତ ଶିକ୍ଷକ ଓ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ପୁରୁଣିଆ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଦିବସ ପାଳିତ

ବୈଶିଙ୍ଗା , ୨୮/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ସ୍ଥିତ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ବିଜ୍ଞାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଶିଷ୍ଟ ବୈଜ୍ଞାନିକ ସାର୍ ସି.ଭି. ରମଣଙ୍କ ସ୍ମୃତି ଚାରଣ ପୂର୍ବକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଦ୍ୟା ରଞ୍ଜନ ନାୟକ ସଭାପତିତ୍ୱ କରି ବିଜ୍ଞାନର ଉପଯୋଗିତା ଓ ସାମ୍ପ୍ରତିକ ସମାଜରେ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷକ ରାଜେଶ କୁମାର ବେହେରା ସଭା ପରିଚାଳନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନୂତନ ଉଦ୍ଭାବନ ଦିଗରେ ପ୍ରେରଣା ଯୋଗାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଆଧାରିତ ତର୍କ , କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ଦାସ, ଲୁବ୍ନା ଦାସ, କ୍ରୀଡ଼ା ଶିକ୍ଷକ ଦେବବ୍ରତ ମହାପାତ୍ର ଏବଂ ଅଣଶିକ୍ଷକ କର୍ମଚାରୀ ଜଗବନ୍ଧୁ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଣାମ ଭାରତ ପକ୍ଷରୁ ନିଯୁକ୍ତି ମେଳା




ଜଳେଶ୍ୱର, ୨୮/୨ (ନି.ପ୍ର): ଜଳେଶ୍ୱର ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀ କଲେଜରେ ପ୍ରଣାମ ଭାରତ ପକ୍ଷରୁ ନିଯୁକ୍ତି ମେଳା ପ୍ରଣାମ ଭାରତର ସଂଯୋଜକ ପରମାନନ୍ଦ ମହାପାତ୍ରଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଣାମ ଭାରତ ପକ୍ଷରୁ ନିଯୋକ୍ତି ମେଳାକୁ ପ୍ରଣାମ ଭାରତର ସଭାପତି ତ୍ରିଭୁବନ ଦାସଙ୍କ ସଭାପତିତ୍ୱରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ଯୋଗଦେଇ ଉଦ୍ଘାଟନ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱର ଥାନାର ଆଇଆଇସି ଅଶୋକ କୁମାର ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇ.ଏଫ.ବି. ଇଣ୍ଡରଷ୍ଟିଟ ଲିମିଟେଡ କମ୍ପାନୀର ସିନିଅର ଏଚ୍ ଆର ତାପସ କୁମାର ଡିଗର, ଏସିଷ୍ଟାଣ୍ଡ ଏଚ ଆର ଚିତ୍ତରଞ୍ଜନ ଦାସ, ବରିଷ୍ଠ ଅଧିକାରୀ ବିନୋଦ ମହାରଣା, ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜିବି ନୃସିଂହ ପ୍ରସାଦ ଦାସ ମହାପାତ୍ର, ସାମ୍ବାଦିକ ସୁକୁମାର ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଣାମ ଭାରତ ସହଯୋଗରେ ବାଙ୍ଗାଲୋରର ଆଇ.ଏଫ.ବି.ଇଣ୍ଡରଷ୍ଟିଟ ଲିମିଟେଡ କମ୍ପାନୀ ପକ୍ଷର ବାଲେଶ୍ୱର ଜିଲ୍ଲାରୁ ମ୍ୟାଟ୍ରିକ, ଆଇଟିଆଇ ଓ +୨ ଶିକ୍ଷାଗତ ଯୋଗ୍ୟତା ଭିତିରେ ୨ ଶହ ଜଣ ପିଲାଙ୍କୁ ନିଯୁକ୍ତି ଦେବାର ଚୁକ୍ତି କରିଛି। ଚଳିତ ବର୍ଷ ସଙ୍ଗଠନ ପକ୍ଷରୁ ବହୁ ପିଲା ବିଭିନ୍ନ କୋଣ ଅନୁକୋଣରୁ ନିଯୁକ୍ତି ପାଇବେ ବୋଲି କହିଛନ୍ତି ସଂଗଠନର ମୁଖ୍ୟ। ତତସହିତ ସଙ୍ଗଠନ ପ୍ରତିବର୍ଷ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ ଉତ୍ତର ବାଲେଶ୍ୱରରୁ ୨ହଜାର ପିଲାଙ୍କୁ ନିଯୁକ୍ତି ଦେବା ଏବଂ ବିକଶିତ ଓଡିଶା ଓ ବିକଶିତ ଭାରତ କାର୍ଯ୍ୟକ୍ରମରେ ଭାଗ ନେଇ ବାଲେଶ୍ୱର ଜିଲ୍ଲା କୁ ସର୍ବାଗ୍ରେ କରିବାର ଲକ୍ଷ୍ୟ ରଖିଛି ସଙ୍ଗଠନ। ଜଳେଶ୍ୱର ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀ କଲେଜର ଡାଇରେକ୍ଟର ଡ.ପ୍ରତାପ ଚନ୍ଦ୍ର ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବମୋଟ ୧ ଶହରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଉକ୍ତ ଶିବିରରେ ଯୋଗ ଦେଇ ଥିବା ବେଳେ ୬୦ ଜଣ କୁ ଚାକିରି ର ନିଯୁକ୍ତି ପତ୍ର ପ୍ରଦାନ କରାଯାଇ ଥିଲା।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ




ବୈଶିଙ୍ଗା , ୨୮/୨ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଂଚାୟତ ଅଧୀନ ରାଇକମା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଘୁନାଥ ଉଚ୍ଚ ବିଦ୍ୟାଳୟ ରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଗଡ଼ଦେଉଳିଆ ଶାଖା ପରିଚାଳକ ଶ୍ରୀ ବିବେକାନନ୍ଦ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସାର ସିଭି ରମଣ ଓ ଅବଦୁଲ କଲମ ଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀ ନଳିନ କୁମାର ଚୌଧୁରୀ ମୁଖ୍ୟ ବକ୍ତା, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡା ର ପ୍ରଧାନ ଶିକ୍ଷକ ଶ୍ରୀ ସୁଧାଂଶୁ କୁମାର ସେଠୀ ସ୍ୱତନ୍ତ୍ର ଅତିଥି, ଅନ୍ୟତମ ପୂର୍ବତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଜଗନ୍ନାଥ ସାହୁ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର, ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଓ ବଂଶୀଧର ଗିରି ସନମାନନୀୟ ଅତିଥି ଭାବରେ ଯୋଗ ଦେଇ ବିଜ୍ଞାନ ଭିତ୍ତିକ ସାର ଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ଦୈନନ୍ଦିନ ଜୀବନରେ ବୈଜ୍ଞାନିକ ଚିନ୍ତାଧାରାର ପ୍ରୟୋଗ ଏବଂ ବିଜ୍ଞାନ ଓ ନାରୀ ର ସମନ୍ୱୟରେ ଏକ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇ ପାରିବ ବୋଲି ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ । ବିଜ୍ଞାନ ଓ ନାରୀ ଶକ୍ତି ଏକାତ୍ମ ହେଲେ ଏକ ବିକଶିତ ଭାରତ ସମ୍ଭବ ବୋଲି ମଂଚାସୀନ ଅତିଥି ଗଣ ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷର ବିଷୟ ବସ୍ତୁ ' ବିଜ୍ଞାନରେ ନାରୀ : ବିକଶିତ ଭାରତର ଉତପ୍ରେରକ ' ବିଷୟ ବସ୍ତୁ ଉପରେ ଏକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଏହି ବିଷୟରେ କୁଇଜ, ଚିତାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ । ବରିଷ୍ଠ ଶିକ୍ଷକ ରାଜକିଶୋରେ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମକୁ ବିଦ୍ୟାଳୟ ର ଶିକ୍ଷକ ହରେକୃଷ୍ଣ ମହାନ୍ତ ଓ ଶୁଭବନ୍ତ ନାୟକ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଲାଚୋରି ଗୁଜବକୁ ନେଇ ସଚେତନତା ରାଲି

ବଡ଼ସାହି , ୨୮/୨ (ନି.ପ୍ର): ପିଲା ଚୋରି ଗୁଜବ ନେଇ ଆଜି ଏକ ସଚେତନତା ରାଲି ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ କୁଆମରା ଓ ପୁରୁଣା ବାରିପଦା ଠାରେ ପୃଥକ ଭାବେ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ନଗର ପ୍ରେସ କ୍ଲବ ଓ କୁଆମରା ଫାଣ୍ଡି ପୋଲିସ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ସଚେତନତା ରାଲି ରେ କୁଆମରା ସାରସ୍ୱତ ଡିଗ୍ରୀ କଲେଜ ଓ କୁଆମରା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ କଲେଜ ପରିସରରୁ ବାହାରି ଭୋଲ ପୋଖରୀ ଓ କୁଆମରା ବଜାର ପରିକ୍ରମା କରି ସ୍ଲୋଗାନ ସହ ସଚେତନତା କରାଇଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ମଧୁସ୍ମିତା ପାତ୍ର ଓ ମଧୁସ୍ମିତା ମଦୁଆଳ ,ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସୁବଳ ଦାସ,ଅଧାପକ ପ୍ରଭାତ କୁମାର ସେନାପତି, ଛତିସ ଦାସ,ବିଶ୍ୱନାଥ ବେହେରା, ପ୍ରଦୀପ ପଣ୍ଡା, ଗୋପୀନାଥ ପଣ୍ଡା ପ୍ରମୁଖ ଯୋଗ ଦେଇ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଅଧାପକ ଉମାକାନ୍ତ ବେହେରା ଗଣେଶ୍ୱର ସେଠୀ,ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗିରଥି ବାରିକ,ଶିକ୍ଷୟତ୍ରୀ ବିନତୀ ମାଇତି, ସବିତା ମଞ୍ଜରୀ ସ୍ୱାଇଁ, ଅଲିଭା ମହାନ୍ତ,ଶାନ୍ତିଲତା ପଣ୍ଡା ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପୁରୁଣା ବାରିପଦା ବଜାର ପରିକ୍ରମା କରାଇବା ସହ ସାଧାରଣ ଲୋକଙ୍କୁ ସଚେତନତା କରାଇଥିଲେ। ଉଭୟ ଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମକୁ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି , ମହେଶ୍ୱର ବେହେରା, ପ୍ରେସ କ୍ଲବ ର ସଭାପତି ନିମାଇଁ ପ୍ରସାଦ ଦାସ, ଉପସଭାପତି ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ କୁମାର ମଡୁଆଳ, ଦୀପକ କୁମାର ଚୌଧୁରୀ, ଯୋଗେଶ୍ୱର ସାହୁ, ସମାଜସେବୀ ଗିରିଜା ଶଙ୍କର ବେହେରା, ବିକାଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଯଜ୍ଞ ହିଁ ...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ଭଗବାନ ସତ୍ୟସାଇ ବାବାଙ୍କ ମତରେ, ମଣଷର ଭାବନା, ବଚନ ଓ କର୍ମ ଭିତରେ ଯଦି ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରାଯାଇପାରିଲା ସେଠାରେ ହିଁ ଅଗ୍ନିର ଉଜ୍ଜଳତା ପ୍ରକଟିତ ହୋଇଥାଏ, ତାହା ହିଁ ତପସ୍ୟା ।

ଶାସ୍ତ୍ର ଉପନିଷଦରେ ଉଲ୍ଲେଖ ରହିଛି ଯଜ୍ଞ ଏପରି ଏକ ସାଧନ, ତାହା ହେଉଛି 'ପ୍ରତ୍ୟୁଷରୁ ନିଦ୍ରାତ୍ୟାଗ ବେଳଠାରୁ ରାତ୍ରିରେ ଶଯ୍ୟାକୁ ଯିବା ପର୍ଯ୍ୟନ୍ତ କରାଯାଉଥିବା ପ୍ରତ୍ୟେକଟି କର୍ମକୁ ଯଦି ନୀତି ଓ ନିୟମାନୁସାରେ କରାଯାଏ, ତେବେ ତାହାକୁ ମଧ୍ୟ ଏକ ଯଜ୍ଞ କୁହାଯାଇପାରିବ । ପରିଶେଷରେ ଯେଉଁ ଯଜ୍ଞ (କର୍ମ) ନିଃସ୍ୱାର୍ଥଭାବ ସହ ଲୋକ କଲ୍ୟାଣ ଉଦ୍ଦେଶ୍ୟରେ କରାଯାଏ, ଯେଉଁଥିରେ ସଂସାରର ଶାନ୍ତି ଓ ସମୃଦ୍ଧି ନିହିତ ଥାଏ ତାହା କେବଳ ଭଗବାନଙ୍କ ଦ୍ୱାରା ଗୃହିତ ହୋଇଥାଏ । କାରଣ ସେ ହିଁ ଯଜ୍ଞ । ଯଜ୍ଞଭୂତ ଓ ସେହି ଯଜ୍ଞକୃତ । ସେ ସବୁକିଛି, ସେ ସବୁ କିଛି ବୋଲି ସଚେତନ ଥାଇ ଯାହାସବୁ କରାଯାଏ ତାହା ଯଜ୍ଞ ପାଲଟିଯାଏ । ମହାଭାରତ ଯୁଦ୍ଧ ଏହି ସଚେତନତାର ସହ ହୋଇଥିଲା ତାହା ଏକ ଯଜ୍ଞରେ ପରିଣତ ହୋଇଗଲା ।

ଅଥଚ ଦକ୍ଷ ଯଜ୍ଞରେ ଇଶ୍ୱରକୁ ଯଥାଯୋଗ୍ୟ ସମ୍ମାନ ଦିଆଯିବାରୁ ଯଜ୍ଞଟା ଯୁଦ୍ଧରେ ପରିଣତ ହୋଇଗଲା । ବଡ଼ ଖୁସିର କଥା ନିକଟରେ ବିଶ୍ୱ ଶାନ୍ତି ମହାଯଜ୍ଞ ଓ ନବମତମ ଚବିଶ ପ୍ରହର ନାମଯଜ୍ଞ ଜଗତସିଂହପୁର ଜିଲ୍ଲା ଥାଇଲୋ ଗ୍ରାମର ଆରାଧ୍ୟ ଦେବତା ଚମ୍ପେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞ ଜଗତସିଂହପୁର ବାଲିକୁଦା ଅଞ୍ଚଳରେ ପ୍ରଥମଥର ଭାବେ ଆୟୋଜିତ ହେବାସହ ସ୍ଥାନୀୟ ଥାଇଲୋ, ଅଲିକଣ୍ଟା, କୋରଣିଆ, ଟୁଟୁଣା ଗ୍ରାମର ଶ୍ରଦ୍ଧାଳୁ ମାନଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହେଉଛି। ଏଥିରେ ପଇଁତିରିଶଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଉଛନ୍ତି। ସୂଚନାଥାଉକି ଧର୍ମପ୍ରାଣ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା। ଛଅ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଯଜ୍ଞ କାର୍ଯ୍ୟରେ ଅଙ୍କୁରାରୋପଣ, କଳସ ଯାତ୍ରା, ମହାଦୀପ ଉତ୍ଥାପନ, ଶୁଭାଧିବାସ, ପୂର୍ଣ୍ଣାହୂତି, ଅହରାତ୍ର ମହାମନ୍ତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ଯୁବନେତା ଓ ବିଜେପି ବିଧାୟକ ପ୍ରାର୍ଥୀ ବାଲିକୁଦା ଏରସମା ସତ୍ୟସାରଥି ମହାନ୍ତି ମୁଖ୍ୟ ଅତିଥି ଓ ନାରୀନେତ୍ରୀ ରାଜଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆୟୋଜକ କମିଟି ଓ ଗ୍ରାମବାସୀ ବୃନ୍ଦ ପରିଚାଳନା କରୁଛନ୍ତି। ଏହି ଅବସରରେ ବିଭିନ୍ନ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପ୍ରତି ଶ୍ରଦ୍ଧା ଓ ଆଗ୍ରହ, ଏହି ମନୋବୃତ୍ତି ଯଦି ଆମର ପ୍ରତ୍ୟେକ କର୍ମକୁ ଆର୍ଦ୍ର କରି ରଖନ୍ତା, ଜୀବନ ପବିତ୍ର ହୋଇଯାଆନ୍ତା । ଜୀବନଯାପନ ପଦ୍ଧତିକୁ ଗୋଟିଏ ଯଜ୍ଞ ବୋଲାଯାଇ ପାରନ୍ତା । 'ଅସ୍ମାତ୍ ଭବନ୍ତିଂ ଭୂତାନି ପର୍ଜନ୍ୟାତ ଅନ୍ନ ସଂଭବଃ, ଯଜ୍ଞାତ୍ ଭବନ୍ତି ପର୍ଜନ୍ୟଃ ଯଜ୍ଞଃ କର୍ମ ସମୁଭବଃ' ।

❤ ଥାଇଲୋ, ଜଗତସିଂହପୁର,
ମୋ: ୭୦୦୮୪୩୮୯୫୯

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜନଗର ଚାଷୀ ...

ଏହା ଭିତରେ ଗ୍ରାଉଣ୍ଡଜିରୋରେ ସ୍ଥିତି ପରଖିଛି କନକ ନ୍ୟୁଜ୍ । ମଣ୍ଡି ଅବ୍ୟବସ୍ଥାକୁ ନେଇ ତୟିତୋଫାନ ଚାଲିଥିଲେ ବି ସ୍ଥିତିରେ ସୁଧାର ଆସିନି । ରାଜନଗରର ମିଲରେ ଲାଗିଛି ଧାନ ବସ୍ତା ଲଦା ହୋଇଥିବା ଗାଡ଼ିର ଲମ୍ବା ଲାଇନ୍ । ତ୍ରିଲୋଚନଙ୍କ ଭଳି ଧାନ ବିକିବାକୁ ଆସି ପେଶି ହେଉଛନ୍ତି । ମଣ୍ଡିରୁ ଧାନ ନଉଠିବାରୁ ମାଥିଲିରେ ଆନ୍ଦୋଳନକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି । ମାଲକାନଗିରି ମୁଖ୍ୟ ରାସ୍ତା ୩୨୬ ନମ୍ବର ଜାତୀୟ ରାଜପଥରେ ଧାନ ବସ୍ତା ରଖି ବିକ୍ଷୋଭ କରିଛନ୍ତି । ତ୍ରିଲୋଚନଙ୍କ ପୁଅ ତାଙ୍କ ବାପାଙ୍କ ମୃତ୍ୟୁ ପାଇଁ ଦାୟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଲିଖିତ ଅଭିଯୋଗ କରିଛନ୍ତି । ମଣ୍ଡି ଯନ୍ତ୍ରଣା ସହିନପାରି ତ୍ରିଲୋଚନଙ୍କ ହୃଦଘାତରେ ଜୀବନ ଯାଇଛି ବୋଲି ପ୍ରଥମରୁ କହି ଆସୁଛନ୍ତି ତାଙ୍କ ପରିବାର ।

### ରାଜ୍ୟସଭା ପ୍ରାର୍ଥୀ...

ନୂଆ ସମୀକରଣ ଆଡକୁ ଇଙ୍ଗିତ କରିଛି । ପୁଣି ସରପ୍ରାଇଜ ଦେଲେ ବିଜେଡି ସୁପ୍ରିମୋ । ରାଜ୍ୟସଭା ନିର୍ବାଚନକୁ ନେଇ ପ୍ରଥମ ଦଳ ଭାବେ ନିଜ କାର୍ଡ ଖୋଲିଛି ବିଜେଡି । ସନ୍ତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଥିବା ବେଳେ ପ୍ରତିଷ୍ଠିତ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କମନ କ୍ୟାଣ୍ଡିଡେଟ ଭାବେ ଚତୁର୍ଥ ପ୍ରାର୍ଥୀ ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ । ସଂଖ୍ୟା ନଥାଇ ମଧ୍ୟ ଚତୁର୍ଥ ଆସନ ପାଇଁ ଲମ୍ଫ ଦେଇ ସବୁ ଦଳର ସମର୍ଥନ ଚାହିଁଛନ୍ତି ନବୀନ । ପ୍ରାର୍ଥୀ ଘୋଷଣା ପରେ ସନ୍ତୃପ୍ତ ଓ ଦତ୍ତେଶ୍ୱର କହିଛନ୍ତି, ଓଡ଼ିଶାର ସ୍ୱର ଦିଲ୍ଲୀରେ ଉଠାଇବୁ । ନବୀନଙ୍କ ରାଜ୍ୟସଭା ପ୍ରାର୍ଥୀ ଘୋଷଣା ସହ ଓଡ଼ିଶା ରାଜନୀତି କଡ଼ ଲେଉଟାଇଛି । ଦିନେ ଶତ୍ରୁ ହୋଇ ଲଢୁଥିବା କଂଗ୍ରେସକୁ ସାଥୀ କରି ରାଜ୍ୟସଭା ଆସନ ହାତେଇବା ପାଇଁ ଗୋଟି ଚଳାଇଛନ୍ତି ନବୀନ । ନାଁ ଘୋଷଣା ପୂର୍ବରୁ ଅତି ଗୁପ୍ତ ଢଙ୍ଗରେ ନବୀନ ନିବାସରେ ବିଜେଡି ଓ କଂଗ୍ରେସ ମୁଖିଆଙ୍କ ମଧ୍ୟରେ ହୋଇଥିଲା ରାଜ୍ୟସଭା ଡିଲ୍ । ଗତ ସୋମବାର ବହୁ ସମୟ ଧରି ଆଲୋଚନା ପରେ ଦତ୍ତେଶ୍ୱରଙ୍କ ନାଁରେ ସହମତି ହୋଇଥିବା ନେଇ ନିଜେ ମାନିଛନ୍ତି ଭକ୍ତ । ସମଦୂରତ୍ୱ କଥା କହୁଥିବା ନବୀନଙ୍କ ନୂଆ ଆଭିମୁଖ୍ୟ ଭିନ୍ନ ବାର୍ତ୍ତା ଦେଇଛି । ଆଗକୁ ବିଜେପିକୁ ରୋକିବାକୁ କଂଗ୍ରେସର ହାତ ଧରିବେନି ତ ନବୀନ ? ସେହିପରି ସବୁବେଳେ ବିଜେପିକୁ ଅଯାଚିତ ଓ ହୃଦୟଖୋଲା ସମର୍ଥନ ଦେଉଥିବା ନବୀନ ଏବେ ସମର୍ଥନ ମାଗିଛନ୍ତି । ଏବେ ନବୀନଙ୍କର ପାଉଣା ଶୁଝାଇବ ନା ପ୍ରତିଦ୍ୱନ୍ଦ୍ୱୀ ସାଜି ମଇଦାନକୁ ଓହ୍ଲାଇବ ବିଜେପି ? ତାହା ଦେଖିବା ବାକି ରହିଲା ।

### ୨୦ ମାସରେ ୧୦୯ଟି ...

ସେ ଆହୁରି କହିଥିଲେ ଯେ 'ସୁଭଦ୍ରା' ଯୋଜନାରେ ଏକ କୋଟିରୁ ଅଧିକ ମହିଳା ଆର୍ଥିକ ସ୍ୱାଧୀନତା ହାସଲ କରିଥିବା ବେଳେ ପ୍ରାୟ ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଫଳରେ ଚାଷୀମାନଙ୍କର ଭରସା ବଢ଼ିଛି। ୨୦୨୪-୨୫ ମସିହାରେ ରେକର୍ଡ ୯୨.୬୩ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଥିବା ବେଳେ ୨୮,୭୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ୪୫ ହଜାର ଶିଶୁବାଟିକା ଖୋଲାଯାଇଥିବା ବେଳେ ୨୦ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ କରାଯାଇଛି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ବ୍ୟୟରେ ୨୨୦୦ଟି ବିଦ୍ୟାଳୟ ସ୍ଥାପନ କରାଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୦୨୬-୨୭ ବର୍ଷ ପାଇଁ ୨୩ ହଜାର ୧୮୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୧.୦୩ କୋଟି ପରିବାରର ୩.୪୭ କୋଟି ଲୋକ ଉପକୃତ ହେଉଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ରାଜ୍ୟର ସମସ୍ତ ଗ୍ରାମକୁ ୨୦୨୭ ମାର୍ଚ୍ଚ ସୁଦ୍ଧା ପାଇପ ପାଣି ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜିଅନର ଅର୍ଥନୀତିକୁ ୨୦୪୭ ସୁଦ୍ଧା ୫୦୦ ବିଲିଅନ ଡଲାର କରିବା ପାଇଁ ଲକ୍ଷ୍ୟ ରହିଛି। ସାଂସ୍କୃତିକ କ୍ଷେତ୍ରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ କର୍ପସ ପାଣ୍ଠି ଗଠନ, ଐତିହ୍ୟ ଗ୍ରାମ ସୁରକ୍ଷା ଓ ବାଲିଯାତ୍ରାକୁ ବିଶ୍ୱସ୍ତରରେ ପ୍ରଚାର କରାଯାଉଛି। ୪୮ ବର୍ଷ ପରେ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ।

### ବିଜେଡିରୁ ବହିଷ୍କୃତ...

ଦଳର ଫଣ୍ଡ ହଡ଼ପ ହୋଇଯିବ, ଏହା ଏକପାଖିଆ ନିଷ୍ପତ୍ତି । ଏହାସହ ଏହି ପ୍ରସଙ୍ଗରେ ନବୀନଙ୍କୁ ଚିଠି ଲେଖିବି । ଆଲୋଚନା ନକଲେ ଦଳରୁ ଓହରିଯିବି ବୋଲି କହିଥିଲେ ପ୍ରଭାତ ବିଶ୍ୱାଳ । ଅନ୍ୟପଟେ ପ୍ରମିଳା ମଲ୍ଲିକ କହିଥିଲେ, ସବୁ ଦଳକୁ ସମର୍ଥନ ମାଗିଛୁ । ସମର୍ଥନ ମିଳିବ ବୋଲି ଆଶାବାଦୀ ଅଛୁ । ଦଳ ଭିତରେ ଅସନ୍ତୋଷ ନାହିଁ। ସମସ୍ତେ ଏକାଠି ହୋଇ ଭୋଟ ଦେବେ । ସେପଟେ ପ୍ରଭାତ ବିଶ୍ୱାଳଙ୍କୁ ସିଧା ଟାର୍ଗେଟ୍ କରିଥିଲେ ଦେବାଶିଷ ସାମନ୍ତରାୟ । ପ୍ରଭାତ ବିଶ୍ୱାଳ କିଏ... ସେ କେଉଁଠୁ ଆସିଥିଲେ... ଦିନେ ସେ ନବୀନ ପଟ୍ଟନାୟକଙ୍କ ଗାଡ଼ି ଦେଇଥିଲେ ବୋଲି କହିଛନ୍ତି ଦେବାଶିଷ ସାମନ୍ତରାୟ । ଏହାସହ ବିଜେଡିର ପ୍ରାର୍ଥୀ ସସପେନ୍ସ ଉପରୁ ହଟିଛି ପରଦା । ଦତ୍ତେଶ୍ୱରଙ୍କୁ ସମର୍ଥନ କରିବାକୁ ସବୁ ଦଳକୁ ଅପିଲ କରିଛନ୍ତି ନବୀନ । ଗତ କିଛି ଦିନ ହେଲାଣି ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ଆକ୍ସନ ମୋଡ୍‌ରେ ଦେଖିବାକୁ ମିଳିଛି । ଏହାପୂର୍ବରୁ ବି ଦଳରେ ବିଶୃଙ୍ଖଳା ଆଚରଣ ଯୋଗୁଁ ଅରବିନ୍ଦ ମହାପାତ୍ର ଓ ସନା ମହାକୁଡ଼ଙ୍କୁ ଦଳ ବାହାରକୁ ରାସ୍ତା ଦେଖାଇ ଦେଇଥିଲେ ବିଜେଡି ସୁପ୍ରିମୋ ।

### ବାଣ କାରଖାନାରେ ବିସ୍ଫୋରଣ:...

ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ। ଏହା ଏକ ହୃଦୟବିଦାରକ ଘଟଣା ବୋଲି ସେ କହିଛନ୍ତି। ଏହି ଘଟଣା ତାଙ୍କୁ ସ୍ତବ୍ଧ କରିବା ସହିତ ଗଭୀର ଦୁଃଖ ଦେଇଥିବା ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟନଗରମ ଗସ୍ତରେ ଥିବା ବେଳେ ଏହି ଖବର ଶୁଣିଥିଲେ ଓ ତତ୍‌କ୍ଷଣାତ୍ ଅଧିକାରୀମାନଙ୍କ ସହି ଏହା ସଂପର୍କରେ ଆଲୋଚନା କରିଥିଲେ। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଓ ଆହତମାନଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ବ୍ୟବସ୍ଥା କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ପାରାଦୀପରେ ପୁଣି ...

ରକ୍ତସ୍ରାବ ଯୋଗୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଇଥିଲା। ପାରାଦୀପ ଆଦର୍ଶ ଥାନା ପୁଲିସ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ଛାନଭିନ୍ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ଡାକ୍ତରଖାନାକୁ ପଠାଇଥିଲେ। ପୀଡ଼ିତା ଯୁକ୍ତ ୩ରେ ପଢୁଥିବା ବେଳେ ତାଙ୍କ ଘର ତିର୍ତ୍ତୋଲ ଥାନା କୋଳର ଅଞ୍ଚଳରେ ବୋଲି ଜଣାପଡ଼ିଛି। ପୁଲିସ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ଜଣେ ବିହାରୀ ଯୁବକଙ୍କୁ ଗିରଫ କରିଛି। ସେହି ରୁମରେ ଥିବା ଉତ୍ତରପ୍ରଦେଶର ଜଣେ ଯୁବକ ଏବଂ ଜଣେ ଓଡ଼ିଆ ଯୁବକଙ୍କୁ ମଧ୍ୟ ପଚାରଉଚୁରା କରିଛି।

### ସମଲେଶ୍ୱରୀଙ୍କ ଦର୍ଶନ ...

ଓଡ଼ିଶା ଗସ୍ତରେ ଥିବା ମହାନଦୀ ଟ୍ରିବ୍ୟୁନାଲଙ୍କୁ ଜାରି ରହିଛି ବିରୋଧ । କଟକରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବିରୋଧ କରାଯାଇଥିବାବେଳେ ସମ୍ବଲପୁରରେ ଚାଷୀ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ବିଳାସମୟ ଗସ୍ତକୁ ବିରୋଧ କରି କଟକରେ ଦୁଇ ଘଣ୍ଟିଆ ଧାରଣା ଦିଆଯାଇଥିଲା । କଟକ ନଗର କଂଗ୍ରେସ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇ ମହାନଦୀକୁ ବଞ୍ଚାଇବା ପାଇଁ ଆହ୍ୱାନ ଦେଇଛନ୍ତି ।

୦୧ ମାର୍ଚ୍ଚ ୨୦୨୬, ରବିବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ୨୦୦୨ ଏବଂ ୨୦୨୫ ଭୋଟର ତାଲିକାର ଏସଆଇଆର ମ୍ୟାପିଂ

ଖୋର୍ଦ୍ଧା, ୨୮/୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟର ତାଲିକାର ଏସ ଆଇ ଆର ମ୍ୟାପିଙ୍ଗ ଅନୁଷ୍ଠିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ୨୦୦୨ ଏବଂ ୨୦୨୫ ଭୋଟର ତାଲିକାକୁ ଅନୁଧ୍ୟାନ କରାଯାଇ ଜିଲ୍ଲାର ପ୍ରତ୍ୟେକ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ, ଚୁକ୍ତି ଭିତ୍ତିକ କର୍ମଚାରୀ, ବାହ୍ୟ ଅନୁବନ୍ଧକ କର୍ମଚାରୀ ମାନଙ୍କ ଭୋଟର ତାଲିକାରେ ନାମ, ପିତାଙ୍କ ନାମ, ପ୍ର ପିତାଙ୍କ ନାମ ସ୍ୱତନ୍ତ୍ର ଭାବେ ସ୍ୱଚ୍ଛତା ଦିଗରେ ପୁନଃ ନିରୀକ୍ଷଣ କରାଯାଇଥିଲା । ଏହି କାର୍ଯ୍ୟରେ ଉପଜିଲ୍ଲାପାଳ, ଖୋର୍ଦ୍ଧା ଙ୍କ କାର୍ଯ୍ୟାଳୟର ଚାରି ଜଣ ବୁଥ ସ୍ତରୀୟ ଅଧିକାରୀ ପ୍ରତ୍ୟେକ କର୍ମଚାରୀ ମାନଙ୍କ ନିର୍ବାଚନ ମଣ୍ଡଳୀ, ନାମ, ପିତାଙ୍କ ନାମ, ଭାଗ ନମ୍ବର, ବୁଥ ନମ୍ବର ଇତ୍ୟାଦି ଗଭୀର ଭାବେ ନିରୀକ୍ଷଣ କରିବା ପଦ୍ଧତି ଉପରେ ବିସ୍ତୃତ ପାୱାର ପଏଣ୍ଟ ଉପକରଣର ବୁଝାଇଥିଲେ । ଭୋଟର ତାଲିକାକୁ ଶୁଦ୍ଧ, ସ୍ୱଚ୍ଛ ଓ ଏବଂ ନିର୍ଭୁଲ କରିବା ପାଇଁ ନିର୍ବାଚନ କମିଶନ ଏଭଳି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ବୋଲି ଅଧ୍ୟକ୍ଷ ଶ୍ରୀ ବେଉରା ପ୍ରକାଶ କରିଥିଲେ । ଡେପୁଟୀ କଲେକ୍ଟର, ନିର୍ବାଚନ ଶ୍ରୀ ସଂଗ୍ରାମ ଜେନାଙ୍କ ପରିଚାଳନାରେ ଆଜିର ଏହି ସ୍ୱତନ୍ତ୍ର ଭୋଟର ତାଲିକା ବିଶେଷ ନିବିଡ଼ ପୁନଃ ନିରୀକ୍ଷଣ ମାନଚିତ୍ର (ଏସ ଆଇ ଆର ମ୍ୟାପୀଙ୍ଗ) କାର୍ଯ୍ୟ କ୍ରମରେ ଡେପୁଟି କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, କାର୍ଯ୍ୟ କ୍ରମ ଅଧିକାରୀ ସୌଦାମିନୀ ଦାଶ, ଡେପୁଟୀ କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମସ୍ତ ଡେପୁଟୀ କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ଜିଲ୍ଲା ପରିଷଦ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଯୋଗଦେଇଥିଲେ ।

# ଗୀତଗୋବିନ୍ଦ ସଦନରେ ମନୋଜ ଦାସ ଜୟନ୍ତୀ ପାଳିତ

## ମନୋଜଙ୍କ ପ୍ରତିଟି ରଚନାରେ ଅଦମ୍ୟ ପରିପକ୍ୱତା : ଆଦିକନ୍ଦ

## ମନୋଜ ଦାସ ପ୍ରେମ ସହ ମୃତ୍ୟୁକୁ ମଧ୍ୟ ଯୋଡ଼ିଥାନ୍ତି : ଯଶୋଧାରା




ଭୁବନେଶ୍ୱର, ୨୮/୨ (ନି.ପ୍ର): ମନୋଜ ଦାସଙ୍କ ଭାଷାରେ, ଭାବରେ, ଚରିତ୍ର ଚିତ୍ରଣରେ ଉତ୍ତୁଙ୍ଗ ପରିପକ୍ୱତା ପରିଲକ୍ଷିତ ହୁଏ। ନିସର୍ଗ ଭାବରେ ମଣିଷକୁ ସ୍ୱାଗତ କରିବା, ମଣିଷର ଅସହାୟତାକୁ, ବିଷାଦକୁ, ଶୋକକୁ ଉପସ୍ଥାପନ କରିବାରେ ସେ ଓସ୍ତାଦ୍ ଥିଲେ। ମନୋଜ ଦାସ ଜଣେ ବିରଳ ଶିଳ୍ପୀ। ଯିଏ ବିଷାଦର ଚମତ୍କାର ଚିତ୍ରଣ କରିଛନ୍ତି। କଷ୍ଟକର ଜୀବନକୁ ସହଜ ସୁନ୍ଦର୍ ଭାବରେ ବର୍ଣ୍ଣନା କରିବାରେ ମନୋଜ ଦାସ ଜଣେ ସିଦ୍ଧ ଶିଳ୍ପୀ ବୋଲି ସୁଖ୍ୟାତ ସମାଲୋଚକ ଓ କଥାକାର ଡ଼ ଆଦିକନ୍ଦ ସାହୁ କହିଛନ୍ତି। ମନୋଜ ଦାସ ସ୍ମୃତି ସଂସଦ ଓ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ଉଦ୍ୟମରେ ଗୀତଗୋବିନ୍ଦ ସଦନରେ ମନୋଜ ଦାସ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡ଼ ଆଦିକନ୍ଦ ସାହୁ କହିଥିଲେ, ମନୋଜ ଦାସଙ୍କ ପ୍ରତିଟି ରଚନାରେ ଅଦମ୍ୟ ପରିପକ୍ୱତା ରହିଛି। ସମକାଳୀନ କୌଣସି ଗାଳ୍ପିକ ସେ ଜାଗାକୁ ପହଂଚି ପାରିବା ଭଳି ଅନୁଭୂତ ହୁଏନି। ମଣିଷ ଜୀବନରେ ଗରଳ ଆଉ ଗୋଟେ ମଣିଷ ଭରି ଦିଏ। ବାଘ, ଭାଲୁ ନୁହଁ ବୋଲି ତାଙ୍କ ଲେଖାରେ ସ୍ଥାନ ପାଇଛି। ଭାବନିଷ୍ଠତା ମନୋଜ ଗଳ୍ପରେ ବାନ୍ଧି ହୋଇ ରହିଛି। ମଣିଷର ଦୁଃଖ ଜର୍ଜରିତ କାହାଣୀକୁ ସ୍ଥାନ ଦେବାରେ ସେ ଓସ୍ତାଦ ଥିଲେ। ତାଙ୍କ ଲେଖା ଆତ୍ମାକୁ ଶୋକ ଜର୍ଜରିତ କରୁଥିଲା। ବିଷାଦ ଆସେ ଅସହାୟତାରୁ। ନାରୀ ହେଉ କି ପୁରୁଷ ହେଉ, ରାଜା ହେଉ କି ପ୍ରଜା ହେଉ ସମସ୍ତେ ମନୋଜଙ୍କ ଲେଖାରେ ସ୍ଥାନ ପାଇଥାନ୍ତି। ଭଲ ଲେଖା ହେଉଛି, ବିଷାଦ ଜର୍ଜରିତ କାହାଣୀକୁ ସ୍ଥାନ ଦେବା। ଜଣେ ନିର୍ବାସିତ ରାଜପୁତ୍ର ହେବା କଠିନ। ମନୋଜ ସାହିତ୍ୟରେ ବାର୍ତ୍ତା ଥାଏ, ମଣିଷ ଜୀବନ ସୁନ୍ଦର। କିନ୍ତୁ ଏହାକୁ ଜିଇଁବା କଷ୍ଟକର। ସେ ବାମପନ୍ଥୀ ଥିଲେ କି ଦକ୍ଷିଣପନ୍ଥୀ ତାହା କହୁନି, କିନ୍ତୁ ସେ ସିଦ୍ଧ ଶିଳ୍ପୀ ଥିଲେ। ଗୋପୀନାଥ ମହାନ୍ତି ଓ ମନୋଜ ଦାସଙ୍କ ଭଳି ଉଚ୍ଚକୋଟୀର ଲେଖା ଅନ୍ୟ କାହାର ହୋଇ ପାରିବନି। ତେବେ ତରୁଣମାନେ ରୁଚିହୀନ କଥା ଲେଖୁଛନ୍ତି। ଯାହା କ୍ଷମଣୀୟ ନୁହେଁ ବୋଲି ଡ଼ ସାହୁ କହିଥିଲେ। ମୁଖ୍ୟ ବକ୍ତା ବିଶିଷ୍ଟ କଥାକାର ଯଶୋଧାରା ମିଶ୍ର କହିଥିଲେ, ସାଧାରଣ ଲୋକଙ୍କ ପ୍ରଣତି ପରି ମନୋଜ ଦାସଙ୍କ ଲେଖାରେ ଦେଖିବାକୁ ମିଳେନି। ସେ ପ୍ରେମ ସହ ମୃତ୍ୟୁକୁ ମଧ ଯୋଡିଥାନ୍ତି। ପ୍ରେମର ପରିଣତି ସହ ମୃତ୍ୟୁର ପାଖାପାଖିକୁ ଏକାଠି କରିଥାନ୍ତି। ତାଙ୍କ ଲେଖାରେ କେବଳ ମଣିଷ ପ୍ରେମ ନୁହଁ, ପ୍ରକୃତି ଓ ପଶୁ ପକ୍ଷୀଙ୍କ ସହ ବି ପ୍ରେମ ନେଇ ବର୍ଣ୍ଣନା କରିଥାନ୍ତି। ଖୁବ ପୁରୁଣା ଘର ପ୍ରତି ତାଙ୍କର ଆକର୍ଷଣ ଥିଲା। 'ନିଜାମପୁରର ସନ୍ଧ୍ୟା'ରେ ସୁନ୍ଦର ଭାବେ ବର୍ଣ୍ଣନା ହୋଇଛି। ତାଙ୍କର କୌଣସି ଲେଖାରେ ପ୍ରେମିକ, ପ୍ରେମିକା ମିଳନ ହୋଇନଥାଏ। ମନୋଜ ଦାସଙ୍କ ଗଳ୍ପର କାହାଣୀ ହିଁ ପାଠକଙ୍କୁ ଶେଷଯାଏ ବାନ୍ଧି ରଖେ। ତାଙ୍କର ଶୈଳୀରେ କୌଣସି ଲୋକପ୍ରିୟ ଧାରା ନଥିଲା। ସେ ନିଜର ଏକ ସ୍ୱତନ୍ତ୍ର ଗଠନ ଧାରା ତିଆରି କରିଥିଲେ। ପାଠକର ଗ୍ରହଣ କ୍ଷମତା ଉପରେ ମନୋଜଙ୍କ ଗଳ୍ପର ଉଚ୍ଚତା ଭିନ୍ନଭିନ୍ନ ହୁଏ। ସୁନିର୍ବାଚିତ ଶବ୍ଦ ଚୟନ ହିଁ ତାଙ୍କର ଏକ ବିଶେଷ ଗୁଣ। ମନୋଜ ଦାସଙ୍କ ବିଦୃପରେ କୌଣସି ହୀନମନ୍ୟତା ନଥାଏ, ଅନ୍ୟକୁ ଗୌଣ କରି ଦେଖାଇବାର ଦୁରଭିସନ୍ଧି ନଥାଏ, ବରଂ ଥାଏ କରୁଣା। ମଣିଷ ସହିତ ପଶୁ ପକ୍ଷୀ ମଧ ତାଙ୍କ ଗଳ୍ପର ଚରିତ୍ର ବୋଲି ଯଶୋଧାରା କହିଥିଲେ। ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନ Kj þúf , ସୀମାହୀନ ମନୋଜ ଦାସଙ୍କ ଯାତ୍ରା। ମନୋଜଙ୍କୁ ଭଲ ପାଉଥିବା ଲୋକ ବହୁତ। ପ୍ରବୀଣ ମନୋଜ ଓ ତରୁଣ ମନୋଜଙ୍କ ଉଦାହରଣ ଦେଇଥିଲେ। ଏହି ଅବସରରେ ଇତି ସାମନ୍ତଙ୍କ ସଂକଳିତ କାଦମ୍ବିନୀ ପ୍ରକାଶିତ 'ମନୀଶୀ ମନୋଜ' ପୁସ୍ତକ ଲୋକାର୍ପିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରିତ୍ର ମୋହନ ଦାଶ କହିଥିଲେ, ମନୋଜ ଦାସ ଜଣେ ପୂର୍ଣ୍ଣାଙ୍ଗ ସତ୍ତା। ତାଙ୍କ ଲେଖାରେ ସ୍ୱାଧୀନତା ପରବର୍ତ୍ତୀକାଳୀନ ମନୋଭାବ ପ୍ରତିଫଳିତ। ନଥିବା କଥାକୁ ନେଇ ଗଳ୍ପ ବନେଇବାର କଳାତ୍ମକତା ମନୋଜଙ୍କ ପାଖରେ ଅଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ଼ ଚନ୍ଦ୍ରଶେଖର ହୋତା, ମନୋଜ ଦାସ ସ୍ମୃତି ସଂସଦ ସମ୍ପାଦକ ଗୌତମବୁଦ୍ଧ ଦାସ ବକ୍ତବ୍ୟ ରଖିଥିବା ବେଳେ ସଂସଦର କାର୍ଯ୍ୟନିର୍ବାହୀ ସମ୍ପାଦକ ସରୋଜ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏଏମ୍/ଏନଏସ୍ ଇଣ୍ଡିଆ ପକ୍ଷରୁ ପାରାଦ୍ୱୀପରେ କୃଷି ଯନ୍ତ୍ରପାତି ପ୍ରଦାନ ମାଧ୍ୟମରେ ମହିଳା ଉତ୍ପାଦକ ଗ୍ରୁପ୍ ମାନଙ୍କୁ ପ୍ରୋତ୍ସାହନ

ପାରାଦ୍ୱୀପ, ୨୮/୨ (ନି.ପ୍ର): ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଏହାର ପ୍ରମୁଖ ସିଏସ୍ଆର୍ ପଦକ୍ଷେପ 'ବିକଳ୍ପ ଜୀବିକା ପାଇଁ ଦୀର୍ଘସ୍ଥାୟୀ କୃଷି' ମାଧ୍ୟମରେ କୁଜଙ୍ଗ ବ୍ଲକର ବରେଇ ଏବଂ ଚକ୍ରଧରପୁର ଗ୍ରାମର ମହିଳା ଉତ୍ପାଦକ ଗ୍ରୁପ୍ କୁ ଦୁଇଟି କୃଷି ସମ୍ପର୍କିତ ଯନ୍ତ୍ରପାତି ବଣ୍ଟନ ମାଧ୍ୟମରେ ଦୀର୍ଘସ୍ଥାୟୀ ଗ୍ରାମୀଣ ଜୀବିକା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି । ସ୍ଥାନୀୟ ପ୍ରକ୍ରିୟାକରଣ, ବର୍ଦ୍ଧିତ ଆୟ ସୁଯୋଗ ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ମାଧ୍ୟମରେ ମହିଳା ନେତୃତ୍ୱାଧୀନ କୃଷି ଉଦ୍ୟୋଗକୁ ସଶକ୍ତ କରିବା ପାଇଁ ଏହି ପଦକ୍ଷେପର ପରିକଳ୍ପନା କରାଯାଇଛି। ୨୧ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ ଚକ୍ରଧରପୁରର ଶ୍ରୀଧା ମହାବୀର ଉତ୍ପାଦକ ଗ୍ରୁପ୍ କୁ ଏକ କ୍ଷୁଦ୍ର ତେଲ ଉତ୍ପାଦକ ମେସିନ୍ ପ୍ରଦାନ କରାଯାଇଛି। ଏହି ମେସିନ୍ ଗ୍ରୁପ୍ କୁ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ତୈଳବୀଜ ପ୍ରକ୍ରିୟାକରଣ କରିବାରେ ସକ୍ଷମ କରିବ, ଅଧିକ ରାଜସ୍ୱ ସୁନିଶ୍ଚିତ କରିବ, ଗୁଣବତ୍ତା ନିୟନ୍ତ୍ରଣରେ ଉନ୍ନତି ଆଣିବ ଏବଂ ବାହ୍ୟ ମିଲ୍ ଉପରେ ନିର୍ଭରଶୀଳତାକୁ ମଧ ହ୍ରାସ କରିବ । ସେହିଭଳି, ୩୦ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ ବରେଇର ମା ମଙ୍ଗଳା ଭେରାଇଟି ପ୍ରଡ୍ୟୁସର ଗ୍ରୁପ୍ କୁ ଏକ ମିନି ରାଇସ୍ ମିଲ୍ ପ୍ରଦାନ କରାଯାଇଛି । ସ୍ଥାନୀୟ ଧାନ ପ୍ରକ୍ରିୟାକରଣ ସୁବିଧା ସହିତ, ଏହି ଗ୍ରୁପ୍ ବର୍ତ୍ତମାନ ଗ୍ରେଡିଂ, ମିଲିଂ ଏବଂ ପ୍ୟାକେଜିଂ ଓ ସ୍ଥାନୀୟ ବ୍ରାଣ୍ଡେଡ୍ ଉତ୍ପାଦକୁ ପ୍ରୋତ୍ସାହିତ କରିବା ସହିତ ଅତିରିକ୍ତ ରାଜସ୍ୱ ସ୍ରୋତକୁ ଉନ୍ମୁକ୍ତ କରିପାରିବ ।ଯନ୍ତ୍ରପାତି ସହାୟତା ବ୍ୟତୀତ, ଏହି ପଦକ୍ଷେପରେ କାର୍ଯ୍ୟ, ରକ୍ଷଣାବେକ୍ଷଣ, ଆର୍ଥିକ ସାକ୍ଷରତା, ବଜାର ସଂଯୋଗ ସୁବିଧା ଏବଂ ବ୍ୟବସାୟ ପରିଚାଳନା ଭଳି କ୍ଷମତା ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ଉଦ୍ୟୋଗଗୁଡ଼ିକର ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା, ପାରିବାରିକ ଆୟ ବୃଦ୍ଧି, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ସାମୂହିକ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ।ଏହି କାର୍ଯ୍ୟକ୍ରମରେ ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପାରାଦ୍ୱୀପଗଡ଼ ସରପଞ୍ଚ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ବ୍ଲକ ପ୍ରୋଗ୍ରାମ ସଂଯୋଜକ ଶ୍ରୀ ତ୍ରୈଲୋକ୍ୟ ମଲ୍ଲ, କୁଜଙ୍ଗର କୃଷି ପ୍ରଯୁକ୍ତିବିଦ୍ୟା ପରିଚାଳନା ସଂସ୍ଥା (ଏଟିଏମ୍ଏ) ବ୍ଲକ ଟେକ୍ନୋଲୋଜି ମ୍ୟାନେଜର ଶ୍ରୀ ତୁଳସୀ ମହାନ୍ତି ଏବଂ ବିଭିନ୍ନ ମହିଳା ଏସଏଚଜି ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା, ପାରାଦ୍ୱୀପ ଅଞ୍ଚଳର ୧,୦୦୦ରୁ ଅଧିକ କୃଷକ, ଜୈବିକ ଚାଷ, ଟ୍ରେଲିସ୍ ଚାଷ, ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନା, ଫାର୍ମ ପୋଖରୀ, କୃଷକ କ୍ଷେତ୍ର ବିଦ୍ୟାଳୟ ଏବଂ ପଶୁସମ୍ପଦ ପରିଚାଳନା ଭଳି ପଦକ୍ଷେପରୁ ଉପକୃତ ହୋଇଛନ୍ତି ।

# ମନୋଜ ଦାସଙ୍କ ଜୟନ୍ତୀ ପାଳିତ




ନୀଳଗିରି , ୨୮/୨ (ନି.ପ୍ର): ଆଲୋକ ଓ ଆନନ୍ଦର ମାନ୍ତ୍ରିକ ଉଚ୍ଚାରଣର ଅବିସ୍ମରଣୀୟ ପ୍ରତିଭା ପଦ୍ମଭୂଷଣ ମନୋଜ ଦାସଙ୍କର ୯୩ତମ ଜୟନ୍ତୀ ଉତ୍ସବ କବିତୀର୍ଥ ଶାନ୍ତି କାନନସ୍ଥିତ ଫକୀର ମୋହନ ସାହିତ୍ୟ ପରିଷଦର ସଭାଗୃହରେ ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ତଥା ଆଲୋଚକ ଭାବରେ ଚରମ୍ପା ମହାବିଦ୍ୟାଳୟ, ଭଦ୍ରକର ଇଂରାଜୀ ବିଭାଗ ଅଧ୍ୟାପିକା ଡ.ସୁକାନ୍ତି ମହାପାତ୍ର ଯୋଗଦାନ କରିଥିଲେ। ମନୋଜୀୟସାହିତ୍ୟ କର୍ମ ସବୁବର୍ଗର ମଣିଷପାଇଁ ପ୍ରେରଣାର ଉତ୍ସ ।ଧୈର୍ଯ୍ୟ, ସହାନୁଭୂତି,ସୃଷ୍ଟି, କ୍ଲୁଷ୍ଟି ମୂଳରେ ବ୍ୟକ୍ତିତ୍ୱର ମହତ୍ତ୍ୱକୁ ପ୍ରତିପାଦନ କରିଥାଏ ତାଙ୍କର ସତସାହିତ୍ୟ । ଚେତନାର ଉତ୍ତରଣ ଉପତ୍ୟକା, ଭାରତୀୟ ସଂସ୍କାର, ଓ ସଂସ୍କୃତିର ବାର୍ତ୍ତାବହର ପ୍ରବୁଦ୍ଧ ମନିଷୀ। ଆଲୋକ-ଅନ୍ଧାର, ବାସ୍ତବ - ଅବାସ୍ତବ, ଭୌତିକ - ଅଧିଭୌତିକ, ଇନ୍ଦ୍ରିୟ - ଇନ୍ଦ୍ରିୟାତିତ, ଇହଲୋକ ଓ ପରଲୋକାଗତ ମଧ୍ୟରେ ପାର୍ଥକ୍ୟ ନ ରଖି ସେହି ମନ୍ମୟ ବିନ୍ଧାଣି ଉତ୍ପାଦନ କରି ଚାଲିଥିଲେ ସାର୍ବଜନୀନ ସାହିତ୍ୟ ଫସଲ ଯେଉଁଥିରେ ମଣିଷ ପଣିଆର ମାନବିକ ମୂଲ୍ୟବୋଧ ପ୍ରତିଫଳିତ ହୋଇଅଛି। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ରଖିଥିବାବେଳେ ଯୁଗ୍ମ ସମ୍ପାଦକ ରାଜେଶ କୁମାର ଗିରି ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ମନୋଜ ଦାସଙ୍କ ଉପରେ ରଚିତ ସଙ୍ଗୀତକୁ ପ୍ରାରମ୍ଭରେ ସାଥୀମାନଙ୍କ ଦ୍ୱାରା ପରିବେଷଣ କରିଥିଲେ। ଶେଷରେ କଲ୍ୟାଣୀ ନନ୍ଦ ମଧ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ବହୁ ମାନ୍ୟଗଣ୍ୟ ସାରସ୍ୱତ ପ୍ରେମୀ ଏହି ଅବସରରେ ସଭାକକ୍ଷ ମଣ୍ଡନ କରିଥିଲେ।

# ସମସ୍ତ ପୂଜକ କର୍ମକାଣ୍ଡୀ ବ୍ରାହ୍ମଣମାନଙ୍କୁ ପେନସନ ଦେବାପାଇଁ ବ୍ରାହ୍ମଣ ମହାସଭାର ଦାବି



ବାରିପଦା , ୨୮/୨ (ନି.ପ୍ର): ଓଡିଶା ବ୍ରାହ୍ମଣ ମହାସଭା ମୟୁରଭଞ୍ଜ ଶାଖାର ଏକ ଜରୁରୀ ବୈଠକ ମହାସଭାର ସ୍ଥାୟୀ ସଭାପତି ଡାକ୍ତର ମହାଦେବ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ବ୍ରାହ୍ମଣ ମାନଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ବାର୍ଷିକ ସମ୍ମିଳନୀ ଓ ବନ୍ଧୁ ମିଳନ ସମ୍ପର୍କରେ ଆଲୋଚନା କରି ସମ୍ମିଳନୀ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଗରିବ ବ୍ରାହ୍ମଣ ପିଲାଙ୍କୁ ମାଗଣାରେ ବ୍ରତୋପନୟନ କରିବା ପାଇଁ ନିଷ୍ପତି ହୋଇଥିଲା ।ଅଧିକନ୍ତୁ ସମସ୍ତ ପୂଜକ କର୍ମକାଣ୍ଡି ବ୍ରାହ୍ମଣ ମାନଙ୍କୁ ସରକାର ପେନସନ ପ୍ରଧାନ କରିବା ପାଇଁ ଏକ ଦାବିପତ୍ର ରାଜ୍ୟସରକାରଙ୍କୁ ଦିଆଯିବା ପାଇଁ ପ୍ରସ୍ତାବ ନିଆଗଲା ।ପୁନଶ୍ଚ ବାର୍ଷିକ ସମ୍ମିଳନୀ ଅବସରରେ ସମାଜରେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ରାହ୍ମଣ ମାନଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ନିଷ୍ପତି ନିଆଗଲା । ଏହି ବାର୍ଷିକସମ୍ମିଳନୀ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ସଦସ୍ୟ ସର୍ବଶ୍ରୀ ସିଦ୍ଧେଶ୍ୱର ଶତପଥି, ସୁଦର୍ଶନ ଦିୱେଦି, ନୃସିଂହ ଚରଣ ପଣ୍ଡା, ବ୍ରଜକିଶୋର ଦାଶ, ନରୋତ୍ତମ ପାଣିଗ୍ରାହୀ, ସମ୍ପିତ କୁମାର ମହାପାତ୍ର, ସୋମନାଥ ମିଶ୍ର ଓ ସୁରେଶ କୁମାର ପାଣିଗ୍ରାହୀଙ୍କୁ ନେଇ ଏକ କମିଟି ଗଠନ କରାଗଲା । ଉକ୍ତ ବୈଠକ ରେ ରବୀନ୍ଦ୍ର ନାରାୟନ ରଥ, ରତ୍ନାକର ତ୍ରିପାଠୀ, ବିଜୟ କୁମାର ମହାପାତ୍ର, ସଚିନ କର, ଯଯାତି ଷଡ଼ଙ୍ଗୀ, ପ୍ରସନ୍ନ ଦିୱେଦି, ଶିବଶଙ୍କର ଶତପଥି, ଦୋଳଗୋବିନ୍ଦ ଦାଶ, ନାରାୟଣ ଦିୱେଦି, ଅଚ୍ୟୁତପ୍ରସାଦ ମହାପାତ୍ର ସମେତ ବହୁ ସଦସ୍ୟ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ହୋମଗାର୍ଡଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର, ୨୮/୨ (ନି.ପ୍ର): ଜଳେଶ୍ୱର ଥାନାରେ ହୋମଗାର୍ଡ ଭାବେ ଦୀର୍ଘ ୨୫ ବର୍ଷ କାର୍ଯ୍ୟ କରି ଜନସାଧାରଣଙ୍କୁ ପୁଲିସ ସେବା ଯୋଗାଉଥିବା ଭାସ୍କର ପ୍ରଧାନ ଆଜି ଚାକିରି ରୁ ଅବସର ନେବା ପରେ ଥାନା ପକ୍ଷରୁ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଆଇଆଇସି ଅଶୋକ କୁମାର ବାରିକ ଅଧକ୍ଷତା କରିବା ସହ ବକ୍ତବ୍ୟରେ ଭାସ୍କରଙ୍କ ସମୟାନୁବର୍ତ୍ତିତା, ନିଷ୍ଠାପରତାକୁ ପ୍ରଶଂସା କରିଥିଲ। ଏହି ଅବସରରେ ତାଙ୍କୁ ବିଭିନ୍ନ ଉପଢୌକନ ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି ସଭାରେ ଏସଆଇ ଚିରଞ୍ଜିବୀ ରାଉତ, ରାଜଲକ୍ଷ୍ମୀ ଦାସ, ଏଏସଆଇ କରନ ମାରାଣ୍ଡି, ସୃଷ୍ଟିଧର ବେହେରା, ଧିରେନ୍ଦ୍ର ସାମଲ, ପ୍ରଶାନ୍ତ କୁମାର ମଣ୍ଡଳ, ହୋମଗାର୍ଡ ସଂଘର ସଭାପତି ପ୍ରଦୀପ କୁମାର ଜେନା, କାଳିଚରଣ ପାତ୍ର, ଗଣେଶ ଚନ୍ଦ୍ର ମଣ୍ଡଳ, ପ୍ରଣତୀ ଦାସ, ସଞ୍ଜୟ କୁମାର ବେଦ, ଭୀଷ୍ମ ପୂଜାରୀ, ନବୀନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫେଲୋସିପ୍ ସ୍ୱାଧର ଗୃହ ହଲରେ ସରୋଭାଇ (ସେରାଜୁଦ୍ଦିନ୍)ଙ୍କ ସ୍ମୃତିଚାରଣ ସଭା

ଭଦ୍ରକ, ୨୮/୨ (ନି.ପ୍ର): ଫେଲୋସି ନଂଘା ମହଲାସ୍ଥ ଫେଲୋସିପ ସ୍ୱାଧର ଗୃହ ଠାରେ ସ୍ୱର୍ଗତ ସେରାଜୁଦ୍ଦିନ (ସରୋଭାଇ)ଙ୍କ ବିୟୋଗରେ ଶ୍ରୀ ଅଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ବରେଣ୍ୟ ଅତିଥି ଭାବରେ ଭଦ୍ରକ ମୁନିସିପାଲଟିର ପୌରାଧକ୍ଷା ଗୁଲମକୀ ହବିବ ଦଲ୍ୱାଜି ଯୋଗଦେଇ ସ୍ୱର୍ଗତ ଆତ୍ମା ସେକ ସିରାଜୁଦ୍ଦିନ (ସରୋ) ଭାଇଙ୍କ ଭଦ୍ରକର ଭାଇଚାର ସହରର ସମନ୍ୱୟ ରକ୍ଷା କରିବା ଦିଗରେ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ଏସ.ଏମ୍. ଫାରୁକ ପାରମ୍ଭିକ ସୂଚନା ଦେଇଥିବା ବେଳେ ସମାଜସେବୀ ସୁଧାକର ରାଉତ ମଞ୍ଚ ଆହ୍ୱାନ କରିଥିଲେ। ସମାଜସେବୀ କାସିମ ଭାଇ, ହରି ନନ୍ଦି, ଲଲାଟେନ୍ଦୁ ମହାନ୍ତି, ମୁକତି ଭାଇ, ବିଦ୍ୟାଧର ସାହୁ, ରାଧାରାଣୀ ମହାପାତ୍ର, ମୁସ୍ତାକ ଗହ୍ୱର, ରାଜ କିଶୋର ଜେନା, ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ କୈଳାଶ ମହାପାତ୍ର, ଲକ୍ଷ୍ମୀକାନ୍ତ ବାରିକ, ନସିର ବକ୍ସ, କିରଣ ଚନ୍ଦ୍ର ଗୁଇଁ, ପୂର୍ବତନ କାଉନସିଲର ଅସରଫ ଅଲ୍ଲି ଓ ଅନ୍ୟାନ ବ୍ୟକ୍ତିମାନେ ଯୋଗଦେଇ ଦିବଂଗତ ଆତ୍ମାର ସ୍ମୃତିଚାରଣ କରିଥିଲେ।

# ଶ୍ରୀ ସତ୍ୟସାଇ ଏବଂ କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ




ବୈଶିଙ୍ଗା, ୨୮/୨ (ନି.ପ୍ର): ଖୁଣ୍ଟାପୁରସ୍ଥିତ ଶ୍ରୀ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ପୌରାହିତ୍ୟରେ 'ଜାତୀୟ ବିଜ୍ଞାନ ଦିବସ' ପାଳିତ ହୋଇଯାଇଛି । ବିଜ୍ଞାନ ଶିକ୍ଷୟିତ୍ରୀ ତୃଷ୍ଣା ଦାସ ଏବଂ ରାଜନନ୍ଦିନୀ ପାତ୍ର 'ରମଣ ପ୍ରଭାବ'ର ଉଦ୍ଭାବନ ସହିତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ପ୍ରଧାନଶିକ୍ଷକଙ୍କ ସମେତ ଶୁଭସ୍ମିତା ସାମନ୍ତରାୟ, ଶୁଭଲକ୍ଷ୍ମୀ ମାଝୀ, ରାଧୁ ସିଂ, ତୁଷାରକାନ୍ତ ପାତ୍ର, ସ୍ନିଗ୍ଧା ଲେଙ୍କା ପ୍ରମୁଖ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚେତନାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁକୁନ୍ଦ ସେନାପତି, ଜ୍ୟୋତ୍ସ୍ନାରାଣୀ ଜେନା, ପ୍ରଭାତୀ ପ୍ରଧାନ, ଜୟଶ୍ରୀ ପାଢ଼ୀ, ସବିତା ବାରିକ, ସଞ୍ଜୁବାଳା ଦାସ, ଜୟନ୍ତୀ ମହାପାତ୍ର ଓ କାମିନୀକାନ୍ତ ମହାପାତ୍ର, ଦିପ୍ତୀଶଙ୍କର ପତି ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଉଭୟ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ତଟରକ୍ଷୀ ବାହିନୀର ଅଧିକାରୀଙ୍କ ଘରୁ ଚୋରି

ଭୁବନେଶ୍ୱର, ୨୮/୨ (ନି.ପ୍ର): ତଟରକ୍ଷୀ ବାହିନୀର ଅଧିକାରୀଙ୍କ ଘରୁ ଚୋରି ହୋଇଛି । ଏସି ମେକାନିକ ନେଇଯାଇଛି ଦୁଇଟି ସୁନାଚେନ ଓ ୬୦ହଜାର ଟଙ୍କା । ପୋଖରିପୁଟ୍‌ରେ ରହୁଥିବା ତଟରକ୍ଷୀ ବାହିନୀର ଜଣେ ଅଧିକାରୀଙ୍କ ଘରୁ ଚୋରି ହୋଇଛି । ତାଙ୍କ ଘରୁ ଦୁଇଟି ସୁନାଚେନ୍, ନଗଦ ୬୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଛି । ଏନେଇ ସମ୍ପୃକ୍ତ ଅଧିକାରୀ ଚନ୍ଦୁ ଏସ୍ ରାଜ ଥାନାରେ ଅଭିଯୋଗ କରିଛନ୍ତି । ଏୟାରପୋର୍ଟ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

**DECLARATION**
**FORM-IV**
**(See Rule-8)**

Statement of ownership and other particulars about newspaper **"THE DHWANIPRATIDHWANI"**

1. Place of Publication : Balasore
2. Periodicity of its Publication : Daily
3. Printers Name : Sairindhree Sahoo
   Nationality : Indian
   Address : Jail Road, Po/Dist Balasore, Odisha
4. Editor's Name : Sairindhree Sahoo
   Nationality : Indian
   Address : Jail Road, Po/Dist Balasore, Odisha
5. Name and address of individuals who own the news paper and partners or share holders holding more than one percent of the total Capital.

I, Sairindhree Sahoo, hereby declare that the particulars given above are true to the best of my knowledge and belief.

**Sairindhree Sahoo**
Signature of the Publisher

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ଲକ୍ଷ୍ମୀ'




ଉଦଳା, ୨୮/୨ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ବଡ଼ଶୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ମଙ୍ଗଲ ହାଁସଦାଙ୍କର ଦେହାନ୍ତ ହୋଇଯିବାପରେ ଆଜକୁ ୩ବର୍ଷ ଧରି ତାଙ୍କର ସହଧର୍ମିଣୀ ଲକ୍ଷ୍ମୀ ହାଁସଦା ବିଧବା ଜୀବନ ବିତାଉଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ଲକ୍ଷ୍ମୀ' ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇଦେଉଥିବା ଭତା ଏପର୍ଯ୍ୟନ୍ତ ପାଇପାରି ନାହାଁନ୍ତି । ଏ ବାବଦରେ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର, ଆଧାର କାର୍ଡ଼ ସବୁକିଛି ଠିକଠାକ ଥିବା ସ୍ୱତେ ଉକ୍ତ ଆଦିବାସୀ ମା' ଜଣକ କାହିଁକି ଭତା ପାଇପାରୁ ନାହାଁନ୍ତି ତାହା ଅନେକ ପ୍ରଶ୍ନ କରିଛନ୍ତି । ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ନୀରବ ରହିବା ଫଳରେ ଏପରି ଦୃଶ୍ୟ ଦେଖିବାକୁ ବହୁଳ ଭାବରେ ମିଳୁଛି ବୋଲି ବହୁ ଜ୍ଞାନିଗୁଣି ଲୋକେ ମତ ଦେଇଛନ୍ତି ।

# ଓଡ଼ିଶା ଫେରିଲେ ଥାଇଲାଣ୍ଡରେ ଫସିଥିବା ୬ ଯୁବକ

ଭୁବନେଶ୍ୱର, ୨୮/୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଥାଇଲାଣ୍ଡରେ ଫସି ରହିଥିବା ୬ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ଜଣ ଓଡ଼ିଆ ଯୁବକଙ୍କୁ ଫେବୃଆରୀ ୨ ରିଖରେ ଓଡ଼ିଶାକୁ ଫେରାଇ ଅଣାଯାଇଥିଲା। ଆଜି ଅନ୍ୟ ୨ଜଣ ଓଡ଼ିଆ ଯୁବକ ଥାଇଲାଣ୍ଡରୁ ଆସି ଓଡ଼ିଶାରେ ପହଂଚିଛନ୍ତି। ସେମାନେ ହେଲେ – କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଉପୁଳାଇ ଗ୍ରାମର ବାସିନ୍ଦା ପ୍ରଶାନ୍ତ କୁମାର ରାଉତ ଏବଂ କୁଜିପୁର ଗ୍ରାମର ବାସିନ୍ଦା ଯଶୋବନ୍ତ ସାହୁ। ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ୫ଜଣ ଯୁବକ– ବିଜୟ କୁମାର ସ୍ୱାଇଁ, ହେମନ୍ତ କୁମାର ବେହେରା, ଜୟନ୍ତ କୁମାର ମଲ୍ଲିକ, ଯଶୋବନ୍ତ ସାହୁ, ପ୍ରଶାନ୍ତ କୁମାର ରାଉତ ଏବଂ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ବାସିନ୍ଦା ମନରଞ୍ଜନ ସାହୁ ବିଗତ ୨୦୨୫ ମସିହା ଅଗଷ୍ଟ ମାସରେ ଥାଇଲାଣ୍ଡର ଏକ ପ୍ଲାଏଉଡ଼ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Editor: Sairindhree Sahoo
❒ Managing & Executive Editor : Srustidhar Parida